ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 1/2025 Page 16 ₹ 7.00
୫୧ଶ ଭାଗ ୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 69 ମୂଲ୍ୟ ₹୭/-


## ଏପର୍ଯ୍ୟନ୍ତର
# ସବୁଠାରୁ ବଡ଼ ଡିସ୍‌କାଉଣ୍ଟ ସେଲ୍!

## ଐତିହାସିକ ସେଲ୍ @ ଦ କ୍ରାଉନ୍ ହୋଟେଲ୍, ଭୁବନେଶ୍ୱର
## ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ ଏବଂ ଜୋତା ସିଧାସଳଖ ଫ୍ୟାକ୍ଟ୍ରିରୁ

ଗାର୍ମେଣ୍ଟ ଉଦ୍ୟୋଗରେ ଚାଲିଥିବା ମାନ୍ଦାବସ୍ଥା କାରଣରୁ, ବିଶ୍ୱସାରା ଆମର ସମସ୍ତ ଆଉଟଲେଟ୍ ବନ୍ଦ ହୋଇଯାଇଛି ।
ବର୍ତ୍ତମାନ, ଆମର **୨୦୨୪ର ବକ୍ସ ପ୍ୟାକ୍ କଲେକ୍ସନ୍‌କୁ**
**୮୦% ଡିସ୍‌କାଉଣ୍ଟ** ସହିତ ମାତ୍ର ୪ ଦିନରେ ବିକ୍ରି କରିବା ଆବଶ୍ୟକ ହେଉଛି ।

**ବିଶ୍ୱସ୍ତରରେ ଆମର ସେଲ୍‌ର ବିଶାଳ ସଫଳତା ପରେ**
**ଏବେ ଭାରତରେ ପ୍ରଥମଥର ପାଇଁ ଭୁବନେଶ୍ୱର ସହରରେ**






**ନାମୀଦାମୀ ବ୍ରାଣ୍ଡର ଗାର୍ମେଣ୍ଟ ଓ ଜୋତା ବିଶାଳ ଡିସ୍‌କାଉଣ୍ଟ ସହିତ**
ଉପରୋକ୍ତ ସମସ୍ତ ଅନ୍ତର୍ଜାତୀୟ ବ୍ରାଣ୍ଡର ରେଡିମେଡ୍ ଗାର୍ମେଣ୍ଟଗୁଡ଼ିକ ନିମ୍ନଦର୍ଶିତ ରିହାତି ଦରରେ ବିକ୍ରି କରାଯିବ:

ଟ.୨୦୦୦–୯୦୦୦ ମୂଲ୍ୟର ମେନ୍‌ସ ସାର୍ଟ୍‌ସ ..........................ମାତ୍ର **ଟ.୧୨୦୦/-** ରେ
ଟ.୨୦୦୦–୪୦୦୦ ମୂଲ୍ୟର ଲେଡିଜ୍ କୂର୍ତ୍ତି .............................. ମାତ୍ର **ଟ.୬୦୦/-** ରେ
ଟ.୧୫୦୦–୨୦୦୦ ମୂଲ୍ୟର କିଡ୍‌ସ ଗାର୍ମେଣ୍ଟସ୍ ................ ମାତ୍ର **ଟ.୩୦୦ – ୬୦୦/-** ରେ
ଟ.୨୦୦୦–୬୦୦୦ ମୂଲ୍ୟର ଲେଡିସ୍ ମିକ୍ସ ଗାର୍ମେଣ୍ଟସ୍ ....... ମାତ୍ର **ଟ.୩୦୦ – ୬୦୦/-** ରେ
ଟ.୨୦୦୦–୬୦୦୦ ମୂଲ୍ୟର ମେନ୍‌ସ ଟି–ସାର୍ଟ୍‌ସ .............. ମାତ୍ର **ଟ.୬୦୦ – ୮୦୦/-** ରେ
ଟ.୩୯୦୦–୯୮୦୦ ମୂଲ୍ୟର ମେନ୍‌ସ ବ୍ରାଣ୍ଡେଡ୍ ଜିନ୍‌ସ ............... ମାତ୍ର **ଟ.୧୫୦୦/-** ରେ
ଟ.୨୦୦୦–୪୦୦୦ ମୂଲ୍ୟର ଲେଡିଜ୍ ବ୍ରାଣ୍ଡେଡ୍ ଜିନ୍‌ସ ................ ମାତ୍ର **ଟ.୬୦୦/-** ରେ

୪୫ରୁ ଅଧିକ କାଉଣ୍ଟରରେ ପ୍ରଦର୍ଶିତ ହେଉଛି ୩୦,୦୦୦+ ଗାର୍ମେଣ୍ଟସ୍

**ସ୍ପେଶାଲ କାଉଣ୍ଟର:** ପୁରୁଷଙ୍କ ପାଇଁ ବିଭିନ୍ନ ଭେରାଇଟିର ମିଶ୍ରିତ ବ୍ରାଣ୍ଡର ଜୋତା
ମୂଳ ମୂଲ୍ୟ ଟ.୨୦୦୦/–ରୁ ୧୨,୦୦୦/–, ଏବେକାର ବିକ୍ରି ମୂଲ୍ୟ ଟ.୮୦୦/–ରୁ ଟ.୧,୮୦୦/–

**ସେଲ୍ ୪ ଦିନ ପାଇଁ – ଶନିବାରରୁ ମଙ୍ଗଳବାର: ୧ରୁ ୪ ଫେବୃଆରୀ**

Venue :
# The Crown Hotel, Bhubaneswar - IHCL SeleQtions
## ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧୦୧୫

• ମାଗଣା – ପ୍ରବେଶ ଓ ପାର୍କିଂ • ସମୟ: ପୂର୍ବାହ୍ନ ୧୦ରୁ ରାତି ୯ଟା • କ୍ରେଡିଟ୍ କାର୍ଡ ଗ୍ରହଣଯୋଗ୍ୟ • ଷ୍ଟକ୍ ବିକ୍ରି ହୋଇଯିବା ପରେ କାଉଣ୍ଟର ବନ୍ଦ କରିଦିଆଯିବ

nikitamedia.in

**ବିମାନ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ୨ ଭାରତୀୟ ବଂଶୋଦ୍ଭବ**

ଆମେରିକା ଏୟାରଲାଇନ୍ସ ବିମାନକୁ ବୁଧବାର ରାତିରେ ଏକ ସେନା ହେଲିକପ୍ଟର ଧକ୍କା ଦେବାରୁ ୬୭ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଭାରତୀୟ ବଂଶୋଦ୍ଭବ ରହିଥିବା ଜଣାପଡ଼ିଛି। ସେମାନେ ହେଲେ ଜିଇ ଏରୋସ୍ପେସ୍ ଇଞ୍ଜିନିୟର ବିକାଶ ପଟେଲ ଏବଂ ୱାଶିଂଟନ ଡିସିର କନ୍ସଲ୍ଟାଣ୍ଟ ଅସ୍ରା ହୁସେନ୍ ରାଜା। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଆମେରିକା ଏୟାରଲାଇନ୍ସର ଫ୍ଲାଇଟ୍ ୫୩୪୨ରେ ସେମାନେ ଥିଲେ।

# ଟ୍ରମ୍ପଙ୍କ ଟାରିଫ୍ ଆତଙ୍କ

## ଆଜିଠୁ ମେକ୍ସିକୋ, ଚାଇନା, କାନାଡା ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ

**ବାଇଡେନ୍ ପ୍ରଶାସନର ଭୁଲ୍ ଆର୍ଥିକ ପରିଚାଳନା ଯୋଗୁ ଆମେରିକା ଅର୍ଥନୀତି କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଅନେକ ବିତ୍ତୀୟ ସଂସ୍କାର ପଦକ୍ଷେପର ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିଲେ। ଜାନୁଆରୀ ୨୦ରେ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥନେବା ପରଠୁ ଜାତୀୟ ସ୍ୱାର୍ଥର ଦ୍ୱାହିଦେଇ ଗୋଟିଏ ପରେ ଗୋଟିଏ ଏକ୍ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଚାଲିଛନ୍ତି। ତନ୍ମଧ୍ୟରେ ରହିଛି ଟାରିଫ୍ ଅର୍ଡର, ଯାହାକୁ ନେଇ ଅନ୍ୟ ଦେଶଗୁଡ଼ିକ ଆତଙ୍କିତ ହୋଇଯାଇଛନ୍ତି। ଭାରତ ଓ ବ୍ରାଜିଲକୁ ଟାରିଫ୍ ଭୟ ଦେଖାଇବା ସହ ଟ୍ରମ୍ପ ଚାଇନା, କାନାଡା ଓ ମେକ୍ସିକୋ ଉପରେ କଠୋର ହୋଇଛନ୍ତି। ଫଳରେ ଆମେରିକା ସହ ଏହି ଦେଶଗୁଡ଼ିକର ଟ୍ରେଡ୍ ୱାର ବା ବାଣିଜ୍ୟ ଯୁଦ୍ଧ ଚାଲିବା ନେଇ ଆଶଙ୍କା ପ୍ରକାଶ ପାଇଛି।**



ୱାଶିଂଟନ୍,୩୧।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାୟ ସପ୍ତାହେ ତଳେ ମେକ୍ସିକୋ, କାନାଡା ଓ ଚାଇନା ସମେତ କେତେକ ବାଣିଜ୍ୟିକ ସହଯୋଗୀଙ୍କ ଉପରେ ଅଧିକ ଟାରିଫ୍ ଲଗାଇବା ନେଇ ନିଜ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ତଦନୁଯାୟୀ ଶନିବାର (ଫେବୃଆରୀ ୧)ଠାରୁ କାନାଡା, ମେକ୍ସିକୋ ଓ ଚାଇନାରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ କଷାଯିବ। କେବଳ ଏତିକି ନୁହେଁ, ମାର୍ଚ୍ଚ ୧ରୁ ଟ୍ରମ୍ପ ଆହୁରି ନୂଆ ଟାରିଫ୍ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

ଆମେରିକାର ଘରୋଇ ବିନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରମ୍ପ ପ୍ରଶାସନର ଏହା ଏକ ରଣନୀତି। ତେବେ ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ନେଇ ବୈଶ୍ୱିକ ସ୍ତରରେ ନାନା ପ୍ରତିକ୍ରିୟା ସୃଷ୍ଟି ହେବାରେ ଲାଗିଛି। ବିଶେଷକରି ସମ୍ଭାବ୍ୟ ଆର୍ଥିକ କାରବାରରେ ବାଧା ଉପୁଜିବା ନେଇ ଅନେକ ଦେଶ ଆଶଙ୍କା ବ୍ୟକ୍ତ କରୁଛନ୍ତି। ଉଦାହରଣ ସ୍ୱରୂପ ଚାଇନା, ମେକ୍ସିକୋ ଓ ବ୍ରିଟେନ୍‌ର କମ୍ପାନୀଗୁଡ଼ିକ ଏହି ଟାରିଫର ପ୍ରଭାବକୁ ସାମ୍ନା କରିବେ। କାରଣ ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ପାଇବ। ଆମେରିକାରେ ଅଟୋମେଟିଭ୍ ମାନୁଫାକ୍ଚରିଂ ଭଳି ଶିଳ୍ପଗୁଡ଼ିକ ଏଥିରୁ ଲାଭାନ୍ୱିତ ହେବେ। ଡେଟ୍ରୋଇଟ୍‌ର କାର୍ ନିର୍ମାତା ଘରୋଇ ଉତ୍ପାଦନ ବୃଦ୍ଧିକରି ଅଧିକ ଲାଭ ପାଇବା ନେଇ ଆଶାବାଦୀ।

ଅନ୍ୟପକ୍ଷେ ହାଉସ୍ ସ୍ପିକର ମାଇକ୍ ଜନ୍‌ସନ ସବୁ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ପରିବର୍ତ୍ତେ କେତେକ ନିର୍ଦ୍ଦିଷ୍ଟ ଅସାଧୁ କାରବାରକୁ ଟାର୍ଗେଟ କରାଯାଇଥିଲେ ଭଲ ହୋଇଥାନ୍ତା ବୋଲି ସେ ମତ ଦେଇଛନ୍ତି। ଅର୍ଥନୀତିଜ୍ଞ ଓ ବିଜ୍‌ନେସ ଲିଡରମାନେ ଏଥିଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି, ଋଣ ପରିମାଣ ବଢ଼ିବା ଏବଂ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା ଭଳି ନକାରାତ୍ମକ ପ୍ରଭାବକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

## ଲୋକ ସଭା ନିର୍ବାଚନରେ ଭାଜପାର ବ୍ୟୟ ୧,୭୩୭ କୋଟି

ନୂଆଦିଲ୍ଲୀ,୩୧।୧

୨୦୨୪ଲୋକସଭା ନିର୍ବାଚନରେ ଭାଜପା ୧,୭୩୭.୬୮ କୋଟି ଟଙ୍କା ବ୍ୟୟ କରିଛି। ନିର୍ବାଚନ କମିଶନଙ୍କ ନିକଟରେ ଶାସକ ଦଳ ଦାଖଲ କରିଥିବା ବ୍ୟୟ ରିପୋର୍ଟରୁ ଏହା ଜଣାପଡ଼ିଛି। ଦଳର ପ୍ରଚାରରେ ମୋଟାମୋଟି ୮୮୪.୪୫ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଖର୍ଚ୍ଚ ବାବଦରେ ୮୫୩.୨୩ କୋଟି ଟଙ୍କା ଦିଆଯାଇଥିଲା। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ, ଏସ୍‌ଏମ୍‌ଏସ୍ କ୍ୟାମ୍ପେନ୍, କେବୁଲ, ୱେବ୍‌ସାଇଟ୍ ଏବଂ ଟିଭି ଚ୍ୟାନେଲରେ ପ୍ରଚାରଧର୍ମୀ ବିଷୟବସ୍ତୁର ପ୍ରସାରଣ ଲାଗି ୬୧୧.୫୦ କୋଟି, ପୋଷ୍ଟର, ବ୍ୟାନର, ହୋର୍ଡିଂ, ପତାକା ଆଦି ପ୍ରଚାର ସାମଗ୍ରୀ ବାବଦରେ ୫୫.୭୫ କୋଟି ଟଙ୍କା ଏବଂ ସଭା, ଶୋଭାଯାତ୍ରା, ରାଲି ଆୟୋଜନ, ବ୍ୟାରିକେଡ୍, ଯାନ ଆଦି ବାବଦରେ ୧୯.୮୪ କୋଟି ଟଙ୍କା ବ୍ୟୟ ହୋଇଥିଲା। ତାରକା ପ୍ରଚାରକମାନଙ୍କ ଗସ୍ତରେ ୧୬୮.୯୨ କୋଟି ଓ ଅନ୍ୟ ନେତାମାନଙ୍କ ଗସ୍ତ ବାବଦରେ ୨.୫୩ କୋଟି ବ୍ୟୟ ହୋଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଘରୋଇ ସଂସ୍ଥା ଆଧାର ପ୍ରମାଣୀକରଣ ବ୍ୟବହାର କରିପାରିବେ

**ନିୟମ ସଂଶୋଧନ କଲା କେନ୍ଦ୍ର**

ନୂଆଦିଲ୍ଲୀ,୩୧।୧(ପି.ଟି.)

ଘରୋଇ ସଂସ୍ଥାଗୁଡ଼ିକ ସେମାନଙ୍କ ସେବା ପ୍ରଦାନ ପାଇଁ ଆଧାର ପ୍ରମାଣୀକରଣକୁ ବ୍ୟବହାର କରିପାରିବେ। କେନ୍ଦ୍ର ସରକାର ଆଧାର ଆଇନରେ ସଂଶୋଧନ କରି ଏଥିପାଇଁ ଅନୁମତି ଦେଇଛନ୍ତି। ଆଧାର ଆଇନର ଧାରା ୫୭ର ଦୁରୁପଯୋଗ ହୋଇପାରେ ବୋଲି ସୁପ୍ରିମକୋର୍ଟ ୨୦୧୮ ସେପ୍ଟେମ୍ବରରେ କହିଥିଲେ। ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାଗୁଡ଼ିକ ଆଧାର ପ୍ରମାଣୀକରଣ ବ୍ୟବହାର କରିବାକୁ ଏହି ଧାରା କ୍ଷମତା ଦେଇଛି। ସରକାର ଶୁକ୍ରବାର ଜାରି କରିଥିବା ସୁଶାସନ (ସାମାଜିକ କଲ୍ୟାଣ, ନବପ୍ରବର୍ତ୍ତନ, ଜ୍ଞାନ) ପାଇଁ ଆଧାର ପ୍ରମାଣୀକରଣ ସଂଶୋଧନ ନିୟମାବଳୀ, ୨୦୨୫ ବିଜ୍ଞପ୍ତି ଅନୁଯାୟୀ, ଘରୋଇ ସଂସ୍ଥାଗୁଡ଼ିକୁ ସେମାନଙ୍କ ଅନୁମୋଦିତ ପ୍ରସ୍ତାବକୁ ଭିତ୍ତିକରି ଆଧାର ପ୍ରମାଣୀକରଣ ଅନୁମତି ଦିଆଯିବ।

## ବ୍ରିକ୍ସ ରାଷ୍ଟ୍ରଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ

**ବିକଳ୍ପ ମୁଦ୍ରାରେ କାରବାର କଲେ ୧୦୦% ଟାରିଫ୍**

ୱାଶିଂଟନ,୩୧।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ କଡ଼ା ଧମକ ଦେଇଛନ୍ତି। ସେମାନେ ଅନ୍ତର୍ଜାତୀୟ ବାଣିଜ୍ୟରେ ଯଦି ଡଲାର ଭିନ୍ନ ଅନ୍ୟ ବିକଳ୍ପ ମୁଦ୍ରା କାରବାର କରନ୍ତି, ତେବେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ କହିବା ସହ ଉକ୍ତ ରାଷ୍ଟ୍ରଗୁଡ଼ିକ ଆଉ ଏକ ଶୋଷଣକାରୀ ରାଷ୍ଟ୍ର ଖୋଜନ୍ତୁ ବୋଲି ଟ୍ରମ୍ପ କହିଛନ୍ତି। ବ୍ରିକ୍ସରେ ଏବେ ୧୦ଟି ରାଷ୍ଟ୍ର ବ୍ରାଜିଲ, ରୁଷିଆ, ଭାରତ, ଚାଇନା, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ରହିଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ଡଲାରଠାରୁ ଦୂରେଇଯିବାକୁ ଉଦ୍ୟମ କରୁଥିବାବେଳେ ଆମେ ଛିଡ଼ାହୋଇ ଲକ୍ଷ୍ୟ କରିବା ସମୟ ଅତିବାହିତ ହୋଇଯାଇଛି। ଆମକୁ ଏହାର ବିରୋଧରେ କଠୋର ପଦକ୍ଷେପ ନେବାକୁ ହେବ ବୋଲି ଟ୍ରମ୍ପ ନିଜ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଚେତାବନୀ ଦେଇଛନ୍ତି। ପ୍ରଭାବଶାଳୀ ଡଲାର ସ୍ଥାନରେ ଅନ୍ୟ ମୁଦ୍ରା କିମ୍ବା ନୂଆ ବ୍ରିକ୍ସ ମୁଦ୍ରା ନ କରିବା ପାଇଁ ଆମେ ଉକ୍ତ ଦେଶଗୁଡ଼ିକଠାରୁ ପ୍ରତିଶ୍ରୁତି ଚାହୁଁ। ନଚେତ୍ ସେମାନଙ୍କୁ ୧୦୦ ପ୍ରତିଶତ ଟାରିଫ୍‌ର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଆମେରିକାରେ କାରବାର କରିବାରୁ ବିଦାୟ ନେବା ଆଶା କରିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷେ ଏଭଳି କୌଣସି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉ ନ ଥିବାରୁ ଟ୍ରମ୍ପଙ୍କ ଚେତାବନୀକୁ କଂଗ୍ରେସ ଏମ୍‌ପି ଶଶୀ ଥରୁର ଏକ ଫମ୍ପା ଧମକ ବୋଲି ଅଭିହିତ କରିଛନ୍ତି।

## ନିର୍ବାଚନର ଭିଡିଓ କ୍ଲିପ୍ ସଂରକ୍ଷିତ ରଖ

**ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୩୧।୧(ପି.ଟି.)

ନିର୍ବାଚନ ନିୟମରେ ସଂଶୋଧନକୁ ନେଇ ବିବାଦ ଦେଖାଦେଇଥିବାବେଳେ ଭୋଟ ସମୟର ଭିଡିଓ କ୍ଲିପ୍‌ଗୁଡ଼ିକୁ ସଂରକ୍ଷିତ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଥ୍ ପ୍ରତି ଭୋଟର ସଂଖ୍ୟା ୧,୨୦୦ରୁ ୧,୫୦୦କୁ ବୃଦ୍ଧି ନିଷ୍ପତ୍ତି ବିରୋଧରେ ଆବେଦନ ବିଚାରାଧୀନ ଥିବାରୁ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ଇନ୍ଦୁ ପ୍ରକାଶ ସିଂ ଦାଏର କରିଥିବା ଏକ ଜନସ୍ୱାର୍ଥ ମାମଲା ଉପରେ ଜବାବ ରଖିବା ପାଇଁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ୩ ସପ୍ତାହ ସମୟ ଦେଇଛନ୍ତି। ଭୋଟକେନ୍ଦ୍ରଗୁଡ଼ିକରେ ଭୋଟର ସଂଖ୍ୟା ବଢ଼ାଇବା ପାଇଁ ଗତବର୍ଷ ଅଗଷ୍ଟରେ ଏକ କମିଟିର ସୁପାରିସ୍‌କୁ ସିଂ ଚ୍ୟାଲେଞ୍ଜ କରିଥିଲେ। ବୁଥ୍ ପ୍ରତି ଭୋଟର ସଂଖ୍ୟା ବଢ଼ାଇବାକୁ ସେ ମନମାନି କହିବା ସହ ଏହା କୌଣସି ତଥ୍ୟ ଆଧାରିତ ନ ଥିବା ଜଣାଇଥିଲେ। ମାମଲା ବିଚାରାଧୀନ ଥିବାରୁ ସିସିଟିଭି ରେକର୍ଡିଂକୁ ସଂରକ୍ଷିତ ରଖିବାକୁ ଅଦାଲତ ଇସିଆଇକୁ କହିଛନ୍ତି।



ପ୍ରୟାଗରାଜ ମହାକୁମ୍ଭ ମେଳାରେ ଶୁକ୍ରବାର ନାଗା ସାଧୁ ଅଜିତ ଗିରିଜୀ ମହାରାଜଙ୍କ ବେଶ ଶ୍ରଦ୍ଧାଳୁଙ୍କୁ ଆମୋଦିତ କରିଛି।

## ମହାକୁମ୍ଭ ଚଲାଚକଟାର ନ୍ୟାୟିକ ତଦନ୍ତ ଆରମ୍ଭ

ପ୍ରୟାଗରାଜ,୩୧।୧(ପି.ଟି.)

ମହାକୁମ୍ଭ ଦଳାଚକଟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୩ ସଦସ୍ୟ ବିଶିଷ୍ଟ କମିଶନ ପ୍ରୟାଗରାଜର ଦଳାଚକଟା ସ୍ଥାନକୁ ଯାଇ ଅନୁଧ୍ୟାନ କରିବା ସହ ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟିଛନ୍ତି। ଏଥିସହ କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା, ତାହାର ତଥ୍ୟ ସଂଗ୍ରହ କରିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାରଙ୍କ ନେତୃତ୍ୱରେ ଗଠିତ କମିଶନରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଭି.କେ. ଗୁପ୍ତା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡି.କେ. ସିଂ ସଦସ୍ୟ ରହିଛନ୍ତି। ମୌନି ଅମାବାସ୍ୟା ଅବସରରେ ଅମୃତ ସ୍ନାନ ବେଳେ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ଆହତ ହୋଇଥିଲେ।

## ମହାମଣ୍ଡଳେଶ୍ୱର ପଦବୀରୁ ମମତା କୁଲକର୍ନୀ ବହିଷ୍କୃତ

ମହାକୁମ୍ଭ ନଗର,୩୧।୧

ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ମମତା କୁଲକର୍ନୀଙ୍କୁ କିନ୍ନର ଆଖଡ଼ା ଶୁକ୍ରବାର ମର୍ଯ୍ୟାଦାଜନକ ମହାମଣ୍ଡଳେଶ୍ୱର ପଦବୀରୁ ବହିଷ୍କାର କରିଛି। ମମତାଙ୍କ ସମେତ ତାଙ୍କ ଗୁରୁ ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ମଧ୍ୟ ଉକ୍ତ ଆଖଡ଼ାରୁ ବହିଷ୍କାର କରାଯାଇଥିବା ଜୁନା ଆଖଡ଼ା ପକ୍ଷରୁ ଘୋଷଣା କରାଯାଇଛି। ଧର୍ମୀୟ ସଂଗଠନରେ ଆଭ୍ୟନ୍ତରୀଣ ଉତ୍ତେଜନା ବଢ଼ିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମମତାଙ୍କୁ ଗତ ସପ୍ତାହରେ



ମହାମଣ୍ଡଳେଶ୍ୱର ନିଯୁକ୍ତ କରାଯିବା ପରେ ବିବାଦ ଆରମ୍ଭ ହୋଇଥିଲା। ମମତାଙ୍କ ଅତୀତ ପ୍ରସଙ୍ଗ ଉଠାଇ ତାଙ୍କ ନିଯୁକ୍ତିକୁ ନେଇ ଅନେକେ ପ୍ରଶ୍ନ ଉଠାଇଥିଲେ। ସଂଗଠନରେ ମତାନ୍ତର ବଢ଼ିବାରୁ ତାଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ପୋଲିସ ଯୋଗୁ ଭାଙ୍ଗିଲା ବାହାଘର

ମୁମ୍ବାଇ, ୩୧।୧

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ଆକ୍ରମଣ ଘଟଣାରେ କିଛି ଦିନ ତଳେ ମୁମ୍ବାଇ ପୋଲିସ ଛତିଶଗଡ଼ର ଦୁର୍ଗରୁ ୩୧ ବର୍ଷୀୟ ଆକାଶ କନୋଜିଆଙ୍କୁ ସନ୍ଦିଗ୍ଧ ଭାବି ଅଟକ ରଖିବା ସହ ପଚରାଉଚରା କରିଥିଲା। ତେବେ ଏହାର ଦିନକ ପରେ ସୈଫ୍‌ଙ୍କୁ ଆକ୍ରମଣରେ ଆକାଶଙ୍କ ଭୂମିକା ନ ଥିବା ସ୍ପଷ୍ଟ ହେବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ମୁମ୍ବାଇ ପୋଲିସର ଏହି ଭୁଲ୍ ତାଙ୍କ ଜୀବନକୁ ପ୍ରଭାବିତ କରିଛି ବୋଲି ଗୁରୁବାର ଆକାଶ କହିଛନ୍ତି। ପୋଲିସର ଅନାବଶ୍ୟକ କାର୍ଯ୍ୟାନୁଷ୍ଠାନ ଯୋଗୁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିବା ସହ ତାଙ୍କ ବିବାହ ପ୍ରସ୍ତାବ ମଧ୍ୟ ଭାଙ୍ଗିଯାଇଥିବା ଆକାଶ କହିଛନ୍ତି। ସୈଫ୍‌ଙ୍କୁ ଛୁରାମାଡ଼ ଘଟଣାରେ ସମ୍ପୃକ୍ତି



ଆକାଶ କନୋଜିଆ

ନ ଥାଇ ମଧ୍ୟ ପୋଲିସ ତାଙ୍କ ଫଟୋକୁ ଗଣମାଧ୍ୟମକୁ ଦେଇଥିଲା। ଫଳରେ ତାଙ୍କ ଫଟୋ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଓ ଗଣମାଧ୍ୟମରେ ସୈଫଙ୍କ ଆକ୍ରମଣକାରୀ ଭାବେ ଭାଇରାଲ

**ସୈଫଙ୍କ ଆକ୍ରମଣକାରୀ ଭାବେ ଫଟୋ ଭାଇରାଲ**

ହେବାରେ ଲାଗିଥିଲା। ସେ ପୂର୍ବରୁ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତେବେ ଏହି ଘଟଣା ପରେ ତାଙ୍କ ଚାକିରି ଚାଲିଯାଇଥିବା ଆକାଶ କହିଛନ୍ତି। ସେହିପରି ଘଟଣା ପୂର୍ବରୁ ତାଙ୍କର ବିବାହ ଠିକ୍ ହୋଇଯାଇଥିଲା। ସୈଫ୍‌ଙ୍କ ଆକ୍ରମଣକାରୀ ହୋଇଥିବା ନେଇ ବହୁଳ ଭାବରେ ପ୍ରଚାରପ୍ରସାର ହେବାରୁ କନ୍ୟା ପକ୍ଷ ପରେ ଉକ୍ତ ବିବାହ ପ୍ରସ୍ତାବକୁ ଭାଙ୍ଗି ଦେଇଥିଲେ। ସେହିପରି ଉକ୍ତ ଘଟଣା ପରେ ବନ୍ଧୁ ଓ ସମ୍ପର୍କୀୟମାନେ ମଧ୍ୟ ତାଙ୍କ ସହ କଥା ହେବାକୁ ଓ ମିଶିବାକୁ ଦ୍ୱିଧା ପ୍ରକାଶ କରୁଥିବା ଆକାଶ କହିଛନ୍ତି।

## ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ବୁଲାଇଲେ

ଅହମଦାବାଦ,୩୧।୧

ଗୁଜରାଟର ଡାହୋଡ୍ ଜିଲାରେ ଗତ ୨୮ ତାରିଖରେ ଜଣେ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ମୋଟରସାଇକେଲ୍‌ରେ ବାନ୍ଧି ଧଲସିମାଲ ଗାଁ ସାରା ବୁଲାଇଥିଲେ। ଏହି ଘଟଣାରେ ପୋଲିସ ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ମହିଳାଙ୍କୁ ଅପହରଣ କରିନେଇ ନିର୍ଯାତନା ଦେବା ସହ ଏହାକୁ ରେକର୍ଡ କରାଇ ସୋସିଆଲ ମିଡିଆରେ ଶେୟାର କରିଥିଲେ। ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଅଟକ ରଖିଥିବା ସ୍ଥାନରୁ ଉଦ୍ଧାର କରାଯାଇଛି। ଗିରଫ ମହିଳାମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବା ସହ ପିଲାଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା। ୪ ପୁରୁଷ ଅଭିଯୁକ୍ତଙ୍କୁ ପୋଲିସ ହାଜତରେ ରଖାଯାଇଛି।

## ଦୁର୍ଘଟଣାରେ ମହାକୁମ୍ଭ ଫେରନ୍ତା ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଗାଜିପୁର,୩୧।୧

ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳାରେ ଯୋଗଦେଇ ଶ୍ରଦ୍ଧାଳୁମାନେ ଶୁକ୍ରବାର ଏକ ଗାଡ଼ିରେ ଫେରୁଥିବାବେଳେ ଗାଜିପୁରଠାରେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ କେତେଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଗାଜିପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିକ୍ ଅପ୍ ଭ୍ୟାନ୍‌ରେ ପ୍ରାୟ ୨୦ ଜଣ ଶ୍ରଦ୍ଧାଳୁ ଥିଲେ। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇବାରୁ ଏହା ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜିଲାପାଳ ଏବଂ ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀ



ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ମହାକୁମ୍ଭରେ ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ ଜଣ ଆହତ ହୋଇଥିଲେ। ଗୁରୁବାର ମେଳା ସ୍ଥଳରେ ଅଗ୍ନିକାଣ୍ଡ ଘଟି ୧୫ଟି ଟେଣ୍ଟ ଜଳିଯାଇଥିଲା।

**ଫୁରସତ୍**

**ଆଜି ଭାରତୀୟ ତଟରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ**

## ଆମେ ସୁରକ୍ଷା ଦେଉଛୁ

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଶନିବାର ୪୯ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ୧୯୭୭ରେ ପ୍ରତିଷ୍ଠା ହୋଇଥିବା ଆଇସିଜି ଅଧୀନରେ ବର୍ତ୍ତମାନ ୧୫୧ ଜାହାଜ ଓ ୭୬ ଏୟାରକ୍ରାଫ୍ଟ ରହିଛି। ୨୦୨୩୦ ସୁଦ୍ଧା ଆଇସିଜି ୨୦୦ ସର୍‌ଫେସ୍ ପ୍ଲାଟ୍‌ଫର୍ମ ହାସଲ ସହ ଏୟାରକ୍ରାଫ୍ଟ ସଂଖ୍ୟା ୧୦୦କୁ ବୃଦ୍ଧି କରିବାକୁ ଯୋଜନା ରଖିଛି। 'ବୟଂ ରକ୍ଷମାଃ' ଅର୍ଥାତ୍ 'ଆମେ ସୁରକ୍ଷା ଦେଉ' ସ୍ଲୋଗାନ୍ ସହ ଆଇସିଜି ଦେଶର ସମୁଦ୍ର ତଟରେ ନିରବଚ୍ଛିନ୍ନ ଭାବେ ସୁରକ୍ଷା ପ୍ରଦାନ କରିଆସୁଛି। ଇତିମଧ୍ୟରେ ଆଇସିଜି ୧୧,୭୩୦ ଜୀବନ ରକ୍ଷା କରିବାରେ ସମର୍ଥ ହୋଇଥିବାବେଳେ କେବଳ ୨୦୨୪ରେ ୧୬୯ ଜୀବନ ରକ୍ଷା କରାଯାଇଛି। ଏହା ବ୍ୟତୀତ ସମୁଦ୍ରଜୀବୀ, ମତ୍ସ୍ୟଜୀବୀ ଓ ୪.୬ ମିଲିୟନ୍ ବର୍ଗ କିମି ଅଧୀନରେ ଥିବା



ଭେସେଲ୍ ଆଦିର ସୁରକ୍ଷା ପାଇଁ ୫୫ରୁ ୫୬ ସରଫେସ ପ୍ଲାଟ୍‌ଫର୍ମ ନିୟୋଜନ କରାଯାଇଥିବାବେଳେ ୧୦ରୁ ୧୨ ଏୟାରକ୍ରାଫ୍ଟ ପ୍ରତିଦିନ ଏହାର ତର୍ଜମା କରିଥା'ନ୍ତି। ସେହିପରି ଜଳପଥରେ ବେଆଇନ କାର୍ଯ୍ୟରେ ରୋକ୍ ଲଗାଇବାରେ ମଧ୍ୟ ଆଇସିଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ପ୍ରାୟ ୫୨, ୫୬୦.୯୬ କୋଟି ଟଙ୍କାର ବେଆଇନ ଦ୍ରବ୍ୟ ଜବତ କରିବାରେ ଆଇସିଜି ସଫଳତା ହାସଲ କରିଛି। କେବଳ ଆଣ୍ଡାମାନରୁ ଏକକାଳୀନ ୬,୦୧୬ କେଜି ନିଶାଦ୍ରବ୍ୟ ଜବତ କରାଯାଇଛି। ସେହିପରି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆଇସିଜିର ପ୍ରମୁଖ ଭୂମିକା ରହିଛି। ଗୁଜରାଟ ବାତ୍ୟା ଏବଂ ଗୁଜରାଟ ଓ ୱାୟନାଡ୍‌ରେ ବନ୍ୟାକାଳୀନ ଉଦ୍ଧାର ତଥା ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଆଇସିଜିର କାର୍ଯ୍ୟ ପ୍ରଶଂସନୀୟ ରହିଥିଲା। ଭାରତୀୟ ଜଳଭାଗରେ ତୈଳ ମିଶ୍ରଣ ଯଥେଷ୍ଟ ଆଶଙ୍କା ରହୁଥିବାବେଳେ ଜଳ ପ୍ରଦୂଷଣ ରୋକିବା ଦିଗରେ ମଧ୍ୟ ଆଇସିଜି ପଦକ୍ଷେପ ଗ୍ରହଣ କରିଛି। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଅନ୍ତର୍ଜାତୀୟ ତଟ ସଫେଇ କାର୍ଯ୍ୟକ୍ରମ ପ୍ରତିବର୍ଷ ସେପ୍ଟେମ୍ବର ୨୧ରେ ପାଳନ କରାଯାଉଛି ବୋଲି ସୂଚନା ଦିଆଯାଇଛି।

## ପୁଣି ପ୍ରେମରେ ପଡ଼ିଛନ୍ତି ଆମିର

ମୁମ୍ବାଇ

ପୁଣି ପ୍ରେମରେ ପଡ଼ିଛନ୍ତି ବଲିଉଡର ପ୍ରଫେକ୍ସନାଲିଷ୍ଟ ଆମିର ଖାନ୍। କଥାଟା ଅରୁଚି ଲାଗିଲେ ବି କାଳେ ସତ। ଦୁଇ ଦୁଇ ଥର ବୈବାହିକ ଜୀବନରେ ଫେଲ୍ ହେବା ପରେ ଆଉ ଥରେ ପ୍ରେମର ପବନ ଆମିରଙ୍କ ଜୀବନରେ ବୋହିବା ଆରମ୍ଭ କରିଛି। ଏମିତିରେ ମନକୁ ଆସୁଥିବ ଯୁବତୀଜଣଙ୍କ କିଏ। ତେବେ ଆମିର ବାଙ୍ଗାଲୋରର ଜଣେ ଯୁବତୀଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ଜୋର ଧରିଛି।

ପତ୍ନୀ କିରଣ ରାଓଙ୍କୁ ଛାଡ଼ପତ୍ର ଦେବା ପରେ ଆମିର ଏକାକି ଜୀବନ ବିତାଉଥିଲେ। ହେଲେ ଏବେ ଆଉ ସେ ଏକା ନାହାନ୍ତି। ବାଙ୍ଗାଲୋରର ଜଣେ ଯୁବତୀଙ୍କୁ ସେ ପସନ୍ଦ କରିବା ପରେ ନିକଟରେ ତାଙ୍କୁ ନିଜ ପରିବାର ସହ ଭେଟ କରାଇଥିଲେ। ପରିବାରଲୋକେ ଦୁହିଁଙ୍କ ସମ୍ପର୍କରେ ଖୁସି ଅଛନ୍ତି। ଅର୍ଥାତ ସମସ୍ତଙ୍କ ତରଫରୁ ତାଙ୍କୁ ଗ୍ରିନ ସିଗ୍‌ନାଲ ମିଳିସାରିଛି। ଏଣୁ ସେ ଆଗାମୀ ଦିନରେ ପ୍ରଶଂସକଙ୍କ ସହ ନିଜ ଖୁସି ବାଣ୍ଟିବେ ବୋଲି ଆଶା କରାଯାଉଛି।

ଫିଲ୍ମ ବିଷୟରେ କହିଲେ ସେ 'ସିତାରେ ଜମିନ୍ ପର୍' ଲାଗି ବ୍ୟସ୍ତ ରହୁଛନ୍ତି। ଏବେ ଏହାର ଶୁଟିଂ ଚାଲିଛି। 'ଲାଲ ସିଂ ଚଡ୍ଢା' ଫ୍ଲପ୍ ହେବା ପରେ ସେ ଅଭିନୟରୁ ବିରତି ନେଇଥିଲେ। ହେଲେ ପୁଣିଥରେ ସେ ବଡ଼ପରଦାକୁ ଫେରିବାକୁ ଯାଉଛନ୍ତି।



ଧରିତ୍ରୀ 51 Years
ପୃଷ୍ଠା-୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ | Bhubaneswar, Saturday, February 1/2025 

# ୬.୮% ଜିଡିପି: ମାନ୍ଦା ହେଉଛି ଅର୍ଥନୀତି

**ବୈଶ୍ୱିକ ଆର୍ଥନୀତିକ ମାନ୍ଦାବସ୍ଥାର ପ୍ରଭାବ ପ୍ରାୟ ସବୁ ଦେଶ ଉପରେ ପଡୁଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଶୁକ୍ରବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକ ବର୍ଷ ସମ୍ବନ୍ଧୀୟ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଇଛି। ଏଭଳି ଆକଳନକୁ ଦେଖିଲେ ଗତ ଆର୍ଥିକ ବର୍ଷରେ କରାଯାଇଥିବା ହିସାବଠାରୁ ଜିଡିପି ପ୍ରତିଶତ (୬.୩ %କୁ) କମିଯାଇଛି। ଏବର ସ୍ଥିତି ଦେଖିଲେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ୨୦୨୫-୨୬ ଆର୍ଥିକ ବର୍ଷରେ ଆକଳନ କରାଯାଇଥିବା ଅଭିବୃଦ୍ଧି ସାମଗ୍ରିକ ସୂଚକାଙ୍କକୁ ଅନିଶା କଲେ ଅର୍ଥନୀତି ମାନ୍ଦା ହେବାର ସଙ୍କେତ ଦେଲାଣି।**

## ଅର୍ଥନୈତିକ ସର୍ଭେ ରିପୋର୍ଟ




**ନୂଆଦିଲ୍ଲୀ,୩୧।୧(ପି.ଟି.)**

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ତେବେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ୨ ଦଶନ୍ଧି ଯାଏ ହାରାହାରି ୮ ପ୍ରତିଶତ ଅଭିବୃଦ୍ଧି ଆବଶ୍ୟକ ବୋଲି କୁହାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବଜେଟ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ପରେ ଅର୍ଥମନ୍ତ୍ରୀ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ।

ସର୍ଭେରେ କୁହାଯାଇଛି, ବୈଶ୍ୱିକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାକୁ ହେଲେ ରଣନୀତିକ ତଥା ବିବେକପୂର୍ଣ୍ଣ ନୀତି ପରିଚାଳନା ଆବଶ୍ୟକ। ଏଥିସହ ଦେଶର ମୂଳଭିତ୍ତିକୁ ସୁଦୃଢ଼ କରିବାକୁ ହେବ। ଚଳିତ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ୬.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଦୀର୍ଘମିଆଦୀ ଅଭିବୃଦ୍ଧି ପାଇଁ ୨୦୨୪-୨୫ ବଜେଟରେ ବହୁକ୍ଷେତ୍ରୀୟ ନୀତି ଯୋଜନା ପ୍ରସ୍ତୁତ ହୋଇଥିଲା। ବ୍ୟବସାୟିକ ଅଭିବୃଦ୍ଧି ଆଶା ସହ ଉଚ୍ଚତର ସାଧାରଣ କ୍ୟାପେକ୍ସ ☞ ପୃଷ୍ଠା-୨

No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୦୩।୦୨।୨୦୨୫ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୩୧।୦୧।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0057/2425

## ଆଜି ସାଧାରଣ ବଜେଟ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପୂର୍ବାହ୍ନ ୧୧ଟାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ସାଧାରଣ ବଜେଟ ଉପସ୍ଥାପନ କରିବେ। କ୍ରମାଗତ ଅଷ୍ଟମ ଥର ପାଇଁ ସେ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ପାଇଁ ବଜେଟରେ ବ୍ୟବସ୍ଥା ରହିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂଚନା ଦେଇଛନ୍ତି। ଏହି ୨ ବର୍ଗଙ୍କ ପାଇଁ ଧନର ଦେବୀ ଲକ୍ଷ୍ମୀ ଉଦାର ହେବା ପାଇଁ ସେ ପ୍ରାର୍ଥନା କରିଛନ୍ତି। ସରକାରଙ୍କ ସମାନତା ସହ ଆର୍ଥିକ ଅଭିବୃଦ୍ଧି ନୀତି କାଏମ ରହିବ ବୋଲି ଆଶା କରାଯାଉଛି।

**ଆଜିର ସମ୍ପାଦକୀୟ**

**ପେନ୍‌ସନ ବ୍ୟୟ ବୋଝ**

## ଭୁବନେଶ୍ୱରର ସମନ୍ୱିତ ବିକାଶ, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୭ ହଜାର କୋଟି

**ଭୁବନେଶ୍ୱର, ୩୧।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷାକରି ରାଜ୍ୟ ସରକାରଙ୍କ ପକ୍ଷରୁ ପରିକଳ୍ପିତ ବିଭିନ୍ନ ନୂତନ ପ୍ରକଳ୍ପଗୁଡିକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ବଜେଟ ପରିମାଣର ୭୨% ଖର୍ଚ୍ଚ ହୋଇଥିବା ବେଳେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଓ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏଥିଲାଗି ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।

ଆଲୋଚନା ଅନୁଯାୟୀ, ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ବ୍ରିଜ୍ ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ-ଉତ୍କଳ ହସ୍ପିଟାଲ-ରେଲ୍ ବିହାର ଦେଇ ଏକାମ୍ର କାନନ ☞ ପୃଷ୍ଠା-୨









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ଯାଞ୍ଚ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରୟାସ ପକ୍ଷରୁ ଏକକ ଚିତ୍ରାଙ୍କନ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ପକ୍ଷରୁ ରାଷ୍ଟ୍ରପତିଙ୍କ ବିରୋଧରେ ଆଶାଳୀନ ମନ୍ତବ୍ୟକୁ ବିରୋଧରେ ପ୍ରତିବାଦ, ସ୍ଥାନ: ଜୟଦେବ ବିହାର ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱର୍କର ୬ଷ୍ଠ ସାମାଜିକ ସେବା ସମ୍ମାନ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ବିରୋଧରେ ଆଶାଳୀନ ମନ୍ତବ୍ୟକୁ ନେଇ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ, କଳ୍ପନା ସମ୍ମୁଖ, ସମୟ: ୧୦ଟା ୪୫।
- ଓଡ଼ିଆ ଫିଲ୍ମ 'ସନାତନୀ' ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ କ୍ଲବ ଆଚାର୍ଯ୍ୟ ବିହାର, ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଆମ ସଙ୍ଗଠନ ପକ୍ଷରୁ ତ୍ରିବେଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅନ୍ତର୍ବେଦୀ ପୀଠ ନିକଟ ଯାତ୍ରା ପଡ଼ିଆ, ବାଲିପାଟଣା, ସମୟ: ସନ୍ଧ୍ୟା ୬ଟା।

## କଟକ

- ନ୍ୟାଶନାଲ ଏକାଡେମୀ ଅଫ୍ ସକ୍‌ସେସ ଆଣ୍ଡ ଆଚିଭମେଣ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ଅରୁଣୋଦୟ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ନାରୀର ପ୍ରଗତିରେ ଅହଲ୍ୟାବାଇଙ୍କ ଅବଦାନ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଆ ବିଭାଗ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟୀ ମିନିଷ୍ଟାଡ଼ିୟମ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଜଟଣୀ ମହାବିଦ୍ୟାଳୟ ପକ୍ଷରୁ 'ସାହିତ୍ୟ କ'ଣ ଓ ଏହାର ଲକ୍ଷ୍ୟ' ପାଠଚକ୍ର, ସ୍ଥାନ: ଜଟଣୀ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବୋଲଗଡ଼, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଙ୍କୋ ହଷ୍ଟେଲ ପରିସର, ରୂପସା, ସମୟ: ଦିବସବ୍ୟାପୀ।
- ବ୍ଲକ ଲେଭଲ୍ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ବାହାନଗା, ସମୟ: ପୂର୍ବାହ୍ନ ୧୦ଟା।
- ସିମୁଳିଆ ମହୋତ୍ସବ, ସ୍ଥାନ: ମାର୍କୋଣା ରାବଣ ପୋଡ଼ି ପଡିଆ, ସିମୁଳିଆ, ସମୟ: ଅପରାହ୍ନ ୪ଟା।
- ଉତ୍ସବ ଉତ୍ତର ଓଡ଼ିଶାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭ୍ରାମ୍ୟମାଣ ନବରାତ୍ର ନାମଯଜ୍ଞ, ସ୍ଥାନ: ବଂଶୀପାଟଣା, ବାସୁଦେବପୁର, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକୋତ୍ସବରେ କଳସ ଶୋଭାଯାତ୍ରା, ସ୍ଥାନ: ଚରମ୍ପା ପଥରଆଡ଼ି, ଭଦ୍ରକ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଜିଲା ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉନ୍ମୋଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ନିତ୍ୟାନନ୍ଦ ଆଇଟିଆଇ ପରିସର, ସମୟ: ଅପରାହ୍ନ ୫ଟା।
- ତିହିଡ଼ି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- କଳ୍ପତରୁ ଶିକ୍ଷା ସେବାଶ୍ରମରେ ଦିବ୍ୟ ପ୍ରବଚନ, ସ୍ଥାନ: କଳ୍ପତରୁ ଆଶ୍ରମ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବାର୍ଷିକ ଉତ୍ସବ, ଭଜନ କୀର୍ତ୍ତନ, ସ୍ଥାନ: ମରିଚିଗାଁ, ହାଟଡ଼ିହୀ, ସମୟ : ସକାଳ ୭ଟା।
- କବିର ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦଘାଟନୀ ଉତ୍ସବ, ସ୍ଥାନ: କଚିବ୍ରୁ ଛକ କ୍ରିକେଟ ପଡ଼ିଆ, ବଡ଼ବିଲ, ସମୟ: ସକାଳ ୮ଟା।
- ନିକଲସନ ବନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ନିକଲସନ ବନ ବିଦ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମଧୁରଗଡ଼ିଆ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ୬ ଦିନ ବ୍ୟାପୀ ପଞ୍ଚକୁଣ୍ଡୀୟ ଶତଚଣ୍ଡୀ ଯଜ୍ଞ, ସ୍ଥାନ: ଗଦାଧର କୁମାରୀପୁର ଶାସନ(ଗଡ଼ିଆମାଳ) ବନଦୁର୍ଗା ମନ୍ଦିର ପ୍ରାଙ୍ଗଣ, ପୁରୁଣା ବାରିପଦା, ଗୋପବନ୍ଧୁ ନଗର, ସମୟ: ସକାଳ ୮ ଟା।
- ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଦେବ ଆବାହନ ଓ ରତ୍ନସିଂହାସନ ପ୍ରତିଷ୍ଠା, ସ୍ଥାନ: ଝରାଡିହୀ ବହଳଦା ବ୍ଲକ, ସମୟ: ସକାଳ ୯ଟା।
- ଗୁରୁଗୋବିନ୍ଦ ସାଇବାବା ମନ୍ଦିରର ବାର୍ଷିକ ଉତ୍ସବର ଅଧିବାସ, ସ୍ଥାନ:କରତବସା, ଶାମାଖୁଣ୍ଟା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ୧୬ ବର୍ଷରୁ କମ୍ ଟେନିସ ଟୁର୍ଣ୍ଣାମେଣ୍ଟ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ ଟେନିସ ଏରିନା,ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର 'ସକ୍ଷମ-୫' କାର୍ଯ୍ୟକ୍ରମ, ସ୍ଥାନ: ଆରସିଭିଇ କମ୍ୟୁନିଟି ହଲ, ଧରମନଗର,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କପିଳାସ ପ୍ରସିଦ୍ଧ ଜାଗର ଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦଭାବନା ଗୃହ, ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରୟୋଦଶ ବାର୍ଷିକ ଉତ୍ସବ, ସ୍ଥାନ: କରମୁଳ ଆମ୍ବପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର

- କୋଷ୍ଟଗାର୍ଡର ୪୯ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କୋଷ୍ଟଗାର୍ଡ ଜେଟ୍ଟି, ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୬ ଟା।
- ଉଦୟବଟ ଧାମରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଯଜ୍ଞ ଆରମ୍ଭ, ସ୍ଥାନ: ଉଦୟବଟ, ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଅଲଣାହାଟ ହାଇସ୍କୁଲ ଆଲୁମିନି ଆସୋସିଏଶନ ପକ୍ଷରୁ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଅଲଣାହାଟ, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜଗତି ଖେଳ ପଡିଆ, ଜଗତି, ଭୂତମୁଣ୍ଡାଇ, କୁଜଙ୍ଗ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ପଙ୍ଗପାଳ, କୁଜଙ୍ଗ, ସମୟ: ଅପରାହ୍ନ ୬ଟା।

## ଯାଜପୁର

- ଟୋଲକାନୀ ଝାଡେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ:ଜଗନ୍ନାଥପୁର, ନହଙ୍ଗ, ଡେରାବିଶ, ସମୟ: ସକାଳ ୬ଟା।
- ସୂଚନା ଅଧିକାର କର୍ମୀ ସ୍ୱର୍ଗତ ରଞ୍ଜନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ଥାନ: ମାଣିକପୁର, ତାଳସଙ୍ଗା, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୧ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ:ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୨ଟା।
- ଅନୁଷ୍ଟୁପ ଯୁବ ସଙ୍ଗଠନ ପକ୍ଷରୁ ଧୂମାତ ପଲ୍ଲୀ ମହୋତ୍ସବ, ସ୍ଥାନ: ଧୂମାତ ଶାସନ ସ୍କୁଲ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୫ଟା।

## ନୟାଗଡ଼

- ଜଗନ୍ନାଥ ମହାପ୍ରଭୁଙ୍କ ୫୬ ଫୁଟ ଉଚ୍ଚତାର ମନ୍ଦିର ପ୍ରତିଷ୍ଠା ଉତ୍ସବ ୨ୟ ଦିବସରେ ସୂର୍ଯ୍ୟପୂଜା ଓ ଦେବତା ସ୍ନାନ, ସ୍ଥାନ: ଓଡ଼ଗାଁ ବ୍ଲକ ବଡଗୋରଡ଼ା, ସମୟ: ସକାଳ ୭ଟା।
- ବୈଷ୍ଣୋ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ମହାସ୍ନାନ ଉତ୍ସବ ଓ ଚଣ୍ଡୀ ହବନ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁକୋଣ, ସମୟ: ସକାଳ ୭ଟା।
- ଶାନ୍ତିକୁଟୀର ଆଶ୍ରମ ଗୁରୁଦେବଙ୍କ ଶତ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଳରାମପ୍ରସାଦ ଶାନ୍ତିକୁଟୀର ଆଶ୍ରମ, ସମୟ: ସକାଳ ୮ଟା।
- ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୫୬ ଫୁଟ ଉଚ୍ଚତା ମନ୍ଦିର ପ୍ରତିଷ୍ଠା ଉତ୍ସବର ୨ୟ ଦିବସରେ ନାଟକ ଟୀକା ଗୋବିନ୍ଦ ଚନ୍ଦ୍ର, ସ୍ଥାନ: ଓଡଗାଁ ବ୍ଲକ ବଡ଼ଗୋରଡ଼ା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ମାର୍କଣ୍ଡେୟ ମହର୍ଷିଙ୍କ ଜନ୍ମଦିନ ଅବସରରେ କଳସଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିରରୁ ଭେଙ୍କଟେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର, ସ୍ଥାନ: ମୁନିଗୁଡା ପଞ୍ଚାୟତ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ବଂଶଧାରା ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୪ଟା।
- ବଂଶଧାରା ବସନ୍ତ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଂଶଧାରା ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକ୍‌ସ୍ତରୀୟ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଯୁକ୍ତି ପରାମର୍ଶ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଏସ୍‌ଏସ୍ ବାଲମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଭଗବତୀ ନଗର ନିକଟ ସ୍କୁଲ ପରିସରରେ,ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ଉଦ୍‌ଘାଟନୀ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଝାରସୁଗୁଡା ଜିଲା ଏସିଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟର ବିଶାଳ ଜାଗରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଜୟ ମା' ବସ୍ତୁରେନ ଟାଉନ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଲାଠୋର ଖେଳପଡିଆ, ଖପ୍ରାଖୋଲ ବ୍ଲକ, ସମୟ: ଅପରାହ୍ନ ୪ ଟା।

## ରାଉରକେଲା

- ନୀଳଶୈଳ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ କେନ୍ଦ୍ରୀୟ ବଜେଟ-୨୦୨୫ ନେଇ ସମୀକ୍ଷା ବୈଠକ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନେସ୍‌ନାଲ୍ ଏଣ୍ଟରପ୍ରେନର୍ସିପ୍ ସମିଟ୍, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୩୦ତମ ପୁସ୍ତକ ମେଳାର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଞ୍ଜଭବନ ପଡ଼ିଆ, ରାଉରକେଲା, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ଏନ୍‌ଆଇଟି ରାଉରକେଲାରେ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ଖାଦ୍ୟବ୍ୟଞ୍ଜନ ପ୍ରଦର୍ଶନୀ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଞ୍ଜଭବନ ପ୍ରଦର୍ଶନୀ ପଡ଼ିଆ, ସେକ୍ଟର ୫, ସମୟ: ଅପରାହ୍ନ ୫ଟା।
- ଜୟଦେବ କଳା ବିକାଶ କେନ୍ଦ୍ର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା ଶକ୍ତିଭବନ, ସମୟ: ସନ୍ଧ୍ୟା ୬ଟା।
- ଭଗବତୀଚରଣ ପାଣିଗ୍ରାହୀ ଜୟନ୍ତୀ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ:ସକାଳ ୮ଟା।
- ସୁନ୍ଦରକାଣ୍ଡ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ଘୁଡ଼ାଦାନୀ ମନ୍ଦିର ପ୍ରାଙ୍ଗଣ, ତଳିପଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ କୋଦଣ୍ଡ ରାମାଚନ୍ଦ୍ର ସ୍ୱାମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭାଲୁପତ୍ରା(ଜାଙ୍ଗେଡ଼), ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ:ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ:ପୂର୍ବାହ୍ନ୧୦ଟା ୩୦।

## କଳାହାଣ୍ଡି

- ପ୍ରାଦେଶିକ କ୍ରୀଡ଼ା ସମାରୋହର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ସରସ୍ୱତୀ ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଜୁନାଗଡ଼ ବ୍ଲକ କେଳିଆ, ସମୟ: ଅପରାହ୍ନ ୪ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଜୟପାଟଣା ହାତୀଶାଳ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ର ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ମନ୍ଦିର ନ୍ୟାସ, ସିଂହାସନ ପୂଜା, ସ୍ଥାନ: ନାରାୟଣନଗର ଗ୍ରାମ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ଉତ୍ସବ ପ୍ରଧାନପାଟ-୨୦୨୫ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିରରୁ ପଧାନୀ ବୁଢ଼ୀ ମନ୍ଦିର ପ୍ରଧାନପାଟ, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଉତ୍ସବ ପ୍ରଧାନପାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର, ସମୟ: ସକାଳ ୯ଟା।
- ପାତାଳୀ ଶ୍ରୀକ୍ଷେତ୍ରରେ ୫୬ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ : କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ : ସକାଳ ୯ଟା।
- ୧୬ ତମ ମା' ମାହେଶରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ମେଣ୍ଡିଳିପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚ, ସ୍ଥାନ: କେନଝିରିଆପାଲି ହାଇସ୍କୁଲ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ସଚେତନତା ସଭା, ସ୍ଥାନ: ତରଭା ନୂତନ ବସ୍‌ଷ୍ଟାଣ୍ଡ ପାଖ, ସମୟ: ଅପରାହ୍ନ ୨ଟା।
- ପାତାଳୀ ମହୋତ୍ସବର ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମ, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ , ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଯୁବ କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ ସାପ୍ତାହିକ ହାଟ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ଜଗନ୍ନାଥଙ୍କ ପଦ୍ମମୁଖୀ ବେଶ, ସ୍ଥାନ: କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶିବଙ୍କ ରୁଦ୍ରାଭିଷେକ ପୂଜା, ସ୍ଥାନ: ପଣ୍ଡ୍ରି ଶିବ ମନ୍ଦିର, ସମୟ: ସକାଳ ୮ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଗଡ଼ିହି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କେନ୍ଦ୍ର ସ୍ଥାନରେ ରବିଙ୍କ ସ୍ଥିତି କର୍ମକ୍ଷେତ୍ରକୁ ନିରାପଦ କରିବା ସହ ପାରିବାରିକ ଶାନ୍ତି ପ୍ରଦାନ କରିବ। ଦ୍ୱାଦଶସ୍ଥ ଶୁକ୍ର କୌଶଳ ପ୍ରୟୋଗ ମାଧ୍ୟମରେ ଅର୍ଥାଗମନର ରାସ୍ତା ଉନ୍ମୁକ୍ତ କରି ବିଳାସ ବ୍ୟସନରେ ବ୍ୟୟ କରିବେ। ବନ୍ଧୁଙ୍କୁ ଦେଖିବାକୁ ମନ ଛଟପଟ ହେବ। ପ୍ରଶାସନ, ଆଇନ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** - ଏକାଦଶରେ ଶନି ଓ ଚନ୍ଦ୍ର ରହିଥିବାରୁ ଅଶୁଭତ୍ୱ ନିରାକରଣ ପୂର୍ବକ ସମସ୍ତ ପ୍ରକାର ସୁଖ, ସୌଭାଗ୍ୟ ଲାଭ କରିବେ। ଗତକାଲିର ବାକି ପଡ଼ିଥିବା କାମକୁ ଆଜି ପୂରାଦମରେ କରିବା ସକାଶେ ନିଷ୍ପତ୍ତି ନେବେ। ବ୍ୟବସାୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି। ସ୍ନାୟବିକ ଦୁର୍ବଳତା ଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** - ସ୍ୱସ୍ଥାନ ହନ୍ତା ବୃହସ୍ପତି ଦ୍ୱିତୀୟ ଭାବରେ ଅର୍ଥସଙ୍କଟକୁ ଦ୍ୱିଗୁଣିତ କରିପାରେ। ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିବା ସାଙ୍ଗକୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ହେତୁ ମାନସିକ ସ୍ଥିତି ଠିକ୍ ରହିବ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବା ସହ ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**କର୍କଟ** - ଶାରୀରିକ ଅସୁସ୍ଥତାଜନିତ କାମ ସ୍ଥଗିତ ରହିଯାଇପାରେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ଓଲଟା ଫଳ ପାଇବାର ଆଶଙ୍କା ରହିଛି। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ପରିବହନ ଓ ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** - ରବି ଓ ବୁଧଙ୍କ ଷଷ୍ଠ ସ୍ଥିତି ଯୋଗୁ ଆପଣ ଭ୍ରମଣସୁଖ ସାଙ୍ଗକୁ ଅପବ୍ୟୟ ଓ ନିଦ୍ରାହୀନତାରେ ପୀଡ଼ିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଅପରାହ୍ନ ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରୁ ସୁଫଳ ମିଳିବ।

**କନ୍ୟା** - ଝିନଝଟ୍ ମଧ୍ୟରେ ପରିବାର ଓ କର୍ମକ୍ଷେତ୍ରର ଅସଜଡ଼ା କାମକୁ ସଜାଡ଼ି ନେବେ। ସଭାସମିତିରେ, ଆନୁଷ୍ଠାନିକ କାମରେ, ଅଫିସିଆଲି ଆଲୋଚନାରେ ସମୟ କାଟିବାକୁ ପଡ଼ିପାରେ। ଶୁକ୍ର ହେତୁ ଅର୍ଥ ସଂଗ୍ରହରେ ତତ୍ପରତା କିମ୍ବା ତିର୍ଥାଟନ କଥା ଚିନ୍ତା କରିପାରନ୍ତି। ରାଜନୀତି, ସାହିତ୍ୟ, ଉଚ୍ଚଶିକ୍ଷା, ବିଦେଶ ଯାତ୍ରାର ସୁଯୋଗ ଜୁଟିବ।

**ତୁଳା** - ପୁରୁଣା ସମସ୍ୟାର ତୁଳନାତ୍ମକ ବିଚାର କରି କର୍ମାରମ୍ଭ ସକାଶେ ମନ ବଳାଇବେ। ବହୁତ ଦିନରୁ ମନେ ମନେ ଭାବୁଥିବା ଦ୍ରବ୍ୟଲାଭରୁ ଖୁସି ହେବେ। ଶନି ଓ ଚନ୍ଦ୍ର ସଂଯୋଗଜନିତ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ସଭାସମିତି, ଚୁକ୍ତିପତ୍ର, ଫାଇଲ୍ କାମ, ସଂଗଠନ, ରାଜନୀତି ଓ ମାମଲାମକଦ୍ଦମାରେ ସଫଳତା ଅର୍ଜନ କରିବେ।

**ବିଛା** - ଆଜି ରବି କେନ୍ଦ୍ରସ୍ଥ ଯୋଗୁ ଆପଣ ନିର୍ଦ୍ଦିଷ୍ଟ ସମୟରେ ହାତକୁ ନେଇଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ବ୍ୟବସାୟ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରି ଲକ୍ଷ୍ୟ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** - ଶନିଙ୍କ ତୃତୀୟସ୍ଥିତି ହେତୁ ରାଜନୈତିକ ଏବଂ ସାଙ୍ଗଠନିକ କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବିଭିନ୍ନ ଯୋଜନାର ପରିକଳ୍ପନା ଧିମା ଗତିରେ ବଢ଼ିବ। ସତ୍ୟ ଭାଷଣରୁ ନିବୃତ୍ତ ନ ରହିଲେ ସମସ୍ୟାର ସମ୍ମୁଖୀନ ହେବେ। ଦୂରଯାତ୍ରା ପ୍ରସ୍ତୁତି କରିବେ, କିନ୍ତୁ ଯୋଜନା ବିଗିଡ଼ିଯିବା ଆଶଙ୍କା ରହିଛି।

**ମକର** - ଷଷ୍ଠାଷ୍ଟମ ଗ୍ରହ ସମ୍ପର୍କରୁ ଖର୍ଚ୍ଚ ବୃଦ୍ଧିକୁ ରୋକିପାରିବେ ନାହିଁ। ସହକର୍ମୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସହାୟତାରେ ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ, ନିର୍ମାଣ, କଚେରି ମାମଲା, ପ୍ରଭୃତି ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** - ସ୍ୱଗୃହୀ ଶନି ପ୍ରଭାବରେ ବହୁତ ଦିନର ଅଭିଳାଷ ପୂରଣ ହୋଇଯିବ। ଆବଶ୍ୟକତା ପୂରଣରେ ଅସମର୍ଥତା ଏବଂ ଆର୍ଥିକ ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ପଡ଼ୋଶୀଙ୍କ ମାଧ୍ୟମରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆମଦାନୀ କାରବାର ଏବଂ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** - ଶୁକ୍ର ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାର୍ଯ୍ୟହାସଲ କରିବାର ଆଶା ରହିଛି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ସାମୟିକ ମନକୁ ଭାରାକ୍ରାନ୍ତ କରି ରଖିବ। କଳା, ସାହିତ୍ୟରେ ସୁନାମ ଅର୍ଜନ ସହ ପ୍ରଶଂସିତ ହେବେ।

ଆଜି ଫେବୃଆରୀ ୧ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମବେଶ, ମାଘ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ।

## 'ଉତ୍ସବ ଉତ୍ତର ଓଡ଼ିଶା'ରେ 'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟିତ

# 'ପୁସ୍ତକ ପଠନ ପ୍ରତି ଯୁବପିଢ଼ିଙ୍କ ରୁଚି ରହୁ'

**ବାଲେଶ୍ୱର,୩୧।୧(ବାଞ୍ଛାନିଧି ଦେ)** ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ 'ଉତ୍ସବ ଉତ୍ତର ଓଡ଼ିଶା' ମେଳାରେ ଶୁକ୍ରବାର 'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରି ପୁସ୍ତକ ପଠନ ପ୍ରତି ଯୁବପିଢ଼ିଙ୍କ ରୁଚି ରହିଲେ ନୈତିକ ମୂଲ୍ୟବୋଧ ଏବଂ ଦୃଷ୍ଟିଭଙ୍ଗୀର ଅଭିବୃଦ୍ଧି ଘଟିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ନିୟମିତ ପୁସ୍ତକ ପଢ଼ିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଖବରଦାତା ରଞ୍ଜନ ବାଗ, ସାମାଜିକ କର୍ମୀ ଉମାକାନ୍ତ ମହାପାତ୍ର, ସୁଜିତ ଦେବ ଓ ପ୍ରଦୀପ ଦାସ ଯୋଗଦେଇ 'ଧରିତ୍ରୀ'ର ବିଭିନ୍ନ ପ୍ରକାଶନୀ ପତ୍ରିକାକୁ ଷ୍ଟଲ୍‌ରେ ସ୍ଥାନିତ କରାଯାଇଥିବାରୁ ପ୍ରଶଂସା କରିଥିଲେ। ଏହି ଷ୍ଟଲ୍‌ରେ 'ଧରିତ୍ରୀ' ପକ୍ଷରୁ ବିଭିନ୍ନ ବର୍ଷରେ ପ୍ରକାଶିତ ବିଶେଷାଙ୍କ 'ପାଣି କେତେ କାହାଣୀ', 'କଳା ଧଳା', 'ହକି ଓଡ଼ିଶାରେ ବିଶ୍ୱ', 'ଅକଳରେ ଅର୍ଥନୀତି', 'ସୂତା ଖିଅରେ ବିଶ୍ୱ', '୫୦ତମ ଜନ୍ମଦିନ ବିଶେଷାଙ୍କ' ଆଦି ସ୍ଥାନିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପ୍ରତିନିଧି ବାଞ୍ଛାନିଧି ଦେ, ପ୍ରସାରଣ ବିଭାଗର ଦୀପ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ପ୍ରଥମ ପୃଷ୍ଠାରୁ...

## ୬.୮% ଜିଡିପି...

ସହାୟତାରେ ନିବେଶ ଅଧିକ ବଢ଼ିବ ବୋଲି ଆଶା କରାଯାଉଛି। ମୁଦ୍ରାସ୍ଫୀତି ସମ୍ପର୍କରେ ସର୍ଭେ ରିପୋର୍ଟରେ କୁହାଯାଇଛି, ବିଭିନ୍ନ ସାମଗ୍ରୀର ଉଚ୍ଚତର ଦରଦାମ୍ ଆଗାମୀ ଆର୍ଥିକ ବର୍ଷରେ ସୀମିତ ରହିବ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ଭୂରାଜନୈତିକ ଉତ୍ତେଜନା ଏବେ ବି ଏକ ପ୍ରସଙ୍ଗ ହୋଇ ରହିଛି। ଋତୁକାଳୀନ ପନିପରିବା ଦର ହ୍ରାସ ଏବଂ ଖରିଫ ଫସଲ ଅମଳ ହୋଇଥିବାରୁ ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଖାଦ୍ୟ ମୁଦ୍ରାସ୍ଫୀତି କମ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ଅର୍ଥ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ଏହି ସର୍ଭେ ଏକ ବାର୍ଷିକ ରିପୋର୍ଟ, ଯାହା ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଅର୍ଥନୀତିର ଏକ ରିପୋର୍ଟ କାର୍ଡ ପ୍ରଦାନ କରିଛି। ଶନିବାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ ହେବାକୁ ଯାଉଥିବାବେଳେ, ତାହା ପୂର୍ବରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆର୍ଥିକ ସୁଦୃଢ଼ୀକରଣ ଏବଂ ଉପଯୋଗରେ ସ୍ଥିରତା ଫଳରେ ଭାରତର ଆର୍ଥିକ ମୂଳଭିତ୍ତି ମଜଭୁତ ହୋଇଛି। ତେବେ ବୈଶ୍ୱିକ ରାଜନୀତି ଏବଂ ଅର୍ଥନୈତିକ ଅନିଶ୍ଚିତତା ଯୋଗୁ ମୁଦ୍ରାସ୍ଫୀତି ଆଶଙ୍କା ମଧ୍ୟରେ ରହିଛି। ଭୂରାଜନୈତିକ ଉତ୍ତେଜନା ଏବଂ ଆମେରିକା ନିର୍ବାଚନକୁ ନେଇ ଅନିଶ୍ଚିତତା ମଧ୍ୟରେ ଡଲାର ଦୃଢ଼ ରହିବାରୁ ୨୦୨୪ରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଘଟିଥିଲା। ତୃଣମୂଳସ୍ତରୀୟ ଢାଞ୍ଚାଗତ ସଂସ୍କାର ଜରିଆରେ ଭାରତ ଏହାର ବୈଶ୍ୱିକ ପ୍ରତିଯୋଗିତା କ୍ଷମତା ବଢ଼ାଇବା ଆବଶ୍ୟକ। ଭାରତର ବୈଦେଶିକ ବିନିମୟ ଭଣ୍ଡାର (ଫରେକ୍ସ) ୬୪୦.୩ ବିଲିୟନ ଡଲାର ରହିଛି, ଯାହାକି ୧୦.୯ ମାସର ଆମଦାନୀ ଏବଂ ବିଦେଶୀ ଋଣର ୯୦ ପ୍ରତିଶତ ପୂରଣ କରିବାକୁ ଯଥେଷ୍ଟ।

ଭାରତର ସେବା ଆଧାରିତ ଅର୍ଥନୀତି ପ୍ରତି ଅଟୋମେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ପଡ଼ିଛି। କର୍ପୋରେଟ୍ ସେକ୍ଟରକୁ ଉଚ୍ଚତର ସାମାଜିକ ଉତ୍ତରଦାୟିତ୍ୱ ପ୍ରଦର୍ଶନ କରିବାକୁ ହେବ। ୬୦ ଘଣ୍ଟାରୁ ଊର୍ଦ୍ଧ୍ୱ କାର୍ଯ୍ୟ ସପ୍ତାହ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। ଉତ୍ପାଦନ ବଢ଼ାଇବା ସହ ଫସଲ କ୍ଷତି କମାଇବା ନିମନ୍ତେ ଡାଲି, ତୈଳବୀଜ, ଟମାଟୋ, ପିଆଜ ଆଦିର ବିକଶିତ ଜଳବାୟୁ ସହଣି କିସମ ନିମନ୍ତେ ଗବେଷଣା ଆବଶ୍ୟକ। ୨ ଦଶନ୍ଧି ଯାଏ ହାରାହାରି ୮ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ହେଲେ ପୁଞ୍ଜିନିବେଶ ୩୧ ପ୍ରତିଶତରୁ ୩୫ ପ୍ରତିଶତକୁ ବଢ଼ାଇବାକୁ ହେବ। ଏଥିପାଇଁ ଆର୍ଥିକ ନୀତିରେ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଆଇ, ରୋବୋଟିକ୍ ଏବଂ ବାୟୋଟେକ୍‌ନୋଲୋଜି ଆଦି ପ୍ରଯୁକ୍ତିରେ ଅଧିକ ନିବେଶ ଏବଂ ଉତ୍ପାଦନ ସେକ୍ଟରରେ ବିକାଶ ଆଣିବା ଆବଶ୍ୟକ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

## ଭୁବନେଶ୍ୱରର ସମନ୍ୱିତ ବିକାଶ...

ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେଳୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରହିଛି। ଏହା ସହ ଏକ ଇନର ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ସମ୍ପୂର୍ଣ୍ଣ ଯୋଜନା ପାଇଁ ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସ୍ଥିର ହୋଇଛି।

ଏହାସହ ଡମଣାରୁ ପ୍ରେସ୍ ଛକ ରାସ୍ତା କାମ ସରିଥିବା ବେଳେ ସୁନ୍ଦରପଦା-ଜଟଣୀ ରୋଡ୍ ଓ ଲେଫ୍ଟ ପାରାଲାଲ୍ ରୋଡ୍ କାମ ଜାରି ରହିଛି। ବାକି ସବୁ କାମର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ପାଇଁ ୬୪ କି.ମି. ବିଶିଷ୍ଟ ଏକ ଇନର ରିଙ୍ଗ୍ ରୋଡ୍ କରାଯିବ। ଏଥିରେ ତମାଣ୍ଡୋରୁ ପାଇକରାପୁର ଏବଂ ଧଉଳିରୁ ତମାଣ୍ଡୋ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବ। ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଏକ ଆଉଟର ରିଙ୍ଗ୍ ରୋଡ୍‌ର ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ୧୪୮ କି.ମି. ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍, ୬ ଲେନ୍ ହେବା ସହିତ ୨ଟି ସର୍ଭିସ୍ ରୋଡ୍ ମଧ୍ୟ ରହିବ। ଏଥିପାଇଁ ସମୁଦାୟ ୬,୧୫୨ କୋଟି ଟଙ୍କା ବିନିଯୋଗ ହେବ। ଏହାଦ୍ୱାରା ସହରର ସମ୍ପ୍ରସାରଣ ହେବା ସହ ଯୋଗାଯୋଗର ସୁବିଧା ବଢ଼ିବ। ଅର୍ଥନୈତିକ ଅଭିବୃଦ୍ଧି ସହ ପର୍ଯ୍ୟଟନ ବୃଦ୍ଧି ହେବ ଓ ଉତ୍ତମ ପରିବେଶ ମଧ୍ୟ ସୃଷ୍ଟିହେବ। ରାଜ୍ୟର ଚାରିପାର୍ଶ୍ୱକୁ ଏକ ଗ୍ରାଣ୍ଡ ରିଙ୍ଗ୍ ରୋଡ୍ ମାଧ୍ୟମରେ ଯୋଡ଼ିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହାର ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କି.ମି. ଏକ ସଡକ ନିର୍ମାଣ କରାଯିବ। ଏଥିରେ ୪ଟି ଟନେଲ ରହିବ। କେନ୍ଦୁଝର ମା' ତାରିଣୀଙ୍କ ମନ୍ଦିରର ବିକାଶ ଓ ଚାରିପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୨୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭକରି ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବଡ଼ବିଲ ରିଙ୍ଗ୍ ରୋଡ୍, ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳର ବିକାଶ ଓ ଅନ୍ୟାନ୍ୟ ପ୍ରକଳ୍ପ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।





# INDIAN COAST GUARD

## 49TH COAST GUARD RAISING DAY - 2025
## (01 FEBRUARY 2025)




**Multi Mission Peacetime Maritime Armed Force**

*Completed 48 years of yeoman service to mankind*

**Sentinels of the Seas**

***Saving one life every second day***

*saved 11730 lives since inception (1977)*
*169 lives in the year 2024 alone*

**Apprehended drugs**

*worth Rs. 37217.32 Cr in the year 2024 alone*
*and drugs worth Rs. 52560.96 Cr since 1977*

**EMERGENCY MARITIME SEARCH & RESCUE (SAR) TELEPHONE NO. 1554**

**Note : Kindly call on above Toll free no. for any emergency at Sea**

**ATI VISHISHT SEVA MEDAL, PRESIDENT'S TATRAKSHAK MEDAL & TATRAKSHAK MEDAL AWARDEES : 2024-25**



### Republic Day - 2025 (26th January 25)

**Ati Vishisht Seva Medal**
**Director General Paramesh Sivamani, PTM, TM**

**President's Tatrakshak Medal (Distinguished Service)**
ADG Anil Kumar Harbola, TM
IG Homesh Kumar Sharma, TM

**Tatrakshak Medal (Gallantry)**
Comdt Anshuman Raturi
Asst Comdt Manish Singh
Sameer Ranjan, U/Nvk(R)

**Tatrakshak Medal (Meritorious Service)**
IG Jyotindra Singh
DIG Atul Joshi
Shanmugham Sankar, P/Adh (P)

### Independence Day - 2024 (15th August 24)

**President's Tatrakshak Medal (Distinguished Service)**
IG Donny Michael, TM

**Tatrakshak Medal (Gallantry)**
Dy Comdt Aaqil Pathan

**Tatrakshak Medal (Meritorious Service)**
DIG Balakrishnan Murugan
Girish Kumar Verma, P/Adh (RO)

CBC 10147/13/0015/2425

Follow us at : @IndianCoastGuard @IndiaCoastGuard @indiancoastguard_official @indiancoastguard9228

**To Join Indian Coast Guard, visit us: www.joinindiancoastguard.gov.in & www.indiancoastguard.gov.in**

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ।–ଶ୍ରୀମା



# ପେନ୍‌ସନ ବ୍ୟୟ ବୋଝ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର କ୍ୟାବିନେଟ୍‌ର ନୂଆ ଏକୀକୃତ ପେନ୍‌ସନ ଯୋଜନା(ୟୁପିଏସ୍)କୁ ନେଇ ଚର୍ଚ୍ଚା ଜୋର ଧରିଛି। ପୁରୁଣା ପେନ୍‌ସନ ଯୋଜନା(ଓପିଏସ୍) ଏବଂ ଜାତୀୟ ପେନ୍‌ସନ ଯୋଜନା(ଏନ୍‌ପିଏସ୍)କୁ ଏକାଠି ବିଚାରକୁ ନେଇ ଏହା ଗଠନ କରାଯାଇଥିବା କୁହାଯାଉଛି। ପ୍ରକୃତରେ ଏଥିରେ କିଛି ନୂଆ ଲାଭ ମିଳୁଛି ନା ଏହା କେବଳ ପୁରୁଣା ସମସ୍ୟାଭିତ୍ତିକ ବିଚାରର ଏକ ପୁନଃ ସଂସ୍କରଣ? କୁହାଯାଉଛି, ୟୁପିଏସ୍ ଅଧୀନରେ ସରକାରୀ ଚାକିରିଆମାନେ ଏକ ଗ୍ୟାରେଣ୍ଟିଯୁକ୍ତ ପେନ୍‌ସନ ପାଇବେ। ଏଥିରେ ସରକାରଙ୍କ ଅଂଶଧନ ୧୪%ରୁ ୧୮.୫ %କୁ ବୃଦ୍ଧି ପାଇଛି। ଏହା ଯୋଗୁ କେବଳ ପ୍ରଥମ ବର୍ଷରେ ୬,୨୫୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଉଛି। ଆବଶ୍ୟକ ମାସିକ ଯୋଗଦାନକୁ ନେଇ ୟୁପିଏସ୍‌ରେ ବ୍ୟବସ୍ଥା ରଖାଯାଇଛି। ହେଲେ ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ବିତ୍ତୀୟ ବିପଦ ଏଡ଼ାଇବା ଲାଗି ଏହା ଏକ ଚତୁର ପଦକ୍ଷେପ। ପେନ୍‌ସନ ନିଅଣ୍ଟିଆକୁ ପୂରଣ କରିବାର ଚାପ ବଜେଟ ଉପରେ ରହିପାରେ। ଏଭଳି ବଜେଟକୁ ଏଡ଼ାଇବା ଲାଗି ୨୦୦୪ରେ ସଂସ୍କାର ଅଣାଯାଇଥିଲା। ଏବେ ୟୁପିଏସ୍ ସମାନ ପ୍ରକାର ବିପଦ ଆଣିପାରେ ସେମାନଙ୍କ ମତ। ୟୁପିଏସ୍‌କୁ ନେଇ କର୍ମଚାରୀମାନେ ବିଭାଜିତ ହୋଇଯାଇଛନ୍ତି। ଅନେକ କର୍ମଚାରୀ ସଂଘ ଯୁକ୍ତି ବାଢ଼ିଛନ୍ତି ଯେ, ଉଭୟ ଏନ୍‌ପିଏସ୍ ଓ ୟୁପିଏସ୍ ପାରମ୍ପରିକ ଓପିଏସ୍ ତୁଳନାରେ ଯଥେଷ୍ଟ ନୁହେଁ। ଏଣୁ ସେମାନେ ଏହାର ପୁନର୍ଗଠନ ଚାହିଁଛନ୍ତି। ପ୍ରଶ୍ନ ଉଠୁଛି, ପ୍ରକୃତରେ ୟୁପିଏସ୍‌ରେ କିଛି ଉନ୍ନତି ଅଣାଯାଇଛି ନା ଆମେ ଚକଚକିଆ ନୂତନ ପ୍ୟାକେଜିଂରେ ପୁରୁଣା ଚିନ୍ତାଧାରାକୁ ପରିମାର୍ଜିତ କରିଛୁ? ଦୁଇଟିରୁ ଯେକୌଣସିଟି ବି ହେଉ, କିନ୍ତୁ ଏହା ସତ୍ୟ ଯେ, ଯଦି ଏହା ତ୍ରୁଟିପୂର୍ଣ୍ଣ ହୁଏ, ତେବେ ଟିକସଦାତଙ୍କୁ ପେନ୍‌ସନ ବ୍ୟୟ ବୋଝ ଉଠାଇବାକୁ ପଡ଼ିବ। ଆମେ ଏକ ବିପଦକୁ ବରଣ କରିବାକୁ ପ୍ରସ୍ତୁତ ହେଉଛୁ କି?

### ନେତୃତ୍ୱ ପରିବର୍ତ୍ତନ

ନିକଟରେ ଅର୍ଥ ମନ୍ତ୍ରଣାଳୟର ଶୀର୍ଷ ପଦବୀଗୁଡ଼ିକରେ ହୋଇଥିବା ଅଦଳବଦଳ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଗତ ୩ ମାସରେ ପୃଥକ୍ ଭାବେ ୩ଜଣ ରାଜସ୍ୱ ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ଅପ୍ରତ୍ୟାଶିତ ଭାବେ ଆର୍‌ବିଆଇ ଗଭର୍ନର ଭାବେ ସଞ୍ଜୟ ମାଲହୋତ୍ରାଙ୍କୁ ନିଯୁକ୍ତ କରାଯିବା ଯୋଗୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ପଦବୀ ଖାଲି ରହିଥିଲା। ଫଳରେ ଆର୍ଥିକ ବ୍ୟାପାର ସଚିବ ଅଜୟ ସେଠ୍‌ଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ଦାୟିତ୍ୱ ନେବାକୁ ପଡ଼ିଲା। ପରେ ଅରୁନିଶ୍ ଚାୱାଲାଙ୍କୁ ରାଜସ୍ୱ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ୨ ସପ୍ତାହରୁ କମ୍ ସମୟ ରହିବା ପରେ ତାଙ୍କୁ ଡିଆଇପିଏଏମ୍‌କୁ ସ୍ଥାନାନ୍ତର କରାଯାଇଥିଲେ। ଶେଷରେ ତୁହିନକାନ୍ତ ପାଣ୍ଡେ ରାଜସ୍ୱ ସଚିବ ଦାୟିତ୍ୱ ବହନ କରିଛନ୍ତି। ଜଟିଳ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ଏଭଳି ଦ୍ରୁତ ଅଦଳବଦଳ କେବେ ବି ସାଧାରଣ ବିଷୟ ନୁହେଁ। କେନ୍ଦ୍ର ବଜେଟର ପ୍ରମୁଖ ଅଂଶ ଭାବେ ଟିକସ ନୀତି ଚିଠା ପ୍ରସ୍ତୁତ ଏବଂ ରାଜସ୍ୱ ଆକଳନରେ ରାଜସ୍ୱ ସଚିବଙ୍କର ପ୍ରମୁଖ ଭୂମିକା ଥାଏ। ତେବେ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ଯୋଗୁ ନୀତିରେ ଅସଙ୍ଗତି ସୃଷ୍ଟିହେବା ସହ ବିତ୍ତୀୟ ଯୋଜନାର ରଣନୀତିକ ଦିଗ ପ୍ରଭାବିତ ହୋଇପାରେ। ଏଭଳି ବ୍ୟାଘାତ ଆର୍ଥିକ ମନ୍ତ୍ରଣାଳୟ ମଧ୍ୟରେ ବଡ଼ ସମସ୍ୟାର ଏକ ସଙ୍କେତ କି? ନାଗରିକ ଭାବରେ, ଆମେ କେବଳ ଆଶା କରିବା ଯେ, ଏହି ଅଦଳବଦଳଗୁଡ଼ିକ ଏକ ଚିନ୍ତାଶୀଳ, ସ୍ଥାୟୀ ତଥା ଅଭିବୃଦ୍ଧିଶୀଳ ବଜେଟ ଉପସ୍ଥାପନ କରିବାରେ ସରକାରଙ୍କ ଦକ୍ଷତାକୁ ବିଭ୍ରାନ୍ତ ନ କରୁ।

### ପ୍ରଦୂଷଣ ବୋର୍ଡରେ ଖାଲି ପଦବୀ

ସାରା ଭାରତରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକରେ କର୍ମଚାରୀ ସଙ୍କଟ ଲାଗିରହିଛି। ଏବେ ସୁଦ୍ଧା ୧୦ ପ୍ରତିଶତରୁ କମ୍ ପଦବୀ ପୂରଣ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିକଟରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ଜଣାଇଛି, ୧୨ ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ(ୟୁଟି)ରେ ଖାଲିଥିବା ୨,୨୨୮ ପଦବୀ ମଧ୍ୟରୁ କେବଳ ୨୬୭ ପୂରଣ ହୋଇଛି। ଏପରିକି ୧୬ ରାଜ୍ୟ ଓ ୬ ୟୁଟିର ବୋର୍ଡ ସେମାନଙ୍କ ପ୍ରୋଗ୍ରେସ ରିପୋର୍ଟ ଦାଖଲ କରିନାହାନ୍ତି। ନିଯୁକ୍ତିରେ ସ୍ଥାଣତାକୁ ଲକ୍ଷ୍ୟକରି ଏନ୍‌ଜିଟିକୁ ଏହା ଉପରେ ପଦକ୍ଷେପ ନେବାକୁ ପଡ଼ିଥିଲା ଏବଂ ପଞ୍ଜାବ, ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟକୁ ବାଦ୍‌ଦେଇ(ଏହିସବୁ ରାଜ୍ୟ ସୁପ୍ରିମକୋର୍ଟଙ୍କ ନିରୀକ୍ଷଣ ପରିସରଭୁକ୍ତ) ଖାଲି ପଦବୀଗୁଡ଼ିକୁ ପୂରଣ କରିବାକୁ ୩୦ ଏପ୍ରିଲ ୨୦୨୫କୁ ଶେଷ ସମୟସୀମା ଭାବେ ଧାର୍ଯ୍ୟ କରିଥିଲା। ତେବେ ରାଜ୍ୟଗୁଡ଼ିକ କ'ଣ କରିଛନ୍ତି ତା'ଉପରେ ଦୃଷ୍ଟି ପକାଇବା। ଆସାମ, ପଞ୍ଜାବ, ହରିୟାଣା ଓ ରାଜସ୍ଥାନ ମୋଟ ୧୬୭ ପଦବୀ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି। ରାଜସ୍ଥାନରେ ଖାଲିଥିବା ୩୯୫ ପଦବୀରୁ ୯୩ ପୂରଣ କରିଛି। ଏହାସହ ଏହିସବୁ ରାଜ୍ୟ ଜୁନିୟର ଆସିଷ୍ଟାଣ୍ଟ ପଦବୀ ପାଇଁ ଏକ ପରୀକ୍ଷା କରିଥିବାରୁ ଅବଶିଷ୍ଟ ପଦବୀ ପୂରଣ ହେବ ବୋଲି ଆଶା କରାଯାଉଛି। ପଞ୍ଜାବରେ ଖାଲିଥିବା ୨୩୪ ପଦବୀରୁ ୨୬ଟିରେ ନିଯୁକ୍ତି ଦିଆଯାଇଛି। ସେଠାରେ ୧୪୮ ପଦବୀ ପାଇଁ ହୋଇଥିବା ପରୀକ୍ଷାର ଫଳାଫଳ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କେବଳ ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ ଓ ଲାକ୍ଷାଦ୍ୱୀପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସବୁ ପଦବୀରେ କର୍ମଚାରୀ ଅଛନ୍ତି।

Email: dilipcherian@gmail.com

# ଭାରତର ଜୋ ହିଲ୍ ଭଗବତୀଚରଣ



ଡ. ହୃଷୀକେଶ ମଲ୍ଲିକ

ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଜନ୍ମଦାତା, ସର୍ବହରାର ଭରସା-ଥାଳ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଜି ଶୁଭ ଜନ୍ମଦିନ। ପହିଲା ଫେବୃଆରୀ ୧୯୦୮ରେ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗାଁରେ ତାଙ୍କ ଜନ୍ମ ଓ ୨୩ ଅକ୍ଟୋବର ୧୯୪୩ରେ ପରଲୋକ। ସ୍ୱଳ୍ପାୟୁ ଭଗବତୀଙ୍କ ସହ ତୁଳନୀୟ ହେଲା ଭଳି ଗଣନେତା ଓ ଗଣ-ଲେଖକ ଓଡ଼ିଶାରେ କ୍ୱଚିତ୍ ଥିବେ, ଯାହାଙ୍କ ଅକାଳ ବିୟୋଗରେ ସାରା ଓଡ଼ିଶା ଝରାଇଥିବ ଆଖିରୁ ଲୁହ। ପୁଞ୍ଜିବାଦୀ ଅର୍ଥନୀତି ପଢ଼ି ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ସତ, ହେଲେ ଏହି ଅର୍ଥନୀତି ତଳେ ଛପିଥିବା ଶୋଷଣର ସଇତାନୀ ରୂପକୁ ଚିହ୍ନିନେଇ ଅବିଳମ୍ବେ ସାମ୍ୟବାଦୀ ଆଦର୍ଶ ପାଖରେ ନିଜ ଜୀବନକୁ ସଅଁପି ଦେଇଥିଲେ। ସତ୍ୟଶୀଳତା ଓ ସଚ୍ଚୋଟତାର ସେ ଥିଲେ ମୂର୍ତ୍ତିମନ୍ତ ବିଗ୍ରହ। ତାଙ୍କ ବିୟୋଗରେ ଓଡ଼ିଶା ବିଧାନ ପରିଷଦର ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ ଲେଖିଥିଲେ- ''ସେ ମୋର କନିଷ୍ଠ ଥିଲା, ମାତ୍ର ତ୍ୟାଗରେ, ଆଦର୍ଶରେ, କର୍ମପ୍ରାଣତାରେ ଥିଲା ମୋର ଗୁରୁ। ରିଲିଫ୍ କାମରେ ଭଲ୍ୟୁଣ୍ଟିୟର ବେଶୀ ପଇସା ଖର୍ଚ୍ଚ କରିବ ନାହିଁ, ଏଥିପାଇଁ ତା' ଭାବନା।'' ସର୍ବସାଧାରଣଙ୍କ ଅର୍ଥର ପଇସାଟିଏ ବି ବଦଖର୍ଚ୍ଚ ନ ହେଉ, ଏହା ସେ ଚାହୁଁଥିଲେ। ଦେଶବାସୀଙ୍କୁ ତାଙ୍କ ଦେୟର ପାହିପାହି ହିସାବ ଦେବାର ମାନସିକତା ରଖୁଥିବା ଏପରି ନେତା କାହାନ୍ତି ଆଜି?

ପୃଥିବୀର କୋଣଅନୁକୋଣରେ ଯେଉଁଠି, ଯେଉଁସବୁ ମୁକ୍ତି ଆନ୍ଦୋଳନ ସଂଗଠିତ ହେଉଥିଲା, ତା' ଉପରେ ଭଗବତୀ ବରାବର ଆଖି ରଖୁଥିଲେ। ସତେ ଯେମିତି ମାଟିରେ ପୋତା ତାଙ୍କ ଆଖି ଯୋଡ଼ାକ, ଆଉ ଆକାଶ ଆଡ଼େ ଡେରା କାନଯୋଡ଼ାକ। ସାମ୍ୟବାଦୀ ତତ୍ତ୍ୱ ଓ ତା'ର ପ୍ରୟୋଗ ସମ୍ପର୍କରେ ସେ ଓଡ଼ିଶାର ଯୁବପିଢ଼ିକୁ ତାଲିମ ଦେଉଥିଲେ 'ନବଯୁଗ ମଣ୍ଡଳ' ପାଠଚକ୍ର ଗଢ଼ି। 'ଆଧୁନିକ'ର ଏକ ସଂଖ୍ୟାରେ ଫକୀରମୋହନଙ୍କ ସୁପୁତ୍ର ମୋହିନୀମୋହନ ସେନାପତି ବିବାହପ୍ରଥା ଉପରେ ଲେଖିବାକୁ ଯାଇ ମତ ଦେଇଥିଲେ ଯେ, ବିବାହ ଯୋଗୁ ନାରୀମାନେ ସେମାନଙ୍କ ସ୍ୱାଧୀନତା ହରାଇ ବସୁଛନ୍ତି। ବିବାହପ୍ରଥାର ବିଲୋପ ହିଁ ପ୍ରଗତିଶୀଳତା। ପତ୍ରିକାର ସମ୍ପାଦକ ଭାବେ ଭଗବତୀ ଲେଖାଟିକୁ ଛାପିଥିଲେ। ଏଥିସହିତ ନିଜର ପ୍ରତିବାଦ ଜଣାଇ କହିଥିଲେ- 'ବିବାହପ୍ରଥାର ଉଚ୍ଛେଦ ନୁହେଁ, ବରଂ ଆର୍ଥିକ ପରାଧୀନତା ହିଁ ନାରୀ ସ୍ୱାଧୀନତାରେ ବାଧକ।' ଆର୍ଥିକ ପରାଧୀନତାରୁ ନାରୀର ମୁକ୍ତି ହିଁ ତା'ର ସ୍ୱାଧୀନତା। ଭଗବତୀଙ୍କର ସେଦିନର ଭାବନା ଆଜି କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ କିପରି ସତ୍ୟ ସାବ୍ୟସ୍ତ, ତାହା ନାରୀମାନଙ୍କ

**୧୧୭ତମ ଜୟନ୍ତୀ ଉପଲକ୍ଷେ**



ପାଇଁ ଉଦ୍ଦିଷ୍ଟ ବିବିଧ ଆର୍ଥିକ ପ୍ରାବଧାନରୁ ସୁସ୍ପଷ୍ଟ।

ଦେଶୀୟ ଭୂମିରେ ଅନ୍ତର୍ଜାତୀୟ ଚେତନାର ଭଗୀରଥ ଥିଲେ ଭଗବତୀ। ଦେଶ ଭିତର ଓ ବାହାରର ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ପାଠକରି ବିପ୍ଳବ-ସଂଗଠନ ଓ ତା'ର ପରିଚାଳନାର ତରିକା ସମ୍ପର୍କରେ ସେ ଅବଗତ ଥିଲେ ଏବଂ ସ୍ୱଗଠିତ 'ନବଯୁଗ ମଣ୍ଡଳ' ଆଲୋଚନାଚକ୍ରରେ ତା'ର ଉପଯୋଗ କରୁଥିଲେ। ଲିଓନ ଟ୍ରଟସ୍କିଙ୍କଠାରୁ ଆରମ୍ଭ କରି ମାଓ-ସେ-ତୁଙ୍ଗ୍‌ଙ୍କ ପର୍ଯ୍ୟନ୍ତ ସାମ୍ୟବାଦର ନାନା ତତ୍ତ୍ୱକୁ ସେ ଆପଣାର ବୁଦ୍ଧି ଦେଇ ପରଖୁଥିଲେ। ଟ୍ରଟସ୍କିଙ୍କ 'ସ୍ଥାୟୀ କ୍ରାନ୍ତି' (Permanent Revolution) ଓ 'ବିଶ୍ୱବ୍ୟାପୀ ବିପ୍ଳବର ସଂଗଠନ'ର ଅସାରତା ସେ ଅନୁଭବ କରିଥିଲେ। ଥିଲେ ଲେଲିନ୍‌ଙ୍କ 'ଏକଦେଶୀୟ ସମାଜବାଦ' (Socialism in one State)ର ସମର୍ଥକ।

ରୁଷ୍ ଭ୍ରମଣ କରି ରବୀନ୍ଦ୍ରନାଥ ବା ନେହେରୁ କ'ଣ ଲେଖିଥିଲେ ବା ନ ଲେଖିଥିଲେ ତାହାର ହିସାବ ସେ ରଖୁଥିଲେ। ଇଟାଲୀରେ ମୁସୋଲିନ୍ କର୍ତ୍ତୃକ ଫାସିବାଦର ଉନ୍ମେଷ, ଆୟର୍ଲାଣ୍ଡର ସିନ୍‌ଫିନ୍ ଆନ୍ଦୋଳନ (୧୯୧୬), ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ନେଭିଲ୍ ଚ୍ୟାମ୍ବରଲେନ୍ ଓ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ଦାଲାଦିୟର ହିଟଲରଙ୍କ ସହ ସମ୍ପାଦନ କରିଥିବା 'ମ୍ୟୁନିକ୍ ପ୍ୟାକ୍ଟ' (ଯାହାର ଶରବ୍ୟ ହୋଇ ସ୍ୱାଧୀନତା ହରାଇଥିଲା ଚେକୋସ୍ଲୋଭାକିଆ), ଜର୍ମାନୀରେ ଅଷ୍ଟ୍ରିଆର ବାଧ୍ୟତାମୂଳକ ମିଶ୍ରଣ, ଚାଇନାରେ ଆସନ୍ନ କ୍ରାନ୍ତିର ସୂଚନା (ମାଓ-ସେ-ତୁଙ୍ଗ୍‌ଙ୍କ ଆବିର୍ଭାବରେ ଯାହା ସାକାର), ଏସିଆ- ଆଫ୍ରିକାର ମୁକ୍ତି ସଂଗ୍ରାମ-ସବୁର ଖବର ଭଗବତୀଙ୍କ ନଖାଗ୍ରରେ ଥିଲା। 'ସିନ୍‌ଫିନ୍' (ଆମେ ଆମ ପାଇଁ) ଆନ୍ଦୋଳନର ନେତା ଥିଲେ ଡି. ଭାଲରା ଓ ଏହାର ଲକ୍ଷ୍ୟ ଥିଲା ଆୟର୍ଲାଣ୍ଡର ସାଂସ୍କୃତିକ ପୁନରୁତ୍ଥାନ ଓ ସ୍ୱାଧୀନତା ହାସଲ। କାର୍ଲ ମାର୍କ୍ସଙ୍କ ଦୃଷ୍ଟିରେ ଭାରତ ଓ ଆୟର୍ଲାଣ୍ଡର ସମସ୍ୟା ମଧ୍ୟରେ ଥିଲା ଅପୂର୍ବ ମେଳ। ମାର୍କ୍ସ ଥିଲେ ଇହୁଦୀ ଓ ବିଶ୍ୱର ବହୁ ଇହୁଦୀ ଥିଲେ କମ୍ୟୁନିଷ୍ଟ ମତାବଲମ୍ବୀ। ଏହା ହିଁ ହିଟଲରଙ୍କ ଗାତ୍ରଦାହ ଓ ଇହୁଦୀ ବିଦ୍ୱେଷର ପ୍ରମୁଖ ହେତୁ ଥିଲା। ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ଦଳେ ଅକ୍ଷଶକ୍ତି ଓ ହିଟଲରଙ୍କ ବିଜୟ ଚାହୁଁଥିଲେ- ଏ ବିଡ଼ମ୍ବନାକୁ ଭଗବତୀ ବୁଝିଥିଲେ। ଚାଇନାରେ ଅଫିମର ଚୋରା ପ୍ରସାର ପାଇଁ ଆମେରିକାର ଷଡ଼ଯନ୍ତ୍ରଠାରୁ ଆରମ୍ଭ କରି ଜାପାନୀ ସୈନ୍ୟଙ୍କ ଦ୍ୱାରା ଚାଇନାର ନିରୀହା ଝିଅମାନଙ୍କର ଗଣିକାକରଣ ଓ ଯୌନଦାସୀରେ ରୂପାନ୍ତରଣ ପର୍ଯ୍ୟନ୍ତ ସବୁର ଟିକିନିଖି ଖବର ଭଗବତୀଙ୍କ ପାଖରେ ଥିଲା। ଭିଏତ୍‌ନାମ, ଲାଓସ୍ ଓ କାମ୍ବୋଡ଼ିଆରେ ଉପନିବେଶବାଦୀ ଶାସନ ବିରୋଧରେ ଜାତୀୟ ସାମ୍ମୁଖ୍ୟମାନ ଗଠନ ହୋଇ ଚାଲିଥିବା ସଂଗ୍ରାମ ବିଷୟରେ ସେ ଅବଗତ ଥିଲେ। ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିରେ ଚାଲିଥିବା ଡଚ୍ ସାମ୍ରାଜ୍ୟବାଦର ଶୋଷଣ ଭଗବତୀଙ୍କୁ ବ୍ୟଥିତ କରିଥିଲା। ଡଚ୍‌ମାନେ ବାମପନ୍ଥୀ ଆଭିମୁଖ୍ୟ ରଖିଥିବା ନେତାମାନଙ୍କୁ ଆତତାୟୀଙ୍କ ଦ୍ୱାରା ଯେ ଗୋପନରେ ହତ୍ୟା କରୁଥିଲେ, ଏକଥା ଭଗବତୀଙ୍କୁ ଅଛପା ନ ଥିଲା। ସେ ଏହି ଗୁପ୍ତ ହତ୍ୟାକୁ ନିଜ ଟିପାଖାତାରେ 'ମଣିଷ ଶିକାର'ର ଆଖ୍ୟା ଦେଇଥିଲେ। ଫ୍ରାନ୍ସର ଉପନିବେଶବାଦୀଏଁ ଖଣି ସମୃଦ୍ଧ ଓ ଅରଣ୍ୟ ସମ୍ପଦରେ ପୂର୍ଣ୍ଣ କଙ୍ଗୋସାଗରତୀରସ୍ଥ ଅଞ୍ଚଳକୁ କବଳିତ କରି ତା'ର ଅର୍ଥନୀତି ଓ ସମ୍ବଳକୁ ଲୁଟି ଚାଲିଥିଲେ। ଭଗବତୀ ଚାରି ଆଖିରେ ସମଗ୍ର ବିଶ୍ୱର ଯେତେ ପୀଡ଼ା ଓ ପ୍ରମାଦ, ତା'ର ନଜରଦାରି କରି ସର୍ବହରା ମଣିଷର ଆଶୁ ମୁକ୍ତି ପାଇଁ ଖସଡ଼ା ପ୍ରସ୍ତୁତ କରୁଥିଲେ।

ଭଗବତୀଙ୍କ ଅନ୍ତର୍ଜାତୀୟତା ସମ୍ପର୍କରେ କହି ବସିଲେ ପୋଥି ପୂରିଯିବ। ତେବେ ଏତକ କହିହେବ ଯେ ଭଗବତୀ ଥିଲେ କାୟମନୋବାକ୍ୟରେ ବିଶ୍ୱ ସର୍ବହରାଙ୍କ ମୁକ୍ତିକାଂକ୍ଷୀ। ବିଶ୍ୱର ସବୁ ଦେଶ ତାଙ୍କ ସ୍ୱବାସ। ଭାରତର ସେ Joe Hill (ବିଶ୍ୱ-ଶ୍ରମିକଙ୍କ କାଳଜୟୀ ଗୀତିକାର)। ୧୯ ନଭେମ୍ବର ୧୯୧୫ରେ ଜୋ'ଙ୍କୁ ଗୁଳିବିଦ୍ଧ କରି ଫାଶୀ ଦିଆଯାଇଥିଲା। ଠିକ୍ ତା' ପୂର୍ବରୁ ସେ ଆଇଡବ୍ଲ୍ୟୁଡବ୍ଲ୍ୟୁ ନେତା ବିଲ୍ ହେଉଡ୍‌ଙ୍କୁ ଏକ ଟେଲିଗ୍ରାମ୍‌ରେ ଲେଖିଥିଲେ- "Don't waste any time in mourning- ORGANISE"। ଅର୍ଥାତ୍ 'ଶୋକରେ ମୁହୂର୍ତ୍ତେ ସମୟ ନଷ୍ଟ କର ନାହିଁ- ସଂଗଠନ କର'। ଫାଶୀ ପୂର୍ବଦିନ ଅର୍ଥାତ୍ ୧୮ ନଭେମ୍ବର ରାତିରେ ଜୋ ଲେଖିଥିଲେ ତାଙ୍କ ଜୀବନର ଶେଷ କବିତା, ଯାହାର କିୟଦଂଶ ଥିଲା ଏହିପରି- ''ଏଇ ମୋର ଶେଷ ଇଚ୍ଛା/ଦେହକୁ କରିଦିଅନ୍ତି ମୁଠାଏ ପାଉଁଶ/ ଧୀର ସମୀରଣ ତା'କୁ ଉଡ଼ାଇ ନିଅନ୍ତା/ ସେଇ ମୁମୂର୍ଷୁ ଉପବନକୁ/ ଓ ଜୀବନ୍ତ ହୋଇ ଉଠନ୍ତେ ସବୁ ଝାଉଁଳା ଫୁଲ।'' ୩୬ ବର୍ଷର ଜୀବନ ଜିଇଥିଲେ ଜୋ ହିଲ୍ (୧୮୭୯-୧୯୧୫), ଭଗବତୀ ୩୫ବର୍ଷ। ଦୁହେଁ ଲେଖିଥିଲେ ସର୍ବହରାଙ୍କ ଜୀବନଗୀତ- ହେଉ କବିତା, ହେଉ କଥା ମାଧ୍ୟମ ତା'ର। ଅବିସ୍ମରଣୀୟ ଭଗବତୀଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

# ଶାନ୍ତି ସନ୍ଧାନରେ ମଣିଷ



ଯଦୁମଣି ପାଣିଗ୍ରାହୀ

ବହୁଦିନର ବ୍ୟବଧାନରେ ସେଦିନ ଜଣେ ବନ୍ଧୁଙ୍କ ଘରକୁ ଯିବାର ସୁଯୋଗ ମିଳିଥିଲା। ଜଣେ ସରକାରୀ ପଦସ୍ଥ ଅଫିସର ଭାବେ ସେ ଏବେ କାର୍ଯ୍ୟରତ ଥିଲେ ବି ତାଙ୍କ ଅବସର ସମୟ ପ୍ରାୟତଃ ପାଖେଇ ଆସିଲାଣି। ମୋଟା ଅଙ୍କରେ ଦରମା ପାଉଛନ୍ତି। କିଛି ବର୍ଷ ହେବ ଜାଗା କିଣି ସେଥିରେ ଦେଖିଲା ଭଳି ଖୁବ୍ ସୁନ୍ଦର କୋଠାଘର ନିର୍ମାଣ କରିଛନ୍ତି। ଘରର ଦୁଆର ମୁହଁରେ ଲେଖା ହୋଇଛି 'ସୁଖ ନିବାସ'। ତାଙ୍କ ଘରେ କୌଣସି ଜିନିଷର ଅଭାବ ପରିଲକ୍ଷିତ ହେଉ ନ ଥିଲା। ସ୍ତ୍ରୀ, ପୁଅବୋହୂ ଓ ନାତିନାତୁଣୀଙ୍କୁ ନେଇ ବନ୍ଧୁଙ୍କର ପରିପୂର୍ଣ୍ଣ ସୁଖର ସଂସାର ଆଗକୁ ଆଗକୁ ଯେ ମାଡ଼ି ଚାଲିଥିବ ଏକଥା ଯେ କେହି ନିଃସନ୍ଦେହରେ କହିପାରିବ। ମାତ୍ର ଅସଲ କଥାଟା ବନ୍ଧୁପତ୍ନୀଙ୍କଠାରୁ ଜାଣିବା ପରେ ଖଟ୍‌କା ଲାଗିଲା। ପରିବାର ଭିତରେ ବାପ-ପୁଅଙ୍କର ସମ୍ପର୍କ ଭଲ ନାହିଁ। ଦୁଇଟାଯାକ ପୁଅ ଅବାଟରେ ପାଦ ଦେଇଛନ୍ତି। ବାପ ମୁହଁରେ ଜବାବ ଦେଉଛନ୍ତି। ଖାଲି କହୁଛନ୍ତି, ଆମକୁ ଟଙ୍କା ଦିଅ। ସବୁବେଳେ ଘରଟା ଭିତରେ କଥା କଟାକଟି ଓ ପାଟିତୁଣ୍ଡ। ବୋହୂମାନେ ବି ଠିକ୍ ସେମିତି। ଘରକୁ ଘର ବୋଲି ଭାବୁନାହାନ୍ତି। ଶାଶୁଶଶୁରଙ୍କ ସେବାଯତ୍ନ କରିବାକୁ ସେମାନଙ୍କର ଆଗ୍ରହ କି ଆନ୍ତରିକତା ନାହିଁ। ପରିବାର ଭିତରେ ସବୁବେଳେ ବିଶୃଙ୍ଖଳା। ସତ କହିବାକୁ ଗଲେ, କେବଳ ମୋ ବନ୍ଧୁ ନୁହନ୍ତି ଆଜିକାଲି ଅନେକ ଧନଶାଳୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ସୁଦୃଶ୍ୟ ତଥା ଆକର୍ଷଣୀୟ ଅଟ୍ଟାଳିକା ନିର୍ମାଣକରି ଘରର ଦୁଆର ଆଗରେ କିଏ 'ଶାନ୍ତି କୁଟୀର' ତ ଆଉ କିଏ 'ମମତା ନିଳୟ' ଲେଖିଛନ୍ତି। ପୁଣି ଆଉ କେହି ବି ନିଜ ଘର ଦୁଆର ମୁହଁରେ 'ଆନନ୍ଦ ଭବନ' ଲେଖିଛନ୍ତି। ଏହାକୁ ଦେଖିବା ପରେ ଆପଣଙ୍କ ମନରେ ସେମାନଙ୍କ ପାରିବାରିକ ଜୀବନକୁ ନେଇ ଭଲ ଧାରଣା ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଅସଲ କଥା ଜାଣିବା ପରେ ଆପଣଙ୍କର ସେ ଧାରଣା ଦୂରହୋଇଯିବ। ଆଜି ଅନେକ ପରିବାରରେ ଅଶାନ୍ତି ଓ ଅସନ୍ତୋଷର କଳାବାଦଲ ଛାଇଯାଇଛି। ଏସବୁ ପରିବାରର ଦୟନୀୟ ସ୍ଥିତିକୁ ଦେଖିଲେ ଯେକୌଣସି ଲୋକର ମନରେ ଦୁଃଖ ଆସିବା ନିଶ୍ଚୟ। ଭଲ ରୋଜଗାର ଅଛି। ଅଚଳାଅଚଳ ଧନସମ୍ପତ୍ତି, ଚାକଚକ୍ୟପୂର୍ଣ୍ଣ ବଙ୍ଗଳା, ନୂଆ ଗାଡ଼ି ଆଦି ସହ ଘର ଭିତରେ ସୁଖ ପ୍ରଦାୟକ ସବୁପ୍ରକାର ସାମଗ୍ରୀ ଉପଲବ୍ଧ ରହିଛି। ହେଲେ କାହାରି ମନ କାହାକୁ ପାଉନାହିଁ। ବାପ-ପୁଅର ପଟୁନାହିଁ। ଭାଇ-ଭାଇ ଭିତରେ ଲଢ଼େଇ। ଶାଶୁଙ୍କୁ ମୁହଁତୋଡ଼ ଜବାବ ଦେଉଛି ବୋହୂ। ଗୋଟିଏ ଛାତ ତଳେ ରହିଥିବା ମଣିଷଗୁଡ଼ାକ ଯେମିତି ପରସ୍ପରର ଅଚିହ୍ନା ଆଉ ଅଜଣା ଭଳି ମନେହେଉଛନ୍ତି। ସମ୍ପର୍କର ବନ୍ଧନ ଭିତରେ ଆଉ କେହି ଯେମିତି ବାନ୍ଧିହୋଇ ରହିବାର ମାନସିକତାରେ ନାହାନ୍ତି। ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ନାହିଁ। ପରିବାରରେ ସବୁବେଳେ ପାଟିତୁଣ୍ଡ ଆଉ କଳିଝଗଡ଼ା। ପାରସ୍ପରିକ ବାଦବିବାଦ, ଆକ୍ଷେପ ଓ ପ୍ରତିଆକ୍ଷେପ। ସ୍ୱାର୍ଥପର ଓ ଅବିବେକୀ ମଣିଷ ଙ୍କର ଏଭଳି ଉପଦ୍ରବ ଦେଖି ଘର ଭିତରୁ ଶାନ୍ତି ଉଭାନ ହୋଇଗଲାଣି। ପାରିବାରିକ



ସ୍ଥିତି ଧୀରେ ଧୀରେ ବିଗିଡ଼ିଯିବାକୁ ବସିଲାଣି।

ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ଉଚ୍ଚଶିକ୍ଷିତ ପରିବାରଗୁଡ଼ିକରେ ଏଭଳି ଅଶାନ୍ତି ଅଧିକ ଅନୁଭୂତ ହେଉଛି। ଯେଉଁମାନେ ସ୍ୱଳ୍ପ ଦରମାରେ ଛୋଟିଆ କାମଧନ୍ଦାଟେ କରୁଛନ୍ତି କିମ୍ବା ଦୈନିକ ମୂଲ ମଜୁରି ଲାଗି କିଛି ରୋଜଗାର କରୁଛନ୍ତି ଅଥବା ଛୋଟକାଟର ବେପାରଟେ କରି ଦି'ପଇସା ଉପାର୍ଜନ କରୁଛନ୍ତି ସେମାନେ ଭଲରେ ଅଛନ୍ତି। ଯେତିକି ଉପାର୍ଜନ ସେତିକି ଭିତରେ ସେମାନେ ସେମାନଙ୍କର ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଅଭାବର ପ୍ରଶ୍ନ ଉଠୁନାହିଁ। ସେମାନଙ୍କ ଜୀବନଶୈଳୀ ବେଶ୍ ମାର୍ଜିତ ଓ ଶୃଙ୍ଖଳିତ ମଧ୍ୟ। ବେଶି କିଛି ପାଇବାର ଆଶା ନାହିଁ କି ବଡ଼ଲୋକୀ ପଣ ଦେଖାଇବାକୁ କିମ୍ବା କାହା ସହ ପ୍ରତିଯୋଗିତା କରିବାର ଆକାଂକ୍ଷା ନାହିଁ। ଅଳ୍ପରେ ସନ୍ତୁଷ୍ଟ ସେମାନେ। ତେଣୁ ଅଶାନ୍ତି ଓ ଅସନ୍ତୋଷ କଥା ଆସିବ କାହିଁକି ? ରାସ୍ତାକଡ଼ରେ ଚା'ଜଳଖିଆ, ଚାଟ୍, ଗୁପ୍‌ଚୁପ୍ କିମ୍ବା ଦହିବରା ଆଳୁଦମ ଅଥବା ଆଇସ୍‌କ୍ରିମ କି ଲସି ବିକୁଥିବା ଲୋକଟା କେତେ ଖୁସିରେ ଆଉ ଶାନ୍ତିରେ ଅଛି ତାହା ଥରଟେ ଆପଣ ନିଜ ଆଖିରେ ଦେଖିନେଲେ ହୁଏତ ଆପଣଙ୍କ ବିଶ୍ୱାସକୁ ପାଇବ। କେବେ ଯଦି ଆପଣ ସେମାନଙ୍କ ଘର ପାଖ ଦେଇ ଯିବାର ସୁଯୋଗ ପାଆନ୍ତି, ତା'ହେଲେ ଆପଣ ସେମାନଙ୍କ ସୁଖଶାନ୍ତିପୂର୍ଣ୍ଣ ପାରିବାରିକ ଜୀବନକୁ ଭଲଭାବେ ଅନୁଭବ କରିପାରିବେ। ସେମାନଙ୍କ ସଂସାରର ହସଖୁସି ଓ ପରସ୍ପର ପ୍ରତି ସ୍ନେହ ସଦିଚ୍ଛାପୂର୍ଣ୍ଣ ସମ୍ବୋଧନ ଆପଣଙ୍କୁ ଖୁବ୍ ଆନନ୍ଦ ପ୍ରଦାନ କରିବ ନିଶ୍ଚୟ।

ଜୀବନରେ ସକଳ ସୁଖ ଓ ପ୍ରାଚୁର୍ଯ୍ୟ ଭିତରେ ଯେବେ ଶାନ୍ତି ଟିକକର ଅଭାବ ରହିଛି ତେବେ ସେ କ୍ଷେତ୍ରରେ ଜୀବନ ଏକ ଶୁଷ୍କ ଓ ନିସ୍ତବ୍ଧ ମରୁଭୂମି ସଦୃଶ ପ୍ରତୀୟମାନ ହୋଇଥାଏ। ଆଜି ବିଭିନ୍ନ ମଠ, ମନ୍ଦିର ଓ ଆଶ୍ରମରେ ଆଶ୍ରିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପରିବାର ଭିତରେ ସଦାସର୍ବଦା ଅଶାନ୍ତି ଓ ଅସନ୍ତୋଷ ଭିତରେ ଦିନ କାଟିବା ଅପେକ୍ଷା କେଉଁ ମଠ, ମନ୍ଦିର କି ଆଶ୍ରମରେ ଶାନ୍ତିରେ ଜୀବନ ବିତାଇବାକୁ ଲୋକେ ଅଧିକ ଶ୍ରେୟସ୍କର ମଣୁଛନ୍ତି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୁରୁଷ-ମହିଳା ନିର୍ବିଶେଷରେ ବିଭିନ୍ନ ଦେଶରୁ ଅନେକ ହଜାର ସଂଖ୍ୟାର ଲୋକ ଆଜି ଭାରତର ବିଭିନ୍ନ ମଠ, ମନ୍ଦିର ଓ ଆଶ୍ରମରେ ସବୁଦିନ ଲାଗି ନିଜକୁ ସାମିଲ କରିନେଇଛନ୍ତି। ସେମାନେ ପ୍ରାୟ ସମସ୍ତେ ଉଚ୍ଚଶିକ୍ଷିତ ଓ ଆର୍ଥିକ ଦୃଷ୍ଟିରୁ ବି ସ୍ୱଚ୍ଛଳ ବର୍ଗର। ଜୀବନକୁ ସୁନ୍ଦର ଓ ସୁଖମୟ କରିବାର ସବୁ କିଛି ସାଧନ ସେମାନଙ୍କ ପାଖରେ ରହିଛି। ଅଥଚ ଟିକେ ମାନସିକ ଶାନ୍ତି ଆଶାରେ ସେମାନେ ଆରାମଦାୟକ ଓ ବିଳାସପୂର୍ଣ୍ଣ ଜୀବନକୁ ପଛରେ ପକାଇ ଆଉ ନିଜ ପରିବାରର ସକଳ ବାଧାବନ୍ଧନକୁ ଛିଡ଼ାଇଦେଇ ଏଠାକୁ ଚାଲି ଆସୁଛନ୍ତି। ସକଳ ଅର୍ଥ ଓ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ିରହି ଯେବେ ଶାନ୍ତି ନାହିଁ ତେବେ ଜୀବନଟା ଦୁର୍ବିଷହ ହୋଇପଡ଼େ, ଏକଥା ସେମାନେ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ଏପରିସ୍ଥିତିରେ ଏବେ ସର୍ବତ୍ର ଶାନ୍ତି ଖୋଜାପଡ଼ିଛି। ଆଜି ବିଭିନ୍ନ କାରଣରୁ ଉଭାନ ହୋଇଯାଇଥିବା ପାରିବାରିକ ଶାନ୍ତିକୁ ଫେରାଇ ଆଣିବାକୁ ହେଲେ ଆଧ୍ୟାତ୍ମିକ ଚେତନାକୁ ଆମ ମନ ଭିତରେ ଜାଗ୍ରତ କରାଇବାକୁ ପଡ଼ିବ। ମନରୁ ତୁଚ୍ଛା ଅହଂକାର ଓ ସ୍ୱାର୍ଥପରତାକୁ ଦୂରେଇଦେଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିବାକୁ ହେବ।

**ଶଂଖିଡ଼ା, ଟିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

କୃଷି ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ତ୍ୟାଗ କରି ଏବେ ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି ମହାରାଷ୍ଟ୍ରର ମହେଶ ଅଶାବେ। ସେ ଏହି ଚାଷରୁ ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ମହେଶଙ୍କ ବୟସ ୨୭। ସେ ସୋଲାପୁର ଜିଲାର ମରୁଡ଼ିପ୍ରବଣ ଅଞ୍ଚଳ ସଙ୍ଗୋଲାରେ ଡ୍ରାଗନ ଚାଷ କରିବା ସହ ଆଗାମୀ ପିଢ଼ିଙ୍କୁ ବାଟ ଦେଖାଇଛନ୍ତି। ତାଙ୍କ ଗାଁ ସମ୍ପୂର୍ଣ୍ଣ ଶୁଷ୍କ ଅଞ୍ଚଳ। ଡ୍ରାଗନ ଗ୍ରୀଷ୍ମର ପ୍ରକୋପ ସହ୍ୟ କରିବାର କ୍ଷମତା ଥିବାରୁ ମହେଶ ତାଙ୍କ ଗାଁରେ ୧୨ ବର୍ଷ ପୂର୍ବେ ଏହି ଚାଷ ଆରମ୍ଭ କରିଥିଲେ। ୨୦୧୨ରେ ୯,୦୦୦ ଚାରା ଆଣି ପ୍ରଥମେ ୩ ଏକର ଜମିରେ ଲଗାଇଥିଲେ ଏବଂ ଏଥିରେ ସେ ମୋଟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ପ୍ରଥମରୁ ଲାଭ ପାଇ ନ ଥିଲେ। ଏଥିରେ ମହେଶ ନିରାଶ ହୋଇ ନ ଥିଲେ। ଦ୍ୱିତୀୟ ବର୍ଷରୁ ଡ୍ରାଗନ ଫଳ ଅଧିକ ହେଲା ଓ ସେ ଲାଭ ପାଇଲେ। ଏବେ ସେ ଏକର ପିଛା ୧୦ ଲକ୍ଷ ଟଙ୍କା ହିସାବରେ ୨୦ ଏକରରୁ ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ଥରେ ଡ୍ରାଗନ ଚାଷ ଆରମ୍ଭ କଲେ ଏହା ୨୦ରୁ ୨୫ ବର୍ଷ ଯାଏ ଅମଳକ୍ଷମ ରହିବ ଓ ଏବେ ଅଧିକ ଲାଭ ହେବ ବୋଲି କୁହନ୍ତି ମହେଶ। ଏହାସହ ସେ ଡ୍ରାଗନ ଫ୍ରୁଟ୍ସରୁ ଜୁସ୍, କ୍ୱାସ୍, ଜାମ୍ ଓ ଚକୋଲେଟ ତିଆରି କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଫେବୃଆରୀ ୧୯୭୬

- ବିଶିଷ୍ଟ ବଙ୍ଗୀୟ ସାହିତ୍ୟିକ ଅଚିନ୍ତ୍ୟ କୁମାର ସେନଗୁପ୍ତାଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଭାରତୀୟ ଟେଲିଭିଜନ ଚଳଚ୍ଚିତ୍ର 'ବ୍ରଏଲର- ଦି ଟେବଲ ବାର୍ଡ' ପଶ୍ଚିମ ବର୍ଲିନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ 'ଗୋଲ୍‌ଡେନ୍ ଇୟର' ପୁରସ୍କାର ଲାଭ କରିଛି।
- ଭାରତର ବାଘ ସଂରକ୍ଷଣସ୍ଥଳୀଗୁଡ଼ିକରେ ବ୍ୟବହାର କରିବା ପାଇଁ ବିଶ୍ୱ ବଣ୍ୟଜନ୍ତୁ ପାଣ୍ଠି ପକ୍ଷରୁ ୮ଟି ଓୟାର୍‌ଲେସ୍ ସେଟ୍ ମିଳିଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | 6 | | | | 7 | 5 | |
| | | | | | | 6 | | |
| | | | 2 | | | 4 | 8 | |
| | | 2 | 8 | 4 | | 5 | | |
| 9 | 7 | | 6 | | | | 4 | |
| | | 5 | 1 | | | | | |
| 3 | | | | 7 | | | 6 | 8 |
| 2 | | | | 8 | | 3 | | 5 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 4 | 2 | 3 | 6 | 8 | 1 |
| 2 | 3 | 8 | 6 | 1 | 5 | 4 | 7 | 9 |
| 6 | 4 | 1 | 8 | 7 | 9 | 3 | 2 | 5 |
| 4 | 2 | 7 | 3 | 9 | 1 | 5 | 6 | 8 |
| 5 | 6 | 9 | 2 | 8 | 7 | 1 | 4 | 3 |
| 1 | 8 | 3 | 5 | 4 | 6 | 7 | 9 | 2 |
| 9 | 5 | 2 | 1 | 6 | 4 | 8 | 3 | 7 |
| 8 | 1 | 6 | 7 | 3 | 2 | 9 | 5 | 4 |
| 3 | 7 | 4 | 9 | 5 | 8 | 2 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କାର୍ଯ୍ୟ ସମୟର ଅନୁଚିନ୍ତା

ମହାଶୟ,

କିଛିଦିନ ହେବ କର୍ମଚାରୀମାନେ କେତେ ଘଣ୍ଟା କାମ କରିବା ନେଇ ବିତର୍କ ଚାଲିଛି। ସାରା ଦେଶରେ କାର୍ଯ୍ୟ ସମୟର ବିଭିନ୍ନତାକୁ ଆଲୋଚନା କଲେ ଜଣାଯିବ ଯେ, ରେଳ, ଡାକ, ପୋଲିସ , ଅଗ୍ନିଶମ, ଆକାଶବାଣୀ, ଦୂରଦର୍ଶନ ଓ ଖବରକାଗଜରେ ଚାକିରିଆଙ୍କ ଛୁଟି ବହୁତ କମ୍ ଓ ଛୁଟିଦିନରେ ବି କାମ କରନ୍ତି। ମାତ୍ର ଚାକିରିଆ ସଚିବାଳୟ ପ୍ରଭୃତିରେ ଶନିବାର, ରବିବାର ସହ ଅନ୍ୟାନ୍ୟ ଦିନ ମଧ୍ୟ ପ୍ରଚୁର ଛୁଟି ମିଳେ। ପ୍ରତିବନ୍ଧିତ ଅଞ୍ଚଳ ହେତୁ କେତେ ସମୟ ରହିଛି ଜାଣିବା ମୁସ୍କିଲ। ନ୍ୟାୟାଳୟମାନଙ୍କରେ ଅନେକ ଛୁଟି, ବଡ଼ଦିନ, ଦଶହରା ପ୍ରଭୃତି ଲମ୍ବା ଛୁଟି ପୁଣି ଖରାଦିନେ। କିନ୍ତୁ ବେସରକାରୀ ସଂସ୍ଥାରେ ଛୁଟି ସଂଖ୍ୟା ସୀମିତ। ଆଠରୁ ଦଶଘଣ୍ଟା କାମ କରି ନ ପାରିଲେ ବିଦାୟ। ସରକାରୀ ଚାକିରିରେ ଆରାମରେ ୧୧/୧୨ଟାରେ ଆସି ଗୁଲିଖଟି କରି ମଧ୍ୟାହ୍ନ ବିରତି ଘରେ ଶୋଇ ୩/୪ଟା ବେଳକୁ ଆସି ପୁଣି ୫ଟା ପୂର୍ବରୁ ବିଦାୟ। ବ୍ଲକ ଓ ତହସିଲ, ଦେବୋତ୍ତର ପରି ବିଭାଗରେ କାର୍ଯ୍ୟାଳୟ ନ ଆସିଲେ ଦେଖିବାକୁ କି କହିବାକୁ କେହି ନାହାନ୍ତି। ନିବେଶକରୁ ଆରମ୍ଭ ହୋଇଥିବା କାଜୁଆଲ ଚୁକ୍ତିଭିତ୍ତିକ ଚାକିରି ଜମିଦାରୀ ବେଳର ବେଠିଆ ବ୍ୟବସ୍ଥା। ତେଣୁ ଦେଶରେ ସବୁ ଚାକିରି ପାଇଁ ଛୁଟି ସମାନ ରହୁ। ଦିନକୁ ଅଧଘଣ୍ଟା ସାପ୍ତାହିକ ଛୁଟିଦିନ କାମ କରନ୍ତୁ ଅଥବା ଯେତେ ଘଣ୍ଟା କାମ କରିବେ ସେହି ଅନୁଯାୟୀ ସମସ୍ତଙ୍କୁ ଦରମା ମିଳିଲେ ସମାନତା ଆସିବ।

**-ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ**

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା।
ମୁଁ ତ ପିଇଛି ସ୍ୱପନ ସୁଧା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ Bhubaneswar, Saturday, February 1/ 2025

# ରିମା, ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ




**ଭୁବନେଶ୍ୱର, ୩୧।୧ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଭାରୋତ୍ତୋଳନ ଓ ମହିଳା ରଗ୍‌ବୀରୁ ଓଡ଼ିଶାକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ମହିଳା ୫୯ କେଜି ବର୍ଗରେ ରିମା ଭୋଇ ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୫ ଏହିପରି ମୋଟ ୧୮୯ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୫ କେଜି ବର୍ଗରେ ଓଡ଼ିଶାର ମୀନା ସାନ୍ତା ୧୮୧ କେଜି ଉତ୍ତୋଳନ କରି ୪ର୍ଥ ଓ ସେହ୍ନା ସୋରେନ ୧୮୦ କେଜି ସହ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ସେହିପରି ଓଡ଼ିଶା ମହିଳା ରଗ୍‌ବୀ ଦଳ ଫାଇନାଲରେ ବିହାରକୁ ୨୯-୫ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି।

ଏହା ବ୍ୟତୀତ ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ୬୦ କିଲୋମିଟର ମାସ୍ ଷ୍ଟାର୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ପୁରୁଷ ରଗ୍‌ବୀ ଦଳ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛି। ଓଡ଼ିଶା ବ୍ରୋଞ୍ଜ ମୁକାବିଲାରେ ପଶ୍ଚିମବଙ୍ଗକୁ ୨୬-୧୦ରେ ପରାସ୍ତ କରିଛି। ସୁଇମର ପ୍ରତ୍ୟାଶା ରାୟ ମଧ୍ୟ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ଏହି ସଫଳତା ପାଇଛନ୍ତି। ସେହିପରି ରିୟା ଠାକୁର ଉଷୁ ତାଓଲୁ-ଗୁନ୍‌ଶୁ ମହିଳା ଷ୍ଟିକ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି।

**ଜାତୀୟ କ୍ରୀଡ଼ା**

**ସ୍ୱସ୍ତି, ପ୍ରତ୍ୟାଶା, ରିୟା, ପୁରୁଷ ରଗ୍‌ବୀ ଦଳକୁ ବ୍ରୋଞ୍ଜ**

ମହିଳା ଖୋ ଖୋ ଦଳ କର୍ଣ୍ଣାଟକକୁ ୩୬-୨୩ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ରାଜ୍ୟର ଉଷୁ ଖେଳାଳି ମଞ୍ଜୁ ମୁଣ୍ଡା ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ମହିଳା ସାଣ୍ଡାର ୪୫ କେଜି ବର୍ଗରେ ଦିଲ୍ଲୀ ପ୍ରତିଯୋଗୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଏହି ଦଳ ତାମିଲନାଡୁକୁ ୨-୦ ଗୋଲରେ ହରାଇ ଦେଇଛି।




ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ବିଜୟିନୀ ପ୍ରତ୍ୟାଶା ରାୟ ଓ ସ୍ୱସ୍ତି ସିଂ।



ଉଷୁରେ ବ୍ରୋଞ୍ଜ ପଦକ ହାସଲକାରୀ ରିୟା ଠାକୁର।



ମହିଳା ରଗବୀରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଦଳ।



ବ୍ରୋଞ୍ଜ ବିଜେତା ପୁରୁଷ ରଗବୀ ଦଳ।

# ବାରବାଟୀ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**କଟକ,୩୧।୧(କାର୍ତ୍ତିକ ସାହୁ)**

ପାଖେଇ ଆସୁଛି ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍। ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ୯ ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏକଦିବସୀୟ ମ୍ୟାଚ୍‌କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ସୂଚନାନୁସାରେ, ଏଥର ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ଲିଜେଣ୍ଡାରୀ ବକ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଥିବା ବରିଷ୍ଠ ବ୍ୟକ୍ତିତ୍ୱ, କିମ୍ବଦନ୍ତୀ ଖେଳାଳି ଓ ଜାତୀୟ ତଥା ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ। ମୁଖ୍ୟମନ୍ତ୍ରୀ ମାଝୀ ଏହାର ନିର୍ମାଣ ଓ ସ୍ୱତନ୍ତ୍ର ସ୍ଥାନ ବିଷୟରେ ଆଲୋଚନା କରି ଓସିଏ ସମ୍ପାଦକ ଏବଂ ଅନ୍ୟ ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି। ସେ ଗ୍ରାଉଣ୍ଡ ପରିଦର୍ଶନ କରିବା ସହ ମ୍ୟାଚ୍‌କୁ ନେଇ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସହ ଦର୍ଶକ ଓ ଖେଳାଳିଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଛନ୍ତି।

ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ଭାରତ ଓ ଇଂଲଣ୍ଡ ଦଳ ପାଇଁ ଏକ ଥିମ୍ ସଙ୍ଗୀତ 'ସ୍ୱାଗତ ସୁସ୍ୱାଗତ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ସ୍ୱାଗତ ସଙ୍ଗୀତରେ ଭରି ରହିଛି ଓଡ଼ିଆ ସ୍ୱାଭିମାନ, ଐତିହ୍ୟ, ସଭ୍ୟତା, ସଂସ୍କୃତି ଓ ପରମ୍ପରାର ଅନନ୍ୟ ଝଲକ। ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଗୀତିକାର ବିଜୟ ମଲ୍ଲ, ପ୍ରତିଭାଶାଳୀ ପ୍ରଚ୍ଛଦପଟ ଗାୟକ ଋତୁରାଜ ମହାନ୍ତି ଏବଂ ରାପର ସମୀର ମହାନ୍ତି ଗୀତକୁ ସରସ ସୁନ୍ଦର କରିବା ପାଇଁ ଉଦ୍ୟମ କରିଛନ୍ତି।

କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଆଡ୍‌ଭୋକେଟ ଜେନେରାଲ ଅଫ୍ ଓଡ଼ିଶା ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପଲ୍‌ଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଜଗମୋହନ ମୀନା, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଏବଂ ଓସିଏର ଅନ୍ୟ ବିଶିଷ୍ଟ ସଦସ୍ୟ ଡ. ଅଞ୍ଜନ ଖୁଣ୍ଟିଆ, ବିଜୟ କୁମାର ଦାସ, ଅମିତ ବେହେରା, ଶିବୁ ମଲ୍ଲିକ, ସନ୍ତୋଷ ଦାସ, ତଡ଼ିତ କୁମାର ରାଉତ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ କୁମାର ମହାନ୍ତି, ଅନିଲ ବିଶ୍ୱାଳ, ସ୍ୱାଗତ ସାମନ୍ତରାୟ ଓ ନିର୍ବାଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବାରବାଟୀ ଷ୍ଟାଡିୟମ୍ ପରିଦର୍ଶନ ଅବସରରେ କ୍ରିକେଟ୍ ଖେଳୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

- ■ ଥିମ୍ ସଙ୍ଗୀତ ଉନ୍ମୋଚିତ
- ■ ପ୍ରଥମ ଥର ଲିଜେଣ୍ଡାରୀ ବକ୍ସ

# ଭାରତ ସିରିଜ ବିଜୟୀ

**ପୁଣେ, ୩୧।୧**

ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୧୫ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩-୧ରେ ଅଗ୍ରଣୀ ରହିବା ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି ଟିମ୍ ଇଣ୍ଡିଆ। ଶିବମ୍ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ କରିଥିଲା। ୧୮୨ ରନ ବିଜୟ ଲକ୍ଷ୍ୟରେ ଇଂଲଣ୍ଡ ୧୯.୪ ଓଭରରେ ୧୬୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫିଲିପ ସଲ୍ଟ ଓ ବେନ୍ ଡକେଟଙ୍କ ସହାୟତାରେ ଭଲ ଓପନିଂ କରିଥିବା ଇଂଲଣ୍ଡ ହ୍ୟାରି ବ୍ରୁକ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ବିଜୟ ପଥରେ ରହିଥିଲା। ମାତ୍ର ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ପରାଜୟ ସ୍ୱିକାର କରିଥିଲା। ଦଳ ପକ୍ଷରୁ ବ୍ରୁକ୍ ସର୍ବାଧିକ ୫୧, ଡକେଟ ୩୯ ଓ ସଲ୍ଟ ୨୩ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ଏବଂ ଶିବମ୍ ଦୁବେଙ୍କ ସ୍ଥାନରେ କନ୍‌କସନ ସବ୍‌ଷ୍ଟିଚ୍ୟୁଟ ଆସିଥିବା ହର୍ଷିତ ରାଣା ୩ଟି ଲେଖାଏ, ବରୁଣ ଚକ୍ରବର୍ତ୍ତୀ ୨ଟି ଏବଂ ଅକ୍ଷର ପଟେଲ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ମାତ୍ର ୧୨ ରନ ମଧ୍ୟରେ ଟପ୍ ଅର୍ଡରର ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅଭିଷେକ ଶର୍ମା ୧୯ ବଲ୍‌ରୁ ୨୯ ଓ ରିଙ୍କୁ ସିଂ ୨୬ ବଲ୍‌ରୁ ୩୦ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଲୋୟର ଅର୍ଡରରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅର୍ଦ୍ଧଶତକ ହାସଲ କରିବାରୁ ଭାରତ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଦୁହେଁ ୬ଷ୍ଠ ଉଇକେଟରେ ୪୫ ବଲ୍‌ରୁ ୮୭ ରନର ଭାଗୀଦାରି ଗଢ଼ିଥିଲେ। ହାର୍ଦ୍ଦିକ ୩୦ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ୫୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଦୁବେ ୩୪ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହାୟତାରେ ୫୩ ରନକରି ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିଲେ। ଇଂଲଣ୍ଡ ବୋଲରଙ୍କ ପକ୍ଷରୁ ସାକିବ ମହମ୍ମଦ ୩ଟି, ଜେମି ଓଭର୍ଟନ ୨ଟି ଏବଂ ବ୍ରେଡନ କାର୍ସ ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୧/୯ (ଶିବମ୍ ଦୁବେ-୫୩, ହାର୍ଦ୍ଦିକ ପାଣ୍ଡ୍ୟା-୫୩, ରିଙ୍କୁ ସିଂ-୩୦, ଅଭିଷେକ ଶର୍ମା-୨୯, ସାକିବ ମହମ୍ମଦ-୩/୩୫, ଜେମି ଓଭର୍ଟନ-୨/୩୨, ବ୍ରେଡନ କାର୍ସ-୧/୩୯, ଆଦିଲ ରଶିଦ-୧/୩୫)। ଇଂଲଣ୍ଡ ୧୯.୪ ଓଭରରେ ୧୬୬/ଅଲଆଉଟ (ହ୍ୟାରି ବ୍ରୁକ୍-୫୧, ବେନ୍ ଡକେଟ-୩୯, ଫିଲିପ୍ ସଲ୍ଟ-୨୩, ରବି ବିଷ୍ଣୋଇ-୩/୨୮, ହର୍ଷିତ ରାଣା-୩/୩୩, ବରୁଣ ଚକ୍ରବର୍ତ୍ତୀ-୨/୨୮, ଅକ୍ଷର ପଟେଲ-୧/୨୬, ଅର୍ଶଦୀପ ସିଂ-୧/୩୫)।



ଶଟ୍ ଖେଳିବା ଅବସରରେ ଶିବମ୍ ଦୁବେ।

# ବେଙ୍ଗଲ-ହାଇଦ୍ରାବାଦ ଫାଇନାଲ ଆଜି

**ରାଉରକେଲା,୩୧।୧ (ଦିନେଶ ମିଶ୍ର)**

**ହକି ଇଣ୍ଡିଆ ଲିଗ୍**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଶୁଟ୍ ଆଉଟ ୬-୫ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ହାଇଦ୍ରାବାଦ ତୋଫାନ୍ସ ୩-୧ ଗୋଲରେ ସୁର୍ମା ହକି କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ତୃତୀୟ ସ୍ଥାନ ପାଇଁ ତାମିଲନାଡୁ ଡ୍ରାଗନ୍ସ ଓ ସୁର୍ମା ହକି କ୍ଲବ ପରସ୍ପରକୁ ଭେଟିବେ। ପ୍ରଥମ ସେମିଫାଇନାଲରେ ତାମିଲନାଡୁ ଡ୍ରାଗନ୍ସ ଓ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ନାଥନ୍ ଇଫ୍ରାଉମ୍ସ ଓ କାର୍ଥି ସେଲଭାମ୍ ଏବଂ ବେଙ୍ଗଲ ଟାଇଗର୍ସ ପକ୍ଷରୁ ପ୍ରଦୀପ ସିଂ ସାନ୍ଧୁ ଓ ସାମ୍ ଲେନ୍ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ଟାଇଗର୍ସ ଗୋଲକିପର ଜେମି କାର୍ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ଅମନଦୀପ ଲାକ୍ରା ୨୫, ଜାକବ ଆଣ୍ଡରସନ ୩୫ ଓ ନିଳକାନ୍ତ ଶର୍ମା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲଦେଇଥିଲେ। ସୁର୍ମା ପକ୍ଷରୁ ଜେରେମି ହେୱାର୍ଡ ଗୋଟିଏ ଗୋଲ ପରିଶୋଧ କରିଥିଲେ।



ଶୁଟ୍ ଆଉଟରେ ବିଜୟ ପରେ ଉଲ୍ଲସିତ ରର୍ ବେଙ୍ଗଲ ଟାଇଗର୍ସ ଖେଳାଳିମାନେ।

# ଫାଇନାଲରେ ଭାରତ

**କୁଆଲାଲମ୍ପୁର, ୩୧।୧ (ପି.ଟି.)**

ଜି. କମଳିନୀଙ୍କ ଚମତ୍କାର ଅର୍ଦ୍ଧଶତକ ଏବଂ ସ୍ପିନରମାନଙ୍କ ପ୍ରଭାବୀ ବୋଲିଂ ଯୋଗୁ ଭାରତ ୯ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଭାରତ ରବିବାର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଦକ୍ଷିଣ ଆଫ୍ରିକା ପ୍ରଥମ ଥର ଆଇସିସି ୧୯ ବର୍ଷରୁ କମ୍ ଟି୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଉଇକେଟରେ ବିଜୟ ହାସଲ କରିଛି। ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୧୩ ରନ କରିପାରିଥିଲା। ଜବାବରେ ଭାରତ ୧୫ ଓଭରରେ ୧ ଉଇକେଟ ବିନିମୟରେ ୧୧୭ ରନ କରି ମ୍ୟାଚ ଜିତି ନେଇଥିଲା।

# ବ୍ୟାଟିଂ ପରେ ବୋଲିଂରେ ରାଜେଶଙ୍କ ଚମତ୍କାରିତା

**ଭୁବନେଶ୍ୱର, ୩୧।୧ (ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ସର୍ଭିସେସ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବ୍ୟାଟିଂ ପରେ ବୋଲିଂରେ ଚମତ୍କାରିତା ଦେଖାଇଛନ୍ତି ଓଡ଼ିଶା ଦ୍ରୁତବୋଲର ରାଜେଶ ମହାନ୍ତି। ଓଡ଼ିଶା ପ୍ରଥମ ଇନିଂସରେ ସମସ୍ତ ସ୍ପେଶାଲିଷ୍ଟ ବ୍ୟାଟର ଫେଲ୍ ମାରିଥିବାବେଳେ ଲୋୟର ଅର୍ଡରରେ ଆସି ୬୦ ରନର ମୂଲ୍ୟବାନ ଇନିଂସ ଖେଳିଥିବା ରାଜେଶ ଶୁକ୍ରବାର ବୋଲିଂରେ ମଧ୍ୟ ଚମକ ଦେଖାଇ ୫ ଉଇକେଟ ସଫଳତା ଲାଭ କରିଛନ୍ତି। ଫଳରେ ରବି ଚୌଧାରୀଙ୍କ ଶତକୀୟ ଇନିଂସ ସତ୍ତ୍ୱେ ସର୍ଭିସେସ ପ୍ରଥମ ଇନିଂସରେ ୧୯୯ରେ ଶେଷ ହୋଇଯାଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୬୭ ରନ କରିଛି। ଫଳରେ ୭ ଉଇକେଟ ବାକିଥାଇ ଓଡ଼ିଶା ମୋଟ ୧୪୮ ରନରେ ଅଗ୍ରଣୀଲାଭ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୮୫/୨ରୁ ଖେଳ ଆରମ୍ଭ କରିଥିବା ସର୍ଭିସେସ ପକ୍ଷରୁ ଶତକ ହାସଲ କରିଥିଲେ ରବି ଚୌହାନ। ସେ ୧୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୨ ଛକା ସହାୟତାରେ ୧୨୦ ରନ କରିଥିଲେ। ମାତ୍ର ଓଡ଼ିଶା ବୋଲରଙ୍କୁ ଅନ୍ୟ ବ୍ୟାଟରମାନେ ମୁକାବିଲା କରିବାରେ ବିଫଳ ହୋଇଥିଲେ। ସୂରଜ ବଶିଷ୍ଟ ଦ୍ୱିତୀୟ ସର୍ବାଧିକ ୨୪ ରନ କରିପାରିଥିଲେ। ଓଡ଼ିଶା ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥିବା ରାଜେଶ ୧୩.୪ ଓଭର ବୋଲିଂ କରି ୨ଟି ମେଡେନ ନେବାସହ ୬୮ ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ତାପସ ଦାସଙ୍କୁ ୩ ଉଇକେଟ ମିଳିଥିବାବେଳେ ସୁନୀଲ ରାଉଳ ପାଇଥିଲେ ୨ ଉଇକେଟ।

ଦ୍ୱିତୀୟ ଇନିଂସରେ ଓଡ଼ିଶା ପକ୍ଷରୁ ଓପନିଂ ଯୋଡ଼ିରେ ୬୧ ରନ ଯୋଗ କରିଥିଲେ ସ୍ୱସ୍ତିକ ସାମଲ ଓ ଆଶୀର୍ବାଦ ସ୍ୱାଇଁ। ସ୍ୱସ୍ତିକ ୩୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପରେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ଓ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୨୯ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ଅର୍ଦ୍ଧଶତକ ପୂରଣ କରି ୬୪ ରନରେ ଅପରାଜିତ ରହିଛନ୍ତି ଆଶୀର୍ବାଦ। ଷ୍ଟମ୍ପ ବେଳକୁ ତାଙ୍କ ସହ ରାଜେଶ ଧୂପର ୧୦ ରନକରି ଅପରାଜିତ ରହିଥିଲେ। ସର୍ଭିସେସ ବୋଲରଙ୍କ ମଧ୍ୟରେ ବରୁଣ ଚୌଧାରୀ, ଅମିତ ଶୁକ୍ଳା ଓ ପୁଲକିତ ନାରଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ରାଜେଶ ମହାନ୍ତି

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୮୦। ସର୍ଭିସେସ ପ୍ରଥମ ଇନିଂସ: ୧୯୯/ଅଲଆଉଟ (ରବି ଚୌହାନ-୧୨୦, ରାଜେଶ ମହାନ୍ତି-୫/୬୮, ତାପସ ଦାସ-୩/୫୭, ସୁନୀଲ ରାଉଳ-୨/୫୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬୭/୩ (ଆଶୀର୍ବାଦ ସ୍ୱାଇଁ-୬୪*, ସ୍ୱସ୍ତିକ ସାମଲ-୩୭, ଗୋବିନ୍ଦ ପୋଦ୍ଦାର-୨୯, ବରୁଣ ଚୌଧାରୀ-୧/୩୨, ଅମିତ ଶୁକ୍ଳା-୧/୯, ପୁଲକିତ ନାରଙ୍ଗ-୧/୨୨)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 1/2025 Page 16 ₹ 7.00
୫୧ଶ ଭାଗ ୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 69 ମୂଲ୍ୟ₹୭/-

DSPL-373



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ସରକାର

# ସଶକ୍ତ କୃଷକ, ସମୃଦ୍ଧ ଓଡ଼ିଶା

ଅଦ୍ୟାବଧି ପ୍ରାୟ ୧୦ ଲକ୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହିସାବରେ ୧୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।

ଧାନର କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ହିସାବରେ ୩,୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।



OIPR-07002/13/0025/2425

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ପୋଲିସ ଚାକିରି ଦେବା ନାଁରେ ୪.୧୦ ଲକ୍ଷ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ପୋଲିସ ବିଭାଗରେ ଚାକିରି ଦେବାକୁ କହି ୪ ଲକ୍ଷ ୧୦ ହଜାର ଟଙ୍କା ଠକିବା ଅଭିଯୋଗରେ କ୍ୟାପିଟାଲ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ ଖଣ୍ଡଗିରିରେ ରହୁଥିବା ଜଗତ୍‌ସିଂହପୁରର ସ୍ମୃତିରଞ୍ଜନ ସ୍ୱାଇଁ(୨୭)। ଏନେଇ ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ। ଜାମିନ ନ ମିଳିବାରୁ ସ୍ମୃତିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିରେ ପଡ଼ିଥିବା ଦେବାଶିଷ ନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।



# ରାଜଧାନୀରେ ଦୁଇ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ଗୋଟିଏ ଘରୁ ମିଳିଲା ମୃତଦେହ

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ଗୋଟିଏ ଘରୁ ଦୁଇ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଛି। ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରସ୍ଥିତ ପଞ୍ଜାବୀ କଲୋନୀରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁରର ଦେବାଶିଷ ସାହୁ ଓ ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳର ଜ୍ଞାନରଞ୍ଜନ ବେହେରା। ତେବେ ଯୁବକଦ୍ୱୟଙ୍କର ଏକାବେଳେ ପୁଣି ଗୋଟିଏ ଘରେ ମୃତ୍ୟୁ ଘଟଣାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଉଭୟଙ୍କ ପାଟିରୁ ଫେଣ ବାହାରୁଥିବାରୁ ମୃତ୍ୟୁ ପଛରେ ବଡ଼ ଆପରାଧିକ ର୍‍ୟାକେଟ ରହିଥିବା ସନ୍ଦେହ କରାଯାଉଛି। ଖାରବେଳ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଦେବାଶିଷ ଓ ଜ୍ଞାନରଞ୍ଜନ 'ମୋ ପିଠା' ନାମକ ସଂସ୍ଥାରେ ସେଲ୍ସମ୍ୟାନ ଭାବେ କାମ କରୁଥିଲେ। ଦେବାଶିଷଙ୍କ ବାପା ମଧ୍ୟ ଉକ୍ତ ସଂସ୍ଥାରେ ମିସ୍ତ୍ରି ଭାବେ କାମ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ମୃତଦେହ ମିଳିଥିବା ଘରୁ ପୋଲିସ କିଛି ପିଠା ଓ ମଶା ଧୂପ କାଠି ପାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

ସୂଚନାନୁସାରେ, ଖାରବେଳନଗର ଥାନା ପଞ୍ଜାବୀ କଲୋନୀରେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ଘରେ ଦେବାଶିଷ ଓ ଜ୍ଞାନରଞ୍ଜନ ରହୁଥିଲେ। ସବୁଦିନ ପରି ଗୁରୁବାର ଦୁହେଁ ସାଙ୍ଗ ହୋଇ ଅଫିସ ଯାଇଥିଲେ। କାମ ସରିବା ପରେ ରାତିରେ ଘରକୁ ଫେରିଥିଲେ। ହେଲେ ଶୁକ୍ରବାର ସକାଳେ କାମ କରୁଥିବା ସଂସ୍ଥାକୁ ଯାଇ ନ ଥିଲେ। ଏନେଇ ସଂସ୍ଥାର ମାଲିକ ଫୋନ କରିଥିଲେ ମଧ୍ୟ ଉଠାଇ ନ ଥିଲେ। ଏହାପରେ ମାଲିକ ଉକ୍ତ ଘରକୁ ଯାଇ କବାଟ ବାଡେଇବାରୁ ଭିତରପଟୁ କୌଣସି ଉତ୍ତର ନ ଆସିବାରୁ ଆଉ ଏକ କବାଟ ପଟେ ଭିତରକୁ ପଶି ଉଭୟଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରିକି ମୁହଁକୁ ପାଣି ମାରିବା ସହ ଛାତିକୁ ଚିପି ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ସେ ଘର ମାଲିକ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନେଇଥିଲେ। ହେଲେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


ଦୁଇ ଯୁବକଙ୍କ ମୃତଦେହ ମିଳିଥିବା ଘରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ଟ୍ରକ୍ ମାଲିକଙ୍କୁ ଗୁଳିମାଡ଼

## ପରିବହନ ବ୍ୟବସାୟକୁ କେନ୍ଦ୍ରକରି ଟାର୍ଗେଟ୍ ସନ୍ଦେହ

ସୁନ୍ଦରଗଡ଼,୩୧।୧(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା ଭଶ୍ମା ଥାନା ଅନ୍ତର୍ଗତ ଦର୍ଲିପାଲି ଆଶ୍‌ପଣ୍ଡସ୍ଥିତ ବରୋବଗା ଛକରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାବେଳେ ଜଣେ ଟ୍ରକ ମାଲିକଙ୍କ ଉପରକୁ ଗୁଳିମାଡ଼ ହୋଇଛି। ସେହେଲେ ଶରଧାପାଲିର ସୁରଜ ପଟେଲ(୪୦)। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ସୁରଜ କୋଇଲା ଓ ଆଶ୍ ପରିବହନ ବ୍ୟବସାୟ କରନ୍ତି। ତେଣୁ ପରିବହନ ବ୍ୟବସାୟକୁ କେନ୍ଦ୍ରକରି ତାଙ୍କ ଉପରକୁ ଗୁଳିମାଡ଼ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଭଶ୍ମା ଥାନା ପୋଲିସ ଓ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତନାଘନା ତଦନ୍ତ ଆରମ୍ଭ କରିଛନ୍ତି। ତାଙ୍କର ଡାହାଣ ପଟ ପେଟରେ କ୍ଷତଚିହ୍ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସୁରଜ ନିଜ କାର ଯୋଗେ ଦର୍ଲିପାଲି ଯାଇଥିଲେ। ଦର୍ଲିପାଲି ଆଶ୍‌ପଣ୍ଡସ୍ଥିତ ବରୋବଗା ଛକରେ ଥିବାବେଳେ ହଠାତ୍ ୮ଟି ବାଇକରେ ପ୍ରାୟ ୨୦ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ସହିତ ଝଗଡ଼ା କରିଥିଲେ। ପରେ ଜଣେ ଯୁବକ ତାଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏସ୍‌ପି ଦିବାକରଙ୍କ କହିବା ମୁତାବକ, ସୁରଜଙ୍କ ସହିତ କିଛି ଯୁବକ ପହଞ୍ଚି ଝଗଡ଼ା କରୁଥିବା ୩୦ମିଟର ଦୂରତାରେ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଦେଖିଥିଲେ ଏବଂ କୌଣସି ଗୁଳି ଶବ୍ଦ ଶୁଣି ନ ଥିଲେ। ଗୁଳିକାଣ୍ଡ ଖବର ପାଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ଡାକ୍ତରଖାନାରେ ପହଞ୍ଚି ଆହତ ସୁରଜଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ କେଉଁ କାରଣରୁ ଗୁଳିମାଡ଼ ହେଲା ତାହାର ପ୍ରକୃତ କାରଣ ଜଣାପଡ଼ି ନାହିଁ।

# କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ମା'

ବ୍ରହ୍ମପୁର,୩୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଲାଞ୍ଜିପଲି ଉମାନଗର ପ୍ରଥମ ଲାଇନରେ ଭଡ଼ାଘରେ ଗୁରୁବାର ଜଣେ ଯୁକ୍ତ ୨ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଲୋକନାଥପୁର ଗ୍ରାମର ଲକ୍ଷ୍ମୀନୃସିଂହ ପାଢ଼ୀ(୧୭)। ଘର ଭିତରେ ସିଗାରେଟ, ରକ୍ତଛିଟା ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ପଡିଛି। ପୁଅକୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ଲକ୍ଷ୍ମୀ ନୃସିଂହଙ୍କ ମା' ଅନୁପମା ପାଢ଼ୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଲକ୍ଷ୍ମୀନୃସିଂହ ଲାଞ୍ଜିପଲି ଜାତୀୟ ରାଜପଥ କଡ଼ରେ ଥିବା ଅକ୍ସଫୋର୍ଡ ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ପୁଅର ସୁବିଧା ପାଇଁ ଅନୁପମା ଗତ ୬ ମାସ ହେଲା ଉମାନଗରରେ ଘରଭଡ଼ା ନେଇ ପାଖରେ ରହୁଥିଲେ। ଗୁରୁବାର ଅନୁପମା ଓ ଘର ମାଲିକଙ୍କ ସ୍ତ୍ରୀ ମିଶି ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଅନୁପମା ଘରକୁ ଫେରିବା ବେଳକୁ ଘର କବାଟ ଖୋଲାଥିଲା। ଭିତରେ ଲକ୍ଷ୍ମୀନୃସିଂହ ବସି ରହିଥିବା ବେଳେ ତାଙ୍କ ବେକରେ ଗାମୁଛା ବନ୍ଧାଯାଇ ଏକ ପ୍ଲାଷ୍ଟିକ ରଶି ଛାତରେ ଥିବା ଏକ ହୁକରେ ଲାଗିଥିବା ଦେଖାଯାଇଥିଲା। ପୁଅ ବଞ୍ଚିଥିବ ଭାବି ଘର ମାଲିକଙ୍କ ସହାୟତାରେ ଅନୁପମା ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘରେ ପହଞ୍ଚି ପରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୪୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହଙ୍କ ବାପା ଅମୀୟ କୁମାର ପାଢୀ ଦୁଇବର୍ଷ ତଳେ ଆତ୍ମହତ୍ୟା କରିଥିଲେ।

## ଗୁଳି ଫୁଟାଇ ୭୦ ହଜାର ଟଙ୍କା, ବାଇକ୍ ଲୁଟ୍

ଧର୍ମଶାଳା/କାଏମା,୩୧।୧
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଧର୍ମଶାଳା–କବାଟବନ୍ଧ ରାସ୍ତାର ଇମାମନଗର ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଲୁଟ୍ ହୋଇଛି। ମେଡିସିନ୍ କମ୍ପାନୀ ଷ୍ଟାର୍ ହେଲଥ୍ କେୟାରର ଜଣେ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁ ଲଗାଇବା ସହ ବ୍ଲାଙ୍କ୍ ଫାୟାରିଂ କରି ତାଙ୍କଠାରୁ ୭୦ ହଜାର ଟଙ୍କା ସହ ତାଙ୍କ ବାଇକ୍‌କୁ ଦୁର୍ବୃତ୍ତ ଲୁଟିନେଇଛନ୍ତି। କର୍ମଚାରୀ ରଣଜିତ୍ ସେଠୀ ଡୁବୁରୀ ଅଞ୍ଚଳରୁ ଟଙ୍କା ଆଦାୟ କରି ନିଜ ବାଇକ୍‌ରେ ଜାରକା ଫେରୁଥିଲେ। ଜେନାପୁରଠାରୁ ୨ ମୁଖା ପିନ୍ଧା ଯୁବକ ଓଡ଼ି୩୪ଏସ୍ ୦୪୭୭ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଲୁଟ୍ କରିଥିଲେ। ପରେ ୧ ରାଉଣ୍ଡ ବ୍ଲାଙ୍କ ଫାୟରିଂ କରିଥିଲେ। ଦୁର୍ବୃତ୍ତ ବ୍ୟବହାର କରିଥିବା ବାଇକକୁ ନିକଟସ୍ଥ କେନାଲକୁ ଫିଙ୍ଗିଦେଇ ରଣଜିତ୍‌ଙ୍କ ବାଇକ୍‌କୁ ନେଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ଧର୍ମଶାଳା ଓ ଜେନାପୁର ପୋଲିସ ପହଞ୍ଚି ରଣଜିତଙ୍କୁ ପଚରାଉଚରା କରିବା ସହ ବାଇକ୍‌କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ବାଇକ୍‌ଟି ଚୋରାବାଇକ୍ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବାଇକ୍‌ଟି ପୂର୍ବରୁ ଚୋରି ହୋଇଥିବା ଜେନାପୁର ଥାନାରେ ଲିଖିତ ଅଭଯୋଗ ହୋଇଥିଲା। ଧର୍ମଶାଳା ପୋଲିସ ସାଇଣ୍ଟିଫିକ୍ ଟିମ୍ ମାଧ୍ୟମରେ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଏଟିଏମ୍ ଟଙ୍କା ଜମାକାରୀ ସାଜିଥିଲେ ଲୁଟେରା

## ୫ ଅଭିଯୁକ୍ତ ଗିରଫ, ୭ ଲକ୍ଷ ୮୦ ହଜାର ଟଙ୍କା ଜବତ

ଭବାନୀପାଟଣା,୩୧।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଜମା କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ସିକ୍ୟୁର ଭେଲ୍ୟୁ ଇଣ୍ଡିଆ ଏଲ୍‌ଟିଡି ନାମକ ସଂସ୍ଥା ସହ ଚୁକ୍ତିନାମା କରିଛି। ଜିଲା ମୁଖ୍ୟାଳୟ ଷ୍ଟେଟବ୍ୟାଙ୍କରୁ ଏହି ସଂସ୍ଥାର କର୍ମଚାରୀ ଟଙ୍କା ନେଇ ବିଭିନ୍ନ ଏଟିଏମ୍‌ରେ ଜମା କରୁଥିଲେ। ହେଲେ ଟଙ୍କା ଲୋଭ ସମ୍ଭାଳି ନ ପାରି ଶେଷରେ ସେମାନେ ଲୁଟେରା ସାଜିଥିଲେ। ପରିଣତି ସ୍ୱରୂପ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଘଟଣାରେ ସମ୍ପୃକ୍ତ ଥିବା ଉକ୍ତ ସଂସ୍ଥାର ୩ ଜଣଙ୍କ ସମେତ ଅନ୍ୟ ୨ ସହଯୋଗୀଙ୍କୁ ମିଶାଇ ୫ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ ରାଣା (୩୨), ଗାଡି ଚାଳକ ପକ୍ଷୀରାଜ ଗଉଡ (୪୨), ସିକ୍ୟୁରିଟି ଗାର୍ଡ ଚଞ୍ଚଳା ରାଉତ (୩୮) ଏବଂ ସହଯୋଗୀ ଅମିର ଗୌଡ଼(୩୦) ଓ ଜିତୁ ଲହଜଲ (୩୩)। ଏମାନଙ୍କଠାରୁ ନଗଦ ୭ ଲକ୍ଷ ୮୦ ହଜାର ଟଙ୍କା, ବିଭିନ୍ନ କମ୍ପାନୀର ୫ ମୋବାଇଲ ଫୋନ ଓ ଏଟିଏମ୍ ଟଙ୍କା ଭଡ଼ି ଯାନ ଜବତ କରାଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ ଓ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ।

ପ୍ରକାଶ ଯେ, ଗତ ଜାନୁଆରୀ ୧୮ ତାରିଖ ରାତି ୧୨ଟା ୩୦ରେ ଉପରୋକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ, ପକ୍ଷୀରାଜ ଓ ଚଞ୍ଚଳା ଭବାନୀପାଟଣା ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାର ଡେପୁଟି ମ୍ୟାନେଜରଙ୍କଠାରୁ ୪.୮୦ କୋଟି ଟଙ୍କା ଜମା କରିବାକୁ ନେଇ ବାକ୍ସରେ ରଖିଥିଲେ। ବାକ୍ସ ଚାବି ଲକ୍ଷ୍ମୀକାନ୍ତଙ୍କ ପାଖରେ ରହିଥିଲା। ସେମାନେ ଭବାନୀପାଟଣାର କିଛି ଏଟିଏମ୍‌କୁ ଯାଇ ଟଙ୍କା ଜମା କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଉପରୋକ୍ତ ୩ ଅଭିଯୁକ୍ତ ସେଠାରୁ ୧୦ ଲକ୍ଷ ଟଙ୍କା ଚୋରି କରି ଭବାନୀପାଟଣା ସହରର ସହଯୋଗୀ ଜିତୁ ଲହଜଲଙ୍କ ପାଖରେ ରଖିଥିଲେ। କିଛି ଏଟିଏମ୍‌ରେ ଟଙ୍କା ଜମା କରିବା ପରେ ୧୦ଲକ୍ଷ ଟଙ୍କା ଅଭାବ ଦେଖା ଯାଇଥିଲା। ବ୍ୟାଙ୍କ ମ୍ୟାନେଜର ସମସ୍ତ କର୍ମଚାରୀଙ୍କୁ ଏହାର ଅନୁସନ୍ଧାନ କରିବାକୁ କହିଥିଲେ। ପରେ ସଂସ୍ଥାର ସହ ଡିଷ୍ଟ୍ରିବ୍ୟୁଟର ଦାୟିତ୍ୱ ନେଇଥିବା ଗୋବିନ୍ଦ ସାହୁ ଅଭାବ ଟଙ୍କାକୁ ନେଇ ବିଶ୍ୱାସ କରି ନ ଥିଲେ। ଶେଷରେ ବହୁ ଖୋଳତାଡ଼ ପରେ ଗତ ୨୮ ତାରିଖରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ଘଟଣାର ଉକ୍ତ ସଂସ୍ଥାର ୩ ଜଣ ସମେତ ଅନ୍ୟ ୨ ସହଯୋଗୀଙ୍କ ହାତ ରହିଥିବା ଜଣାପଡିଥିଲା।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ ସୂଚନା ଦେଉଛନ୍ତି।

# ହାଇକୋର୍ଟରେ ହଂସିତାଙ୍କ ସ୍ୱାମୀ ମନୋଜଙ୍କ ଜାମିନ ଖାରଜ

କଟକ,୩୧।୧(କାର୍ତ୍ତିକ ସାହୁ)

ବଡ଼ ଧରଣର ଠକେଇରେ ଅଭିଯୁକ୍ତ ଥିବା ହଂସିତା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ କୁମାର ଆଚାର୍ଯ୍ୟଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ମନୋଜଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଭି. ନରସିଂହ ପରିବର୍ତ୍ତିତ ପୃଷ୍ଠଭୂମିରେ ସେ ପୁଣିଥରେ ଅଦାଲତରେ ଜାମିନ ଆବେଦନ କରିପାରିବେ ବୋଲି କହିଛନ୍ତି। ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ତାଙ୍କ ବିରୋଧରେ ହୋଇଥିବା ଠକେଇ ମାମଲାରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ।

ପ୍ରକାଶ ଯେ, ହଂସିତା ଅଭିଲିପ୍ସାଙ୍କ ଦ୍ୱିତୀୟ ସ୍ୱାମୀ ହେଉଛନ୍ତି କନ୍ଧମାଳର ମନୋଜ କୁମାର ଆଚାର୍ଯ୍ୟ। ସେ ଗତ ୧୯ ତରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଅଭିଲିପ୍ସା–ଅନିଲଙ୍କ ଠକେଇରେ ପୋଲିସ ମନୋଜଙ୍କୁ ସମନ କରିଥିଲା। ଏହି ଘଟଣାରେ ମନୋଜ ଗିରଫ ଆଶଙ୍କା ଏଡ଼ାଇବାକୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ପୂର୍ବରୁ ଆୟକର ବିଭାଗ ବାଲିଗୁଡ଼ାସ୍ଥିତ ମନୋଜଙ୍କ ଘରେ ଚଢ଼ାଉ କରିଥିଲା। ମନୋଜଙ୍କ ବାପାଙ୍କ ନାମରେ ଗୋଟିଏ କମ୍ପାନୀ ଥିବା ଜଣାପଡ଼ିଛି । କୋଟିପତି ଲୋକଙ୍କ ସହ ସମ୍ପର୍କ ଥିବା କହି ଖଣି ବ୍ୟବସାୟୀ, ବିଲ୍‌ଡରଙ୍କୁ ବିଖ୍ୟାତ ଠକ ହଂସିତା ଅଭିଲିପ୍ସା ଓ ତାଙ୍କ ସହଯୋଗୀ ଅନିଲ ମହାନ୍ତି ଠକିଥିବାରୁ ତାଙ୍କ ନାମରେ ଅଭିଯୋଗ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଅଡୁଆ ଚାନ୍ଦିନୀ ରାତି, ଦୁଃଖୀକି ଅଡୁଆ ହେଲେ ପୁଆତି।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡିଯିବାର ଭୟ ରହିଥାଏ। ସେହିପରି ଦୁଃଖୀରଙ୍କ ବ୍ୟକ୍ତି ବଡ଼ ଦୁଃଖ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ସନ୍ତାନ ହେଲେ ତା'ର ଭରଣପୋଷଣ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋର ମୁହଁ କି ସବୁବେଳେ ଗୋଜା ?**

ଚୋର ଘରେ ସବୁବେଳେ ଅନ୍ଧାର ନ ଥାଏ। ଚୋର ଚୋରି କରି ଯେତେ ଭୁରୁଡ଼ି ମାରିଲେ ମଧ୍ୟ ଦିନେ ନା ଦିନେ ସେ ଧରାପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀଙ୍କୁ ୮ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

ସ୍ତ୍ରୀ ହତ୍ୟା ଅଭିଯୋଗରେ ନବରଙ୍ଗପୁର ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ମାଲକାନଗିରି ଜିଲା ନୂଆଗଡ଼ ଗ୍ରାମର ରବି ଖିଲୋଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୃତ ମହିଳାଙ୍କ ୨ ଜଣ ସନ୍ତାନ ଥିବାରୁ ସେମାନଙ୍କ ଲାଳନ ପାଳନ ପାଇଁ କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ ରବି ନବରଙ୍ଗପୁର ଥାନା ଅଧୀନ ବଡ଼ଡ଼ାଇଭଟ୍ଟା ଗ୍ରାମର ସସ୍ମିତା ଖିଲୋକୁ ବିବାହ କରିଥିଲେ। ସସ୍ମିତାଙ୍କୁ ରବି ହତ୍ୟା କରିଥିବା ନେଇ ମୃତକଙ୍କ ମାଆ ୨୦୨୩ ଅଗଷ୍ଟ ୫ରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ନବରଙ୍ଗପୁର ଥାନାରେ କେସ ନମ୍ବର ୩୩୭/୨୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତ ରବିଙ୍କୁ ଗିରଫ କରିଥିଲା। ଏହି ମାମଲା ନବରଙ୍ଗପୁର ଜିଲା କୋର୍ଟରେ କେସ ନମ୍ବର ସିଟି ୭୮/୨୩ ରେ ବିଚରଣାଧୀନ ଥିଲା। ମାମଲାକୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ପରିଚାଳନା କରୁଥିଲେ।

## ଆଇଟିଡିଏ ପିଏଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,୩୧।୧
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସୁନ୍ଦରଗଡ଼ ଜିଲା ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର୍ (ପିଏ) ବିଶ୍ୱଦର୍ଶୀ ସାହୁଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଯାଞ୍ଚ ପରେ ବିଶ୍ୱଦର୍ଶୀଙ୍କ ନିକଟରୁ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୧୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ବିଶ୍ୱଦର୍ଶୀଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବିଶ୍ୱଦର୍ଶୀଙ୍କୁ ତାଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାଡ଼ିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ମାମଲାରେ ଅଭିଯୁକ୍ତ ଦର୍ଶାଇଛି। ତେବେ ଗିରଫ ପରେ ବିଶ୍ୱଦର୍ଶୀଙ୍କୁ ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ଗୁରୁବାର ବିଶ୍ୱଦର୍ଶୀଙ୍କ ଘର ସମେତ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଓ ବଣାଇଁର ୭ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଯାଞ୍ଚ ବେଳେ ବିଶ୍ୱଦର୍ଶୀଙ୍କ ଭୁବନେଶ୍ୱର ଶ୍ରୀରାମନଗରରେ ଦୁଇମହଲା ଆବାସିକ କୋଠା ଓ ଲକ୍ଷ୍ମୀସାଗରସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍, ଗୋଟିଏ ଚାରିଚକିଆ ଯାନ, ୪ଟି ଦୁଇଚକିଆ ଯାନ ଓ ୨୧.୧୪ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର ଓ ପୁରୀରେ ୯ଟି ପ୍ଲଟ୍, ଘରୁ ୪ ଲକ୍ଷ ୫୧ ହଜାର ଟଙ୍କା, ବ୍ୟାଙ୍କ ଓ ଜୀବନବୀମା ଜମା ୬୧ ଲକ୍ଷ ୪୨ ହଜାର ୬୭୬ ଟଙ୍କା, ପ୍ରାୟ ୧୫୦ ଗ୍ରାମ୍ ସୁନା ଅଳଙ୍କାର ମିଳିଥିଲା। ଏଥିସହ ଖାରବେଳନଗରରେ ଇଭୋସ୍ ଗାଲାକ୍ସି ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ (ନିର୍ମାଣାଧୀନ) କିଣିବାକୁ ବିଶ୍ୱଦର୍ଶୀ ଅଗ୍ରିମ ୮୨ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଥିଲା।

## ପୂର୍ବତନ କୁଳପତି ହତ୍ୟା ମାମଲା

# ଦୋଷୀଙ୍କୁ ଆଜୀବନ ଜେଲ୍

ଝାରସୁଗୁଡ଼ା,୩୧।୧(ଆଶିଷ ରଞ୍ଜନ ଦାଶ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ହତ୍ୟା ମାମଲାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ଏହି ଘଟଣାର ଅଭିଯୁକ୍ତ ପ୍ରବୀର ଧରୁଆଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ।

ଘଟଣା ଅନୁସାରେ, ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ଓ ପ୍ରବୀର ଧରୁଆ ଉଭୟେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ସର୍ଗିଗୁଡ଼ା କୁଆଁରମାଲ ଗ୍ରାମର ବାସିନ୍ଦା। ଧ୍ରୁବରାଜ ସ୍ଥାନୀୟ ଜଙ୍ଗଲ କମିଟି କର୍ମକର୍ତ୍ତା ଥିବାବେଳେ ପ୍ରବୀର ଜଙ୍ଗଲରୁ କାଠ ଆଣି ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ଧ୍ରୁବରାଜ ବାରମ୍ବାର ପ୍ରବୀରଙ୍କୁ ଜଙ୍ଗଲରୁ କାଠ ଚୋରି ନ କରିବା ପାଇଁ ତାଗିଦ କରୁଥିଲେ। ଏଥିସହ ଉଭୟଙ୍କ ମଧ୍ୟରେ ବନ୍ଧରେ ମାଛ ମାରିବାକୁ ନେଇ ପୂର୍ବରୁ ଝଗଡ଼ା ଲାଗି ରହିଥିଲା। ଗତ ତା୨୭।୦୬।୨୦୨୧ରିଖରେ ଧ୍ରୁବରାଜଙ୍କୁ ପ୍ରବୀର ଘରୁ ଟାଣି ଆଣି ଘର ସାମ୍ନାରେ ଧାରୁଆ ଟାଙ୍ଗିଆରେ ହତ୍ୟା କରିଥିଲେ। ପରେ ଧ୍ରୁବରାଜଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଲଇକେରା ଥାନାରେ ଧ୍ରୁବରାଜଙ୍କ ପଡ଼ୋଶୀ ଉଦୟ କୁମାର ପଟେଲଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଅପରାହ୍ନ ୨ଟାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ୨୨ଜଣ ସାକ୍ଷୀ, ୩୨ଟି ଦସ୍ତାବିଜ ପ୍ରମାଣ ଆଧାରରେ ପ୍ରବୀରଙ୍କୁ ଆଜୀବନ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଗଙ୍ଗାଧର ଗଡ଼ନାୟକ ଏହି ମାମଲା ପରିଚାଳନା କରିଥିଲେ।

# ଟ୍ରାନ୍ସଫର୍ମର କଏଲ୍ ଚୋରିର ପର୍ଦ୍ଦାଫାଶ, ୬ କୋର୍ଟଚାଲାଣ

ବାରିପଦା, ୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ଅଧୀନ ନିତୁଆପଦା ଅଞ୍ଚଳରୁ ଟ୍ରାନ୍ସଫର୍ମର କଏଲ ଓ ବିଦ୍ୟୁତ ତାର ଚୋରି ଅଭିଯୋଗରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ଚୋରି ସାମଗ୍ରୀ କିଣିଥିବା ବ୍ୟବସାୟୀ ଅଛନ୍ତି। ଏମାନଙ୍କ ନିକଟରୁ ୨ ଚାରିଚକିଆ ଗାଡି, ୧୭ଶହ ମିଟର ବିଦ୍ୟୁତ ତାର, ୮୦କି.ଗ୍ରା.ରୁ ଉର୍ଦ୍ଧ୍ୱ ଟ୍ରାନ୍ସଫର୍ମର କଏଲ ଏବଂ ପ୍ରାୟ ୨୦ କି.ଗ୍ରା. ଅନ୍ୟ ବିଦ୍ୟୁତ ତାରକୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଅଞ୍ଚଳର ସୌରଭ କୁମାର ମହାନ୍ତ(୨୨), ଧବଣୀଶୋଳ ଅଞ୍ଚଳର ରଞ୍ଜନ ସିଂ (୨୬), ବିଶେଶ୍ୱର ମହାନ୍ତ(୨୪) ଓ ଜୟନ୍ତ କୁମାର ମହାନ୍ତ(୩୨) ଏବଂ ବ୍ୟବସାୟୀମାନେ ହେଲେ ବାରିପଦା ଟାଉନଥାନା ଅଧୀନ ଛାଞ୍ଚ ଅଞ୍ଚଳର ଏମ୍‌ଡି ଇମ୍‌ତିଆଜ ଓ ତୁଳସୀ ଚଉରା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଜିଲା ଗୋପୀବଲ୍ଲଭପୁର ଥାନା ପଣ୍ଡାଛେଞ୍ଚା ଅଞ୍ଚଳର ବିଭାସ କୁମାର ମହାତୋ(୨୮)। ବଡ଼ସାହି, ବାରିପଦା ଓ ମୋରଡା ଥାନା ଅଞ୍ଚଳରେ ଚୋରି ହେଉଥିବା ବିଦ୍ୟୁତ ସାମଗ୍ରୀ ମାମଲାରେ ଅଭିଯୁକ୍ତମାନେ ଜଡିତ ଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁଜିତ ପ୍ରଧାନ ଓ ସଦର ଥାନା ଆଇଆଇସି ମଧୁସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ମୋରଡା ବିଦ୍ୟୁତ ସେକ୍ସନରେ ତାର ଓ କଏଲ ଚୋରି ହେବା ନେଇ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ବାରିପଦା ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ. ୧୭୯/୭ ଅକ୍ଟୋବର ୨୦୨୪ରେ ରୁଜୁ କରି ତଦନ୍ତ ଚଳାଇଥିଲା।

## ୧୦ ବନ୍ଧୁକ, ୮ ଗୁଳି ଜବତ ମାମଲାର ରାୟ ପ୍ରକାଶ

# ୨ ଦୋଷୀଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୧୦ ବନ୍ଧୁକ ଓ ୮ ଗୁଳି ଜବତ କରିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ବୁଟୁ ଓରଫ ବସନ୍ତ ମହାରଣା ଓ ଖୋର୍ଦ୍ଧା ଟାଉନ ଥାନା ଜାମୁ ସାହିର ଜଗା ଓରଫ ଜଗନ ଓରଫ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ। ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ମାମଲା ଅନୁଯାୟୀ, ୨୦୨୧ ଜୁଲାଇ ୧୭ରେ ବୁଟୁ ଓ ଜଗନ ଜଙ୍କିଆ–ରଣପୁର ରାସ୍ତାରେ ବନ୍ଧୁକ ଡିଲ୍ କରୁଥିବାବେଳେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ କାବୁ କରି ଏକ ବନ୍ଧୁକଭର୍ତ୍ତି ବସ୍ତା ଜବତ କରିଥିଲା। ବସ୍ତାରୁ ୫ଟି ଦେଶୀ ଏସ୍‌ବିଏମ୍‌ଏଲ୍ ବନ୍ଧୁକ, ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ରିଭଲଭର୍, ୩ ସିଙ୍ଗ୍ ସୁଟ୍ ପିସ୍ତଲ ଓ ୮ ଗୁଳି ମିଳିଥିଲା। ବୁଟୁ ଓ ଜଗନ ଦୀର୍ଘଦିନ ହେବ ବନ୍ଧୁକ କାରବାର କରୁଥିବା ଏସ୍‌ଟିଏଫ୍ ସୂଚନା ଦେଇଥିଲା। ଏନେଇ ଆର୍ମସ ଆକ୍ଟର ଦଫା ୨୫ ଓ ୨୭ରେ ଏସ୍‌ଟିଏଫ୍ ମାମଲା (ନଂ.୨୪/୨୦୨୧) ରୁଜୁ କରି ଗିରଫ ଦୁଇଜଣଙ୍କୁ କୋର୍ଟଚାଲାଣ କରିଥିଲା। ଶୁଣାଣି ସମୟରେ ୬ଜଣଙ୍କ ସାକ୍ଷ୍ୟ ଓ ୮ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ବୀରେନ୍ଦ୍ର କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ | Bhubaneswar, Saturday, February 1/2025 | ପୃଷ୍ଠା-୧





# ରାଷ୍ଟ୍ରପତିଙ୍କ ଭାଷଣରେ 'ବିକଶିତ ଭାରତ'ର ଚିତ୍ର

## ଭାରତକୁ ବୈଶ୍ୱିକ ଉନ୍ମେଷର ପାୱାର ହାଉସ୍ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୩୧।୧

ସଂସଦରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ ଉପସ୍ଥାପନ ହେବାର ଦିନକ ପୂର୍ବରୁ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବିକଶିତ ଭାରତର ଚିତ୍ର ଦେଖିବାକୁ ମିଳିଛି। ବିଶେଷକରି ୩ କୋଟି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଣ୍ଟନ ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମାକୁ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୬ କୋଟି ବରିଷ୍ଠ ନାଗରିକଙ୍କ ପାଇଁ ପରିବର୍ଦ୍ଧିତ କରିବା ଭଳି କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଏଥିରେ ସ୍ଥାନ ପାଇଛି।

ରାଷ୍ଟ୍ରପତି ପୂର୍ବାହ୍ନ ୧୧ଟାରେ ସଂସଦରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହା ପରେ ସେ


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ନିଜ ଅଭିଭାଷଣ ଆରମ୍ଭ କରି କହିଥିଲେ, ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ସହ ଭାରତୀୟ ଗଣତନ୍ତ୍ରକୁ ୭୫ ବର୍ଷ ପୂରଣ ହୋଇଛି। ଏହି ଉତ୍ସବ ଭାରତକୁ ଏକ ନୂଆ ଶିଖରକୁ ନେଇଯିବ। ଦେଶର ସମସ୍ତ ନାଗରିକଙ୍କ ପକ୍ଷରୁ ସେ ସମ୍ବିଧାନର ମୁଖ୍ୟ ସ୍ଥପତି ବାବାସାହେବ ଭୀମରାଓ ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଷ୍ଟ୍ରପତି ଆହୁରି କହିଥିଲେ, ଅତିରିକ୍ତ ୩ କୋଟି ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ। ସରକାର କୃଷି ଉତ୍ପାଦନକୁ ଗୁରୁତ୍ୱ ଦେବା ସହ କୃଷକଙ୍କ ଆୟ ବୃଦ୍ଧି ଦିଗରେ ପ୍ରୟାସରତ। ସରକାରଙ୍କ ଉଦ୍ୟମ ବଳରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିରେ ପୂର୍ବ ସରକାରଙ୍କ ତୁଳନାରେ ତିନିଗୁଣା କାମ କରାଯାଉଛି। ଉଧମପୁର-ବାରାମୂଲା-ଶ୍ରୀନଗର ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଖୁବ୍‌ଶୀଘ୍ର କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳପଥରେ ସଂଯୋଗ ପାଇଁ ଉଦ୍ୟମ ଚାଲିଛି। ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସମବାୟ କ୍ଷେତ୍ରରେ ଆର୍ଥିକ ସଶକ୍ତୀକରଣ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ☞ପୃଷ୍ଠା–୫

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ୩ ଦିନ ବଢ଼ିଲା

ଭୁବନେଶ୍ୱର, ୩୧।୧ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ଫେବୃଆରୀ ୨ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସର୍ବାଧିକ ଆବେଦନକୁ ପ୍ରୋତ୍ସାହନ ଲାଗି ଏହି ପଦକ୍ଷେପ ନିଆଯାଇଛି। ଜିଲା ଓ ବ୍ଲକସ୍ତରରେ ଆୟୋଜିତ ଆବେଦନ ଶିବିରରେ ଏନେଇ ଆବେଦନ କରିପାରିବେ ବୋଲି ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର(ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶ ଶୁକ୍ରବାର ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଜାନୁଆରୀ ୨୮ରୁ ୩୦ ପର୍ଯ୍ୟନ୍ତ ରହିଥିଲା। ଗୁରୁବାର ଶେଷ ଦିନରେ ବି ବହୁ ସଂଖ୍ୟକ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଆବେଦନ କରିପାରିନାହାନ୍ତି। ଆବେଦନରେ ସମସ୍ୟା ଯୋଗୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ ଅବଧିକୁ ଆଉ ତିନିଦିନ ବୃଦ୍ଧି କରାଯାଇଛି।

# ସିଲ୍ ହେଲା 'ସମର୍ଥ'

ସମ୍ବଲପୁର,୩୧।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ନେତାଜୀ କଲୋନିସ୍ଥିତ ସମର୍ଥ ମାନସିକ ଅନଗ୍ରସର ରୋଗୀ ଥଇଥାନ କେନ୍ଦ୍ରକୁ ଶୁକ୍ରବାର ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯାଇଛି। ଏଠାରେ ରହୁଥିବା ସମସ୍ତ ୪୨ ମାନସିକ ଅନଗ୍ରସର ଅନ୍ତେବାସୀଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ବୈଜାମୁଣ୍ଡସ୍ଥିତ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ନବନିର୍ମିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ(ଆଇଆଇସି)କୁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବସ୍‌ରେ ନିଆଯାଇଥିଲା। ସାଙ୍ଗରେ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ, ସମ୍ବଲ ଓ ପରିଚୟ ଅନୁଷ୍ଠାନ ସ୍ୱେଚ୍ଛାସେବୀମାନେ ରହିଥିଲେ। ସ୍ଥାନାନ୍ତରିତ ହୋଇଥିବା ୪୨ ଜଣ ଅନ୍ତେବାସୀଙ୍କ ମଧ୍ୟରେ ୧୫ ମହିଳା, ୨୫ ଜଣ ପୁରୁଷ ଓ ୨ ଜଣ ନାବାଳକ ରହିଛନ୍ତି। ଅନ୍ୟପକ୍ଷରେ

## ଅନ୍ତେବାସୀଙ୍କୁ ନିର୍ଯାତନା ମାମଲା


ଅନ୍ତେବାସୀଙ୍କୁ ବସ୍ ଯୋଗେ ସ୍ଥାନାନ୍ତର କରାଯାଉଛି।

ସଂସ୍ଥା ସମ୍ପାଦକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିବା ମହିଳା ଅନ୍ତେବାସୀଙ୍କୁ ସଖି ଥଇଥାନ କେନ୍ଦ୍ରରେ ରଖାଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସମର୍ଥ ଥଇଥାନ କେନ୍ଦ୍ରର ଦାୟିତ୍ୱ ଅପସାରଣ କରାଯାଇ ବର୍ତ୍ତମାନ ଅନ୍ତେବାସୀଙ୍କୁ ଯତ୍ନ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ପିପୁଲ୍ସ ଫୋରମକୁ ଦିଆଯାଇଛି। ଶୁକ୍ରବାରଠାରୁ ପିପୁଲ୍ସ ଫୋରମ୍ ସେମାନଙ୍କ ଯତ୍ନନେବା କାର୍ଯ୍ୟ ଆରମ୍ଭ କରିଛି। ☞ପୃଷ୍ଠା–୫

# ଦି ପୁଅର୍ ଲେଡି, ଦି ପ୍ରେସିଡେଣ୍ଟ...

## ରାଷ୍ଟ୍ରପତିଙ୍କ ଉପରେ ସୋନିଆଙ୍କ ମନ୍ତବ୍ୟରୁ ଝଡ଼

**ଦି ପୁଅର୍ ଲେଡି, ଦି ପ୍ରେସିଡେଣ୍ଟ, ୱାଜ୍ ଗେଟିଂ ଭେରି ଟାୟାର୍ଡ ଆଟ୍ ଦି ଏଣ୍ଡ (ବିଚାରୀ ମହିଳା, ରାଷ୍ଟ୍ରପତି ଶେଷ ଆଡ଼କୁ ଅତ୍ୟନ୍ତ ଥକିଗଲା ଭଳି ଜଣାପଡୁଥିଲେ)। ଶୁକ୍ରବାର ବଜେଟ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ସଦନ ସଦସ୍ୟମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମିଳିତ ଭାବେ ସମ୍ବୋଧିତ କରିବା ପରେ ତାଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ ପାର୍ଲାମେଣ୍ଟ ପରିସରରେ ପୁଅ ରାହୁଲ ଗାନ୍ଧୀ (ଲୋକ ସଭାର ବିରୋଧୀ ଦଳ ନେତା) ଏବଂ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା (ୱାୟନାଡ୍ ଏମ୍‌ପି)ଙ୍କ ଗହଣରେ ଖବରଦାତାମାନଙ୍କୁ ଦେଇଥିବା ଉପରୋକ୍ତ ପ୍ରତିକ୍ରିୟାକୁ ଶାସକ ପକ୍ଷ ନିନ୍ଦା କରିଛି। ସୋନିଆ କେବଳ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ଅସମ୍ମାନ କରିନାହାନ୍ତି, ବରଂ ଦେଶର ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି ବୋଲି ଭାଜପା ସମାଲୋଚନା କରିବା ସହ ତାଙ୍କଠାରୁ କ୍ଷମା ଦାବି କରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସୋନିଆଙ୍କ ମନ୍ତବ୍ୟ ଅରୁଚିକର ଓ ଦୁର୍ଭାଗ୍ୟଜନକ, ଯାହାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଯାଇପାରିଥାଆନ୍ତା ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଅଭିଯୋଗକୁ ଖଣ୍ଡନ କରି କହିଛି, ରାଷ୍ଟ୍ରପତିଙ୍କ ପ୍ରତି ସୋନିଆଙ୍କ ଯଥେଷ୍ଟ ସମ୍ମାନ ରହିଛି। ସେ ତାଙ୍କୁ 'ବିଚାରୀ ମହିଳା' କହିଛନ୍ତି। କିନ୍ତୁ ଦେଶର ଖରାପ ଆର୍ଥିକ ସ୍ଥିତିରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏବଂ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଗୋଷ୍ଠୀ ତାଙ୍କ ମନ୍ତବ୍ୟର ଭୁଲ୍ ଅବତାରଣା କରିଥିବା କଂଗ୍ରେସ ସଫେଇ ଦେଇଛି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏଠି 'ପୁଅର ଲେଡି'ର ଅର୍ଥ 'ଗରିବ ମହିଳା' ନୁହେଁ, କେତେକ ଟିଭି ଚ୍ୟାନେଲରେ ସୋନିଆଙ୍କ ମନ୍ତବ୍ୟକୁ କଦର୍ଥ କରାଯାଉଛି। ଯେଉଁମାନେ ଟିଭିରେ ତାଙ୍କୁ ଦେଖିଥିବେ, ଅଭିଭାଷଣ ପଢ଼ିବାବେଳେ ରାଷ୍ଟ୍ରପତିଙ୍କ ସ୍ୱର ଥକିଗଲା ମଣିଷର ସ୍ୱର ଭଳି ଲାଗୁଥିଲା। ଉଲ୍ଲେଖଯୋଗ୍ୟ, କୌଣସି ସମୟରେ ବି କେହି କ୍ଲାନ୍ତ ଅନୁଭବ କରିପାରନ୍ତି, ସେଥିରେ କିଛି ଅସ୍ୱାଭାବିକତା ନାହିଁ। ତେବେ ଏଭଳି ମନ୍ତବ୍ୟ ଆପତ୍ତିଜନକ ହେବା ଭଳି ମନେହେଉନାହିଁ।**

ନୂଆଦିଲ୍ଲୀ,୩୧।୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ପାରମ୍ପରିକ ଭାବେ ଉଭୟ ସଦନର ମିଳିତ ଅଧିବେଶନକୁ ସେ ସମ୍ବୋଧନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଏମ୍‌ପିମାନେ ସଂସଦରୁ ବାହାରୁଥିବାବେଳେ ସେହି ପରିସରରେ କଂଗ୍ରେସ ସଂସଦୀୟ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଛିଡ଼ାହୋଇ ପରସ୍ପର ମଧ୍ୟରେ ଆଲୋଚନା କରୁଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ରାହୁଲ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବୋରିଂ (ବିରକ୍ତିକର) ବୋଲି କହିଥିଲେ। ସୋନିଆ କହିଥିଲେ, 'ଦି ପୁଅର୍ ଲେଡି, ଦି


ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ

ପ୍ରେସିଡେଣ୍ଟ, ୱାଜ୍ ଗେଟିଂ ଭେରି ଟାୟାର୍ଡ ଆଟ୍ ଦି ଏଣ୍ଡ... ସି କୁଡ୍ ହାର୍ଡଲି ସ୍ପିକ୍ ପୁଅର ଥିଙ୍ଗ୍'। ସୋନିଆଙ୍କ ଏହି ମନ୍ତବ୍ୟର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

## କିଏ କ'ଣ କହିଲେ



ଏପରି ହୋଇଥାଇପାରେ ଯେ ଏହି ନେତାମାନେ ହିନ୍ଦୀ ଭଳି ଭାରତୀୟ ଭାଷାଗୁଡ଼ିକର ରୁଢ଼ି ଓ ବିମର୍ଶ ସହ ପରିଚିତ ନୁହନ୍ତି, ତେଣୁ ଏକ ଭୁଲ୍ ଧାରଣା ସୃଷ୍ଟି ହୋଇଛି। କୌଣସି ସ୍ଥଳେ ଏପରି ଅରୁଚିକର, ଦୁର୍ଭାଗ୍ୟଜନକ ଓ ଏଡ଼ାଇବାଯୋଗ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ଉଚିତ। ରାଷ୍ଟ୍ରପତି ଅଭିଭାଷଣରେ ମହିଳା, କୃଷକ ଓ ବଞ୍ଚିତ ବର୍ଗଙ୍କ ଉପରେ କହିବାବେଳେ ଆଦୌ ଥକିପଡ଼ି ନ ଥିଲେ। **- ରାଷ୍ଟ୍ରପତି ଭବନ**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟକୁ ସମ୍ବୋଧନ କରୁଥିଲେ। କିନ୍ତୁ ରାଜ ପରିବାରର ଜଣେ ସଦସ୍ୟ ତାଙ୍କ ଭାଷାକୁ 'ବିରକ୍ତିକର' ବୋଲି କହିଲେ। ଆଉ ଜଣେ ସଦସ୍ୟା କହିଲେ, ତାଙ୍କ ସ୍ୱର କ୍ଲାନ୍ତ ଥିଲା। ସହରୀ ନକ୍ସଲମାନଙ୍କ ଭାଷା ରାଜ ପରିବାରକୁ ଅଧିକ ଭଲ ଲାଗେ।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବିରକ୍ତିକର ଥିଲା। ବୋରିଂ, ନୋ କମେଣ୍ଟ୍ସ। ରାଷ୍ଟ୍ରପତି ସମାନ କଥାକୁ ବାରମ୍ବାର ଦୋହରାଉଥିଲେ।

**- ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**



ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା। ସେ ଦୁର୍ବଳ ନୁହନ୍ତି, ଦେଶ ଓ ସମାଜ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରତି ସୋନିଆ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ। ସେମାନେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବା ଉଚିତ।

**- କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ**



କଂଗ୍ରେସ ସବୁବେଳେ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ସମ୍ମାନ ଦେଇଆସିଛି। ଦେଶର ଅର୍ଥନୀତିର ଖରାପ ଅବସ୍ଥାକୁ ଲୁଚାଇବା ପାଇଁ ଭାଜପା ଏବଂ ଏକ ଗଣମାଧ୍ୟମ ଗୋଷ୍ଠୀ ସୋନିଆଙ୍କ ଭାଷାକୁ ମୋଡ଼ାମୋଡ଼ି କରି ଦେଖାଉଛନ୍ତି। ଭାଜପା ଉଦ୍ଦେଶ୍ୟମୂଳକ ଭାବେ ବର୍ତ୍ତମାନର ରାଷ୍ଟ୍ରପତି ଓ ତାଙ୍କ ପୂର୍ବସୂରୀ ରାମନାଥ କୋବିନ୍ଦଙ୍କୁ ସଂସଦର ନୂଆ ଭବନ ଉଦ୍‌ଘାଟନ ଏବଂ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠାବେଳେ ନିମନ୍ତ୍ରଣ କରି ନ ଥିଲା। **- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



ମୋ' ମା ଜଣେ ୭୮ ବର୍ଷୀୟା ମହିଳା। ରାଷ୍ଟ୍ରପତି ଏତେ ଲମ୍ବା ଭାଷଣ ପଢ଼ିବାବେଳେ କ୍ଲାନ୍ତ ହୋଇଯାଇଥିବେ ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ପ୍ରତି ମା'ଙ୍କ ପୂର୍ଣ୍ଣ ସମ୍ମାନ ରହିଛି। ଗଣମାଧ୍ୟମ ଏହାକୁ ମୋଡ଼ାମୋଡ଼ି କରି ଦର୍ଶାଇବା ଦୁର୍ଭାଗ୍ୟଜନକ। ଦେଶର ଅର୍ଥନୀତି ଯେଉଁ ଅବସ୍ଥାକୁ ଖସିଲାଣି, ସେଥିଲାଗି ଭାଜପା ପ୍ରଥମେ କ୍ଷମା ମାଗିବା ଉଚିତ। **- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ଏମ୍‌ପି**



ସୋନିଆ ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟକୁ ନେଇ ସହାନୁଭୂତି ଦେଖାଇଲେ। ଏହାକୁ ଭାଜପା ନେତାମାନେ ହଜମ କରିପାରିଲେ ନାହିଁ।

**- ଗୌରବ ଗୋଗୋଇ, କଂଗ୍ରେସ ନେତା**

# ନିମ୍ନମାନର ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା

ପାଟପୁର,୩୧।୧(ସିମାଞ୍ଚଳ ସାହୁ)

## ଯୋଗାଣ ଅଧିକାରୀ, ସହାୟକ ଅଟକ



ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତରେ ଶୁକ୍ରବାର ରାଶନ କାର୍ଡଧାରୀଙ୍କୁ ନିମ୍ନମାନର ଚାଉଳ ବଣ୍ଟନ କରାଯାଇଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଜିଲାରେ ବର୍ତ୍ତମାନ ଧାନ ସଂଗ୍ରହ ଚାଲିଛି। ସରକାରୀ ଧାର୍ଯ୍ୟ ଦର ଏବଂ ମାନ ଆଧାରରେ ଧାନ କିଣାଯାଉଥିବା କୁହାଯାଉଥିଲେ ମଧ୍ୟ ମିଲରମାନେ ମନମାନି ଚଳାଇଥିବା ଅଭିଯୋଗ ହେଉଛି। ୧ କୁଇଣ୍ଟାଲ ଧାନରେ ୧୨ରୁ ୧୫ କେଜି ପର୍ଯ୍ୟନ୍ତ କଟନି ଛଟନି ବାବଦକୁ ଯାଉଛି। ଏଭଳି ସ୍ଥିତିରେ ପିଡିଏସ ଚାଉଳ ଯୋଗାଉଥିବା ମିଲର ନିକୃଷ୍ଟମାନର ଚାଉଳ ଯୋଗାଉଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଖଲିଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଣ ସହାୟକ ଏବଂ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅଟକ ରଖି କଟନୀ ଛଟନିର ପ୍ରତିବାଦ କରିଥିଲେ। କଟନିଛଟନୀ ବନ୍ଦ ଦାବି କରିବା ସହ ମିଲରଙ୍କ ସହ ପ୍ରଶାସନର ମଧୁଚନ୍ଦ୍ରିକାକୁ ବିରୋଧ କରିଥିଲେ। ଖବରପାଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସହ ପାଟପୁର ପୋଲିସ ପକ୍ଷରୁ ଏସଆଇ ଶ୍ରୀନିବାସ ଦାଶ ଏବଂ ହିମାଂଶୁ ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ଲୋକଙ୍କୁ ବୁଝାଶୁଝା କରିବା ସହ ଅଟକ ଥିବା ଯୋଗାଣ ଅଧିକାରୀ ଏବଂ ଯୋଗାଣ ସହାୟକଙ୍କୁ ଉଦ୍ଧାର କରିଥିଲେ।

# ରାସ୍ତା ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି


ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଉନ୍ନୟନ କମିଶନର ଅନୁ ଗର୍ଗ।

ଭୁବନେଶ୍ୱର,୩୧।୧(ଅନିଲ ଦାସ)

- ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କି.ମି. ରାସ୍ତା
- ରାସ୍ତାକଡ଼ରେ ନିର୍ମାଣ ହେବ ୟୁଟିଲିଟି କରିଡର
- ନିୟମିତ ରାସ୍ତାର ସ୍ଥିତି ଯାଞ୍ଚ ହେବ

ରାଜ୍ୟରେ ରାସ୍ତା ନିର୍ମାଣ, ମରାମତି ଏବଂ ଉନ୍ନତୀକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରୀ ହେବ। ଏଥିରେ ବାର୍ଷିକ ୧୫ ହଜାର କିଲୋମିଟର ହିସାବରେ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି; ଯେଉଁଥିରେ ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗର ରାସ୍ତା ଓ ସେତୁ ନିର୍ମାଣ ହେବ ବୋଲି ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ କେତେକ ନିଷ୍ପତ୍ତି ନିଆଯାଇଛି। ତେବେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପାଇପ୍, ବିଜୁଳି ଲାଇନ୍, ଟେଲିଫୋନ୍ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲଥିବା ରାସ୍ତାକୁ ବାରମ୍ବାର ଖୋଳି ଦିଆଯାଉଛି। ଏହି ସମସ୍ୟାକୁ ଦୂର ପାଇଁ ରାସ୍ତାକଡ଼ରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ। ଏଥିସହିତ ରାସ୍ତା ସମ୍ପ୍ରସାରଣ ସମୟରେ ଯେପରି ଗଛ କାଟିବାକୁ ନ ପଡ଼େ ସେହିଭଳି ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯିବ। ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ଼ ବଡ଼ ଗଛକୁ ନ କାଟି ଯେଭଳି ଆଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ତାହା ଉପରେ ନୀତିରେ ବ୍ୟବସ୍ଥା ରହିବ। ଏଥିସହିତ ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ସେତୁ ନିର୍ମାଣ ଶୈଳୀ ଓ ଏହାର ମାନ କିଭଳି ହେବ ସେନେଇ ଏହି ନୀତିରେ ଉଲ୍ଲେଖ ରହିବ। ☞ପୃଷ୍ଠା–୫

# ଗାଡ଼ିର ବୀମା ନ ଥିଲେ ଇ–ଡିଟେକ୍ସନରେ ଧରାପଡ଼ିବ

କଟକ,୩୧।୧(କାର୍ତ୍ତିକ ସାହୁ)

## ଆଜିଠୁ ସବୁ ଟୋଲ୍‌ଗେଟ୍‌ରେ ନିୟମ ଲାଗୁ

ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମୋଟର ଯାନର ବୀମାକୁ କଡ଼ାକଡ଼ି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ଇ–ଡିଟେକ୍ସନରେ ଯୋଡ଼ିହେବାକୁ ଯାଉଛି ବୀମା। ମୋଟର ଯାନରେ ବୀମା ନ ଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲ୍‌ଗେଟ୍। ଇ–ଡିଟେକ୍ସନ ପ୍ରକ୍ରିୟାରେ ଗାଡ଼ି ମାଲିକଙ୍କୁ ଜାରିହେବ ଇ–ଚାଲାଣ। ଫେବୃଆରୀ ପହିଲା ତଥା ଶନିବାରଠାରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ମୋଟ୍ ୨୨ଟି ଟୋଲ୍‌ଗେଟ୍‌ରେ ଏହା କାର୍ଯ୍ୟକାରୀ ହେବ। ଏ ନେଇ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ ଏପରି କି ଉଭୟ ଦଣ୍ଡର ପ୍ରାବଧାନ ରହିଛି। ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ ଏପରି କି ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ଅଛି। ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଂଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିବାରୁ କଡ଼ାକଡ଼ି ପଦକ୍ଷେପ ନିଆଯାଉଛି। ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ଇ–ଡିଟେକ୍ସନ ଜରିଆରେ ଚିହ୍ନଟ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି। ପୂର୍ବରୁ ଇ–ଡିଟେକ୍ସନରେ ପରମିଟ୍, ଫିଟ୍‌ନେସ୍, ଟିକସ ନିୟମ ଉଲ୍ଲଂଘନକାରୀଙ୍କୁ ଟୋଲ୍‌ଗେଟ୍‌ରେ ଚିହ୍ନଟ କରାଯାଉଥିଲା। ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏହାସହ ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି।

**ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ଦୋଳମଣ୍ଡପ ସାହି ଜେନାଗିରିଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଭୋରୁ ମା'ଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ,ମାଜଣା, ବାଳ ଭୋଗ ପରେ ଶଙ୍ଖୁଡି ଭୋଗ କରାଯାଇଥିଲା । ପରେ ଦିବା ପହୁଡ଼ ନୀତି ହୋଇଥିଲା । ଶଶୀଭୂଷଣ ଶତପଥିଙ୍କ ଦ୍ୱାରା ଚଣ୍ଡୀପାଠ କରାଯାଇଥିଲା । ମାଆଙ୍କ ମୁଖ୍ୟ ପୂଜକ ପିନାକ ଦାଶ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ମାଆଙ୍କୁ ବେଶ କରାଯିବା ପରେ ଆଳତି କରାଯାଇଥିଲା । ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ନୈବେଦ୍ୟ କରାଯାଇ ଭକ୍ତଙ୍କୁ ବଣ୍ଟନ ପରେ ରାତ୍ର ପହୁଡ଼ କରାଯାଇଥିଲା। ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧକ୍ଷ ରବୀନ୍ଦ୍ର ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧।୨୦୨୫

| | |
|---|---|
| ୬,୧୯,୦୮୫ ଟଙ୍କା | |
| ସୁନା | ୯.୦୫୦ଗ୍ରାମ୍ |
| ରୁପା | ୨.୭୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଆରମ୍ଭ ନେଇ ଅନିଶ୍ଚିତତା

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଭକ୍ତଙ୍କ ଶୃଙ୍ଖଳିତ ତଥା ସୁଲଭ ଦର୍ଶନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ସାତପାହାଚଠାରୁ ନାଟମଣ୍ଡପରେ ର୍ୟାମ୍ପ ସହ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବାକୁ ଯୋଜନା ହୋଇଛି। ତେବେ ଧାଡ଼ି ଦର୍ଶନ ବ୍ୟବସ୍ଥା କେବେଠୁ କାର୍ଯ୍ୟକାରୀ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ଏ ସଂକ୍ରାନ୍ତ ତାରିଖ ବାରମ୍ବାର ବଦଳିବାରେ ଲାଗିଛି।

ପୂର୍ବରୁ ନୂଆବର୍ଷ ସମୟରେ ଧାଡ଼ିଦର୍ଶନ ହେବ ବୋଲି କୁହାଯାଇଥିଲା। କିନ୍ତୁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଟ୍ରାଏଲ ରନ ବିନା ସିଧାସଳଖ ଧାଡ଼ି ଦର୍ଶନ ଜାନୁଆରୀ ୨୦ରୁ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଥିଲେ। ତେବେ ପରେ ହୁଣ୍ଡି ସ୍ଥାନାନ୍ତର ନେଇ ରାଜ୍ୟ ସରକାରଙ୍କ ଅନୁମତି ମିଳି ନ ଥିବାରୁ ୨୦ରୁ ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ପରେ ପୁଣି ଆଇନମନ୍ତ୍ରୀ ସୂଚନା ଦେଇ କହିଥିଲେ, ପ୍ରକ୍ରିୟା ଜାରି ରହିଛି ଓ ଆସନ୍ତା ଫେବୃଆରୀ ୧ରୁ ଧାଡ଼ିଦର୍ଶନ ଆରମ୍ଭ ହେବ। ଅନ୍ୟପକ୍ଷରେ ଶୁକ୍ରବାର ଅର୍ଥାତ ଜାନୁଆରୀ ୩୧ ସୁଦ୍ଧା ହୁଣ୍ଡି ସ୍ଥାନାନ୍ତର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ କୌଣସି ନିର୍ଦ୍ଦେଶ ମିଳିନ ଥିବା ଜଣାପଡ଼ିଛି। ତେଣୁ ଫେବୃଆରୀ ୧ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ କି ନାହିଁ ତାହାକୁ ନେଇ ଅଦ୍ୟାବଧି ଅନିଶ୍ଚିତତା ଲାଗିରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ନୂଆ ନିର୍ଦ୍ଦେଶନାମା ମଧ୍ୟ ଆସିନାହିଁ। ତେଣୁ ଧାଡ଼ିଦର୍ଶନ ବ୍ୟବସ୍ଥା ବିଳମ୍ବ ହେବ ବୋଲି କୁହାଯାଉଛି। କାରଣ ଶ୍ରୀମନ୍ଦିର ନାଟମଣ୍ଡପରେ ଥିବା ହୁଣ୍ଡି ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ମୁଖ୍ୟମନ୍ତ୍ରୀ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେବା ପରେ ହିଁ ହୁଣ୍ଡି ସ୍ଥାନାନ୍ତର ହୋଇପାରିବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି। ତେବେ ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହୁଥିବାରୁ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବା ସାଧାରଣରେ ଆଲୋଚନା ଶୁଣିବାକୁ ମିଳୁଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ନାଟମଣ୍ଡପରେ ହେବାକୁ ଥିବା ଧାଡ଼ି ଦର୍ଶନ ବ୍ୟବସ୍ଥା ନିମନ୍ତେ କିଛି ଅନୁମତିର ଆବଶ୍ୟକତା ରହିଛି। ସେହି ସବୁ ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଧାଡି ଦର୍ଶନ ନେଇ ପ୍ରଶାସନ ପକ୍ଷରୁ ସେବାୟତ ନିଯୋଗ ସହ ଆଲୋଚନା କରାଯାଉଛି। ସମସ୍ତ ନିଯୋଗ ସହ ଆଲୋଚନା କରାଯିବ। ର୍ୟାମ୍ପ୍ ପ୍ରସ୍ତୁତ ସରିଛି। ଅନୁମତି ମିଳିବା ପରେ ର୍ୟାମ୍ପ ଅଣାଯାଇ ଲଗାଯିବ ବୋଲି ଜିଲାପାଳ କହିଛନ୍ତି।



ମହାପ୍ରଭୁଙ୍କ ପାଇଁ ପଦ୍ମବେଶ ପ୍ରସ୍ତୁତ କରାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଆଜି ମହାପ୍ରଭୁଙ୍କ ପଦ୍ମବେଶ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁ ଦୁର୍ଲଭ ପଦ୍ମବେଶରେ ଦର୍ଶନ ଦେବେ। ବେଶ ପରେ ଶ୍ରୀବିଗ୍ରହମାନଙ୍କୁ ଖିରି ଓ ଅମାଲୁ ଭୋଗ ଲାଗି କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘମାସ ଅମାବାସ୍ୟାଠାରୁ ଶୁକ୍ଳପକ୍ଷ ପଞ୍ଚମୀ ବା ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଏହି ବେଶ ଅନୁଷ୍ଠିତ ହୋଇଥାଏ। ତେଣୁ ଚଳିତ ବର୍ଷ ଫେବୃଆରୀ ୧ ତାରିଖ ଶନିବାର ଶ୍ରୀବିଗ୍ରହମାନଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଶ୍ରୀବିଗ୍ରହମାନେ ପ୍ରତ୍ୟେକ ଦିନ ବଡ଼ସିଂହାର ବେଶରେ ରାତ୍ର ପହୁଡ଼ ଯାଇଥାନ୍ତି। ମାତ୍ର ବର୍ଷକରେ ଏହି ଗୋଟିଏ ଦିନ ପଦ୍ମବେଶରେ ରାତ୍ରପହୁଡ଼ ଯାଇଥାନ୍ତି। ବେଶ ପରଦିନ ମହାପ୍ରଭୁଙ୍କ ମଙ୍ଗଳଆଳତି ପର୍ଯ୍ୟନ୍ତ ଏହି ବେଶ ରହିବ। ଅବକାଶ ନୀତି ପରେ ବେଶ ଓଲାଗି କରାଯିବ। ପରମ୍ପରା ଅନୁସାରେ ପଣ୍ଣ ପୂର୍ଣ୍ଣିମାଠାରୁ ପଦ୍ମବେଶ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପଦ୍ମବେଶ ପାଇଁ ବଡ଼ଛତା ମଠ ପକ୍ଷରୁ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। କାରିଗର ଓ ଚିତ୍ରକରମାନେ ନିଷ୍ଠାର ସହ ବେଶ ପ୍ରସ୍ତୁତ କରିଥାନ୍ତି। ମୁଖ୍ୟ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ପଦ୍ମବେଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସଂକ୍ଷେପରେ

### ୪ ଦିନ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଫେବୃଆରୀ ପ୍ରଥମ ସପ୍ତାହର ୪ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ। ଏ ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ ଗତ ନଭେମ୍ବର ୧୭ରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ତଥା ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି କାର୍ଯ୍ୟ ବନ୍ଦ ରଖାଯିବା ନେଇ ପୂର୍ବରୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀପଞ୍ଚମୀ ଓ ବନକଲାଗି ଆଦି ବିଶେଷ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଫେବୃଆରୀ ୨, ୩, ୫ ଓ ୬ ତାରିଖ ରତ୍ନଭଣ୍ଡାର ମରାମତି କାମ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହି ଦିନ ବ୍ୟତୀତ ଅନ୍ୟ ଦିବସରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି କାମ ଚାଲୁ ରହିବ। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଫାଦର ମାରିଆନଙ୍କ ୧୦୭ତମ ଜନ୍ମଦିନ ପାଳିତ

ପୁରୀ, ୩୧।୧(ଅଜିତ୍ କୁମାର ମହାନ୍ତି)

ବଳିଆପଣ୍ଡାସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଫାଦର ମାରିଆନ ଜେଲାଜାକଙ୍କ ୧୦୭ତମ ଜୟନ୍ତୀ ପାଳନ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଶ୍ରୀନିର୍ବାଣାନନ୍ଦ ସରସ୍ୱତୀ ମହାରାଜା ସଭାପତିତ୍ୱ କରି ଫାଦର ମାରିଆନ୍ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଓ ସମାଜ ସଂସ୍କାରକ ଥିଲେ ଓ ତାଙ୍କ ପ୍ରଚେଷ୍ଟାରେ ପୁରୀରେ କୁଷ୍ଠ ନିରାକରଣ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀମନ୍ଦିର ପୁରୋହିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଫାଦର ମାରିଆନ୍‌ଙ୍କୁ ପରୋପକାରୀ ଓ ଶାନ୍ତିପ୍ରିୟ ମାନବ ବୋଲି ଅଭିହିତ କରିଥିଲେ। ସମ୍ମାନିତ ବକ୍ତାଭାବେ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ ଫାଦରଙ୍କ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଫାଦର ବାପ୍ଟିଷ୍ଟ ଡିସୌଜାଙ୍କ ସମେତ ସମ୍ମାନିତ ଅତିଥି ଡ. ବଳରାମ ଦାଶ, ରାଧାକାନ୍ତ ତ୍ରିପାଠୀ, ଫାଦର ଜୋଶେଫ୍ ଫିଲିପ୍ ଏବଂ କୃଷ୍ଣପ୍ରିୟା ସାହୁ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନିବେଦିତା ଖୁଣ୍ଟିଆ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଫାଦର ବୁଲୁ ବୀରେନ୍ଦ୍ର କୁଜୁର ଧନ୍ୟବାଦ ଦେଇଥିଲେ।

## ମହାପ୍ରଭୁଙ୍କ ପଦ୍ମବେଶ ପ୍ରତିକୃତି ନିର୍ମାଣକଲେ ୨ ଶିଳ୍ପୀ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି):

ମାଘମାସ ଶୁକ୍ଳପକ୍ଷ ତୃତୀୟା ଶନିବାର ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୁରୀର ଦୁଇ ଯୁବଶିଳ୍ପୀ ନିଜ କଳାକୃତିରେ ପଦ୍ମବେଶ ପ୍ରସ୍ତୁତ କରିଛନ୍ତି। ପୁରୀ ସିଦ୍ଧମହାବୀର ଅଞ୍ଚଳର ବିଶ୍ୱଜିତ୍ ନାୟକ ନୂଆ ଆଇସ୍କ୍ରିମ କାଠି, ରଙ୍ଗ, କାଠମାଳି ଓ ଅଠା ବ୍ୟବହାର କରି ପଦ୍ମବେଶ ପ୍ରତିକୃତି ନିର୍ମାଣ କରିଛନ୍ତି। ବେଶ ଉଚ୍ଚତା ୩ ଫୁଟ ଓ ପ୍ରସ୍ଥ ୨ ଫୁଟ ରହିଛି। ମୋଟ ୧,୪୭୫ ଆଇସକ୍ରିମ କାଠି ବ୍ୟବହାର ହୋଇଥିବାବେଳେ ୪ ଦିନ ସମୟ ଲାଗିଥିଲା। ନାୟକ ଏହି ପ୍ରତିକୃତିକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ବୋଲି କହିଛନ୍ତି। ସେହିପରି ଓଲଟା ଚିତ୍ର ଆଙ୍କୁଥିବା ବାସେଲି ସାହିର ଚିତ୍ରଶିଳ୍ପୀ ଆୟୁଷ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦ୍ମମୁଖ ବେଶ ଆଙ୍କିଛନ୍ତି। ଏଥିପାଇଁ ତାଙ୍କୁ ୮ ମିନିଟ୍ ଲାଗିଥିଲା। ଚିତ୍ର ମାଧ୍ୟମରେ ଯୁବପିଢିଙ୍କୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ କରାଇବାର ପ୍ରୟାସ ବୋଲି ମହାପାତ୍ର କହିଛନ୍ତି।



ବିଶ୍ୱଜିତ୍ ନାୟକ ।



ଆୟୁଷ ମହାପାତ୍ର ।

## ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବଳଙ୍ଗା,୩୧।୧(କେଦାରେଶ୍ୱର ନନ୍ଦ)

ଜଳସମ୍ପଦ ବିଭାଗ ପକ୍ଷରୁ ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀବନ୍ଧର ଖିରିଖିଆ ଗ୍ରାମଠାରେ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଖିରିଖିଆ, ଗୋପୀନାଥପୁର, ତେରହଳ, ହରିପୁର, ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସୁଦୃଢ଼ୀକରଣ କାର୍ଯ୍ୟକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତରର ଶୁଭାରମ୍ଭ କରିଥିଲେ। ପରେ ନୂଆସନ୍ଥ ପଞ୍ଚାୟତ ଅଧୀନ ଘୋଡକ ଛକଠାରେ ଗ୍ରାମ୍ୟ ବିକାଶ ବିଭାଗ ଦ୍ୱାରା ୨ଟି ପ୍ରକଳ୍ପ ଯଥା ଗବକୁଣ୍ଡଠାରୁ ବଳଙ୍ଗା ରାସ୍ତାର ପ୍ରଶସ୍ତୀକରଣ ଏବଂ ନିମାପଡ଼ା–ବଳଙ୍ଗା ରାସ୍ତାଠାରୁ ବେରବୋଇ ରାସ୍ତାର ମରାମତି କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଇସଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ଦଳାଇ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧିକାରୀ ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ରାଷ୍ଟ୍ର ନିର୍ମାଣ ପାଇଁ ମହିଳା ଶିକ୍ଷା, ସଚେତନତା ଜରୁରୀ'

ବଳଙ୍ଗା,୩୧।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମହାବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା 'ରାଷ୍ଟ୍ର ନିର୍ମାଣ ନିମନ୍ତେ ମହିଳା ଶିକ୍ଷା ତଥା ସଚେତନ ସଶକ୍ତୀକରଣ ପ୍ରକ୍ରିୟା' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋପାଳସ୍ଥ ରକତ ଉଲ୍ଲା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ ଖଣ୍ଡାଇ, ମୁଖ୍ୟବକ୍ତା ମିଜୋରାମ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଲୋକନାଥ ମିଶ୍ର, ସମ୍ମାନିତ ଅତିଥି ରୂପେ ସମ୍ବଲପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରସନ୍ନ ମହାପାତ୍ର, ଅବସରପ୍ରାପ୍ତ ଗଣଶିକ୍ଷା ବିଭାଗ ପ୍ରଶାସନିକ ଅଧିକାରୀ ଡ. ଏକାଦଶୀ ସେନା ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ଶିକ୍ଷା ଓ ସଶକ୍ତୀକରଣର ବାସ୍ତବତା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ରୂପରେଖ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଡ. ଖଣ୍ଡାଇ ଓ ଡ. ପତିଙ୍କ ମିଳିତ ଉଦ୍ୟମରେ ଲିପିବଦ୍ଧ ଏକ ପୁସ୍ତକର ପୋଷ୍ଟର ଉନ୍ମୋଚନ ହୋଇଥିଲା। ବିଦ୍ୟାର୍ଥୀଙ୍କ ମଧ୍ୟରୁ ସସ୍ମିତା ଦେଓ, ସାହିତ୍ୟା ପିର୍ଦ୍ଧୋଶ, ମଧୁସ୍ମିତା ପାତ୍ର ପ୍ରମୁଖ ଶୋଧଲେଖା ପାଠ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ସାହୁଙ୍କୁ ଶ୍ରୀ ସଂସ୍ଥା ପକ୍ଷରୁ ରାଣୀ କମଳା ପତି ଉପାଧି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ସଞ୍ଚାଳନା କରିଥିଲେ। ଡ. ସସ୍ମିତା ସାହୁ ଆଭିମୁଖ୍ୟରେ ଦର୍ଶାଇଥିଲେ ଓ ଶିକ୍ଷା ଅଧ୍ୟାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ୮ କୋଟି ୬୩ ଲକ୍ଷର ୩ ପ୍ରକଳ୍ପ ଉଦ୍‌ଘାଟିତ

**ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ କାର୍ଯ୍ୟକ୍ରମ**

ନିମାପଡ଼ା/ବଳଙ୍ଗା,୩୧।୧ (ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)

ନିମାପଡ଼ା ନିର୍ବାଚନୀମଣ୍ଡଳୀ ଅଧୀନ ନିମାପଡ଼ା ଓ ବଳଙ୍ଗା ଅଞ୍ଚଳରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାରାଥନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗବକୁଣ୍ଡ–ବଳଙ୍ଗା ନୂତନ ରାସ୍ତାର ଶୁଭ ଉଦ୍‌ଘାଟନ, ଜଳ ସମ୍ପଦ ବିଭାଗ ନିମାପଡ଼ା ଡିଭିଜନ ଓ ବଳଙ୍ଗା ଉପଖଣ୍ଡ ଅଧୀନ ଦକ୍ଷିଣରାଢ଼ଶଠାରୁ ପାର୍ବତୀପୁର ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭାର୍ଗବୀ ନଦୀବନ୍ଧର ସୁଦୃଢ଼ୀକରଣ ଓ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଏବଂ ୨ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ଜୟଗୁରୁ ଆଶ୍ରମଠାରୁ ମୁସଲମାନ ବସ୍ତି ପର୍ଯ୍ୟନ୍ତ କେନାଲବନ୍ଧ ରାସ୍ତାର ପ୍ରଶସ୍ତୀ ଓ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା, ଜଳସମ୍ପଦ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ବୈକୁଣ୍ଠନାଥ ଦଳେଇ, ବଳଙ୍ଗା ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ ମହାନ୍ତି, ନିମାପଡ଼ା ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ବେହେରା, ବରିଷ୍ଠ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଏବଂ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ

କାକଟପୁର/ଅସ୍ତରଙ୍ଗ,୩୧।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ନିର୍ବାଚନ ବେଳେ ଭାଜପା ପ୍ରତିଶ୍ରୁତି ଦେଇ ଏବେ ପ୍ରତାରଣା କରିଥିବା ଅଭିଯୋଗ ଆଣି ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ଶୁକ୍ରବାର କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। ସଂଘର୍ଷ ସମିତିର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି, ଗରିବ, ଅସହାୟ ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ଭତ୍ତାକୁ ଚାହିଁବସିଥିବାବେଳେ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ସରକାର ୮୦ ପ୍ରତିଶତ ଥିବା ଦିବ୍ୟାଙ୍ଗ ଓ ୮୦ ବର୍ଷ ବୟସ୍କଙ୍କୁ ୩ହଜାର ୫ଶହ ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କଲେ। କିନ୍ତୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ସମ୍ପର୍କରେ ଘୋଷଣା ହେଲା ନାହିଁ। ଏହାର ପ୍ରତିବାଦ ସ୍ୱରୂପ ସଂଘର୍ଷ ସମିତି ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଇଛି। ସରକାର ନ ଶୁଣିଲେ ଆଗକୁ ବିଧାନସଭା ଘେରାଉ କରାଯିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନରେ ଜିଲା ସଭାପତି ସୟଦ ଆଜାଦ ଅଲ୍ଲୀଙ୍କ ସମେତ ଶତାଧିକ ବୃଦ୍ଧାବୃଦ୍ଧ ସାମିଲ ହୋଇଥିଲେ।



## ଫାଇନାଲରେ ୟୁନାଇଟେଡ୍ ଏଫ୍‌ସି ଗଣ୍ଡରପୁର

**ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ନିମାପଡ଼ା,୩୧।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ୧୦ମ ରାଜ୍ୟସ୍ତରୀୟ ପଦ୍ମଚରଣ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବାରବାଟୀ ମିନି ଷ୍ଟାଡିୟମରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କେବିଏଫ୍‌ସି ଚାଉଳିଆଗଞ୍ଜକୁ କଟକ ୩–୦ ଗୋଲରେ ହରାଇ ୟୁନାଇଟେଡ ଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଖେଳର ଦ୍ୱିତୀୟାର୍ଦ୍ଧରେ ୟୁନାଇଟେଡର ଖେଳାଳି ଚନ୍ଦନ ନାୟକ ପେନାଲ୍ଟି ଗୋଲ ଦେଇଥିଲେ। ପରେ ଦଳର ଖେଳାଳି ବରେଲ ଟୁଡୁ ଗୋଟିଏ ଓ ସାଗର ରାଉତ ଗୋଟିଏ ଗୋଲ ଦେଇଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ୟୁନାଇଟେଡ୍ ଏଫ୍‌ସିର ଖେଳାଳି ବିକାଶ ପଡିହାରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅତିଥି ଭାବେ ମେଜର ଅମରେଶ ନନ୍ଦନ ସାହୁ, କ୍ରୀଡ଼ାବିତ୍ ଜିତେଶ କାନୁନ୍‌ଗୋ, ବିଶ୍ୱଜିତ୍ ମଲ୍ଲିକ, ଆସୋସିଏଶନ ଉପସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଓ ଆସୋସିଏଶନ ଫୁଟବଲ ସମ୍ପାଦକ ପ୍ରକାଶ ବରାଳ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରେଫରୀ ଭାବେ ଦୈତାରୀ କରୁଆ, ମିକୁନ ମହାନ୍ତି, ଜ୍ୟୋତିରଞ୍ଜନ ସ୍ୱାଇଁ, ସମର ବରାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପଦ୍ମଚରଣ ପାଣିଗ୍ରାହୀ ମ୍ୟାଚ୍ କମିଶନର ରହିଥିଲେ।





ମ୍ୟାନ୍ ଅଫ୍ ଦି ମ୍ୟାଚ ଖେଳାଳିଙ୍କ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହରପ୍ରିୟା



@ ଝୁନି





@ ରୁଦ୍ର



@ ଶକ୍ତି



@ ଶୁଭ୍ରଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ମହାପ୍ରଭୁଙ୍କ ପଦ୍ମବେଶ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁ ଦୁର୍ଲଭ ପଦ୍ମବେଶରେ ଦର୍ଶନ ଦେବେ। ବେଶ ପରେ ଶ୍ରୀବିଗ୍ରହମାନଙ୍କୁ ଖିରି ଓ ଅମାଲୁ ଭୋଗ ଲାଗି କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘମାସ ଅମାବାସ୍ୟାଠାରୁ ଶୁକ୍ଳପକ୍ଷ ପଞ୍ଚମୀ ବା ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଏହି ବେଶ ଅନୁଷ୍ଠିତ ହୋଇଥାଏ। ତେଣୁ ଚଳିତ ବର୍ଷ ଫେବୃଆରୀ ୧ ଶନିବାର ଶ୍ରୀବିଗ୍ରହମାନଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଶ୍ରୀବିଗ୍ରହମାନେ ପ୍ରତ୍ୟେକ ଦିନ ବଡ଼ସିଂହାର ବେଶରେ ରାତ୍ର ପହୁଡ଼ ଯାଇଥାନ୍ତି। ମାତ୍ର ବର୍ଷକରେ ଏହି ଗୋଟିଏ ଦିନ ପଦ୍ମବେଶରେ ରାତ୍ରପହୁଡ଼ ଯାଇଥାନ୍ତି। ବେଶ ପରଦିନ ମହାପ୍ରଭୁଙ୍କ ମଙ୍ଗଳଆଳତି ପର୍ଯ୍ୟନ୍ତ ଏହି ବେଶ ରହିବ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୩୧।୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁପଞ୍ଚସଖା ଶିକ୍ଷା ସେତୁ(ପିଏସଏସ) ଅଧୀନରେ ଏହା କାର୍ଯ୍ୟକ୍ଷମ ହେବ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ଆଦର୍ଶ ବିଦ୍ୟାଳୟ କରାଯିବ। ଏଥିରେ ନୂତନ ଶ୍ରେଣୀ ଗୃହ, ବାଳିକାବାଳକଙ୍କ ପାଇଁ ଶୌଚାଳୟ, ସବୁଜିମା, ପ୍ରାଚୀର ନିର୍ମାଣ, ଡିଜିଟାଲ ଲାଇବ୍ରେରି ବ୍ୟବସ୍ଥା ଭଳି ବିଭିନ୍ନ ନୂତନ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି।


ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପଡ଼ିଆଠାରେ ଆୟୋଜିତ ପତାକା ଅବତରଣ ଉତ୍ସବରେ ବ୍ୟାଣ୍ଡ ଦଳ ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରୁଛି।

# ଏକତା, ଶୃଙ୍ଖଳାର ପ୍ରତୀକ 'ପତାକା ଅବତରଣ ଉତ୍ସବ'

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)


ପତାକା ଅବତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ।

ଏକତା ଏବଂ ଶୃଙ୍ଖଳାର ପ୍ରତୀକ ହେଉଛି ପତାକା ଅବତରଣ ଉତ୍ସବ। ପ୍ରତିବର୍ଷ ଆଜିର ତାରିଖରେ ଓଡିଶା ପୋଲିସ ପକ୍ଷରୁ ପତାକା ଅବତରଣ ଉତ୍ସବ ପାଳିତ ହେଉଥିବାବେଳେ ଭାରତର ସଶସ୍ତ୍ର ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାକୁ ଏହା ପ୍ରଦର୍ଶିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପଡ଼ିଆଠାରେ ଆୟୋଜିତ ପତାକା ଅବତରଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ପୋଲିସ ବାହିନୀର ସମନ୍ୱୟ ଓ ଶୃଙ୍ଖଳାର ଏହା ଏକ ଅନନ୍ୟ ପ୍ରତୀକ। ଭାରତୀୟ ସୈନିକ, ରାଜ୍ୟ ପୋଲିସ ବାହିନୀଙ୍କ ସାହସ ଓ ବଳିଦାନକୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ପୋଲିସର ବିଭିନ୍ନ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ଦଳଗୁଡିକ ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ଚିତ୍ତାକର୍ଷକ ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରିଥିଲେ। ଜାତୀୟ ସଙ୍ଗୀତ, ଏଇ ଦେଶ ଏଇ ମାଟି, ଆର୍ଯ୍ୟ ଭୂମି, ସାରେ ଯା ହାଁସେ ଅଚ୍ଛା, ବନ୍ଦେ ମା'ତରମ୍, କଦମ୍ କଦମ୍, ଓଡିଶା ପୋଲିସର ଥିମ୍ ସଙ୍ଗୀତ, ପ୍ରଳମ୍ବ ବାଦ୍ୟ ଏବଂ ଓଡିଶା ମୋ ଓଡିଶା ଭଳି ସଙ୍ଗୀତରେ ବ୍ୟାଣ୍ଡ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ହରପ୍ରିୟା


@ ଝୁନି


@ ରୁଦ୍ର


@ ଶକ୍ତି


@ ଶୁଭ୍ରଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବୁ ପ୍ରେମଠାରୁ ବଡ଼ ଦେଶପ୍ରେମ


ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଏକ ବିଜେତା ଟିମ୍ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛି।

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

### ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସବୁ ପ୍ରେମଠାରୁ ବଡ଼ ପ୍ରେମ ହେଉଛି ଦେଶ ପ୍ରେମ। ସବୁ ଧର୍ମଠାରୁ ଶ୍ରେଷ୍ଠ ମାନବ ଧର୍ମ। ଏଣୁ ଦେଶ ପ୍ରେମର ମହାନ ଚିନ୍ତାଧାରାରେ ଯୁବତୀ ଯୁବକମାନେ ଉଦ୍‌ବୁଦ୍ଧ ହୋଇ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଲେ ଏକ ବିକଶିତ ଭାରତ ଗଠନ ହୋଇପାରିବ। ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୭ଦିନ ଧରି ଚାଲିଥିବା ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଏପରି ମତପ୍ରକାଶ ପାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାଶ, ସମ୍ମାନିତ ଅତିଥି ଭାବେ ଉପ ଶାସନ ସଚିବ ପଦ୍ମଚରଣ ସାହୁ, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ୍, ଯୁବ ଅଧିକାରୀ ବିପିନ୍ କୁମାର, ପ୍ରସନ୍ନ ମେହେର, ବି. ରମେଶ ପ୍ରମୁଖ ଯୋଗ ଦେଇଥିଲେ। ମାଓବାଦୀ ପ୍ରଭାବିତ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ ସମେତ ଓଡ଼ିଶାର ୫ଟି ଜିଲାର ୨୨୦ ଜଣ ଯୁବ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# ପିପିଲି ଗାଁପଡ଼ାରେ ପ୍ରତିଷ୍ଠା ହେବ ଟୁରିଜମ୍ ହବ୍

ପିପିଲି,୩୧।୧(ପ୍ରଭାତ କୁମାର ମହାପାତ୍ର)

### ସ୍ଥାନ ପରିଦର୍ଶନକଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ଗାଁପଡ଼ାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟୁରିଜମ୍ ହବ୍ ତଥା ଚାନ୍ଦୁଆ ହବ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗାଁପଡ଼ା ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ରୁଦ୍ର ଦାଶ, ଅତିରିକ୍ତ ଜିଲାପାଳ ସରୋଜ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ପୃକ୍ତ ଅଞ୍ଚଳ ବୁଲି ଦେଖିବା ସହ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟ କିପରି ଶୀଘ୍ର ଆରମ୍ଭ ହେବ ସେ ନେଇ ପିପିଲି ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପିପିଲି ବିଧାୟକଙ୍କ ପ୍ରସ୍ତାବକ୍ରମେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ଅଧିକାରୀମାନଙ୍କୁ କହିଥିଲେ। ବେଆଇନ ଦଖଲକୁ ହଟାଇବା ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜମି ଏକ ମାସ ମଧ୍ୟରେ ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦୁଇମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବିଶ୍ୱପ୍ରସିଦ୍ଧ ପିପିଲି ଚାନ୍ଦୁଆ ସମେତ ଓଡ଼ିଶା ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ପରିଡ଼ା କହିଛନ୍ତି। ପୂର୍ବ ସରକାର ସମୟରେ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଚାନ୍ଦୁଆ ଓ ହସ୍ତଶିଳ୍ପ ହବ୍‌ର ପୁନରୁଦ୍ଧାର କରାଯିବ। ଉକ୍ତ ପ୍ରକଳ୍ପରେ କେବଳ ଚାନ୍ଦୁଆ ଓ ହସ୍ତଶିଳ୍ପ ନୁହେଁ, ଓଡ଼ିଶାର ଶିଳ୍ପକଳା ସ୍ଥାନ ପାଇବା ସମେତ ଖାଦ୍ୟ ହବ୍ ପ୍ରତିଷ୍ଠା କରାଯାଇ ସମସ୍ତ ଭାରତୀୟ ଖାଦ୍ୟ ଉପଲବ୍ଧ କରାଯିବ। ଏହାଦ୍ୱାରା ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ଘଟିବ ବୋଲି ପରିଡ଼ା ମତବ୍ୟକ୍ତ କରିଛନ୍ତି।

# ସିଲିକନ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

### ଉତ୍ସାହିତ କଲେ ନୋବେଲ ବିଜେତା ବୈଜ୍ଞାନିକ ପ୍ରଫେସର ଜେମସ୍ ପି. ଆଲିସନ



ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)

ସିଲିକନ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ପ୍ରଫେସର ଜେମସ୍ ପି. ଆଲିସନ ଯୋଗଦେଇ ବୈଜ୍ଞାନିକ ଜେବିଏସ୍ ହାଲଡେନଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆମେରିକା ଟେକ୍ସାସର ହ୍ୟୁଷ୍ଟନସ୍ଥିତ ଏମ୍‌ଡି ଆଣ୍ଡରସନ କ୍ୟାନସର ସେଣ୍ଟରର ପ୍ରଫେସର ପଦ୍ମିନୀ ଶର୍ମା ଏବଂ ଫ୍ଲୋରିଡାସ୍ଥିତ ପାମ୍ ବିଚ ଗାର୍ଡେନ୍ସରେ ଥିବା ପ୍ରିସିସନ ଅଙ୍କୋଲୋଜିର ଉପାଧ୍ୟକ୍ଷ ଡ. ହିଙ୍କୋ ଗିରମ୍ୟାନ ଯୋଗଦେଇ ଉତ୍ସବକୁ ଅଧିକ ସ୍ମରଣୀୟ କରିଥିଲେ। ଅତିଥିମାନେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜେବିଏସ୍ ହାଲଡେନ ମଲିକୁଲାର ମେଡିସିନ ସେଣ୍ଟର ପରିଦର୍ଶନ କରିଥିଲେ। ସେଣ୍ଟର ମୁଖ୍ୟ ଡ. ବୀରେନ୍ଦ୍ରନାଥ ବାନାର୍ଜୀ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ଜୟଦୀପ ତାଲୁକଦାର ଆବାହକ ଭାବରେ ମଞ୍ଚାସିନ ଥିଲେ। ଏହି ଅବସରରେ ସମ୍ବଲପୁରସ୍ଥିତ କ୍ୟାମ୍ପସ ପରିସରରେ ଏକ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରାଯାଇଥିଲା। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅଧୀନରେ ଅନୁଗୋଳ ଏବଂ ବଡ଼ବିଲଠାରେ ମଧ୍ୟ ହସ୍ପିଟାଲଗୁଡ଼ିକ ଏକ ସାର୍ବଜନୀନ-ଘରୋଇ ସହଭାଗୀତା ପଦକ୍ଷେପରେ ସ୍ଥାପନ କରାଯାଉଛି ବୋଲି ସୂଚନା ଦିଆଯାଇଥିଲା।

## କଟକରେ ପ୍ରଥମ ଏଟିଏସ୍ ବ୍ୟବସ୍ଥା ଆରମ୍ଭ

ତ୍ରିଶୂଳିଆ,୩୧।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ନରାଜ ଅରିଲୋସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋଟର ଯାନ ଫିଟନେସ୍ ପରୀକ୍ଷା ପାଇଁ ଏଟିଏସ୍ (ଅଟୋମେଟେଡ୍ ଟେଷ୍ଟିଙ୍ଗ ସିଷ୍ଟମ) ବ୍ୟବସ୍ଥା ପ୍ରଥମ କରି କଟକ ଜିଲାରେ ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨୧ଟି ଜିଲାରେ ଏହି ଏଟିଏସ୍ ବ୍ୟବସ୍ଥା ପ୍ରଚଳନ ଖୁବ୍‌ଶୀଘ୍ର କରାଯିବ ବୋଲି ଡେପୁଟି କମିଶନର ତଥା କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ କହିଛନ୍ତି। ଏହି ଏଟିଏସ୍ ପରୀକ୍ଷା ଦ୍ୱାରା ମୋଟର ଯାନଗୁଡ଼ିକର ଫିଟନେସ୍‌କୁ ଯାଞ୍ଚ କରିବା ପାଇଁ କମ୍ ସମୟ ଲାଗିବ ଏବଂ ଏଥିରେ ଅଧିକ ସ୍ୱଚ୍ଛତା ରହିବ ବୋଲି ଏମ୍‌ଭିଆଇ ବିଶ୍ୱଜିତ୍ ଦାଶ କହିଛନ୍ତି।

# ଶିକ୍ଷା, ନବସୃଜନ, ଶିଳ୍ପ ସହଯୋଗକୁ ଗୁରୁତ୍ୱ

### ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଏଡୁମିଟ୍

ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା)



ଏଡୁମିଟ୍ କାର୍ଯ୍ୟକ୍ରମରେ ପ୍ରଫେସର କଲ୍ପେଶ ଏଚ୍. ୱାଣ୍ଡ୍ରାଙ୍କ ସହ ଅନ୍ୟ ଅତିଥି।

ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ) ଓ ମିତ୍‌ସୁବିଶି ଇଲେକ୍ଟ୍ରିକ ଇଣ୍ଡିଆ ପକ୍ଷରୁ ବିଶ୍ୱବିଦ୍ୟାଳୟଠାରେ 'ଏଡୁମିଟ ୨୦୨୫' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ନେତା ଓ ଶିକ୍ଷା ବିଶେଷଜ୍ଞମାନେ ଯୋଗଦେଇ ଶିକ୍ଷା, ନବସୃଜନ ଏବଂ ଶିଳ୍ପ ସହଯୋଗର ବିକାଶ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ବକ୍ତାଭାବେ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ-ଚାନ୍ସେଲର ପ୍ରଫେସର କଲ୍ପେଶ ଏଚ୍. ୱାଣ୍ଡ୍ରା ଯୋଗଦେଇ ଭାରତର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ଶିଳ୍ପ-ଚାଳିତ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଇଲେକ୍ଟ୍ରିକ ଦ୍ୱାରା ପ୍ରଦାନ କରାଯାଇଥିବା ଉନ୍ନତ ପିଏଲ୍‌ସି, ଏଚ୍‌ଏମ୍‌ଆଇ, ସର୍ଭୋ ଡ୍ରାଇଭ, ଭିଏଫ୍‌ଡି ଏବଂ ରୋବୋଟ ବ୍ୟବହାର କରି ମିତ୍‌ସୁବିଶି ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ରେ ଚାଲିଥିବା ଗବେଷଣା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମିତ୍‌ସୁବିଶି ଇଲେକ୍ଟ୍ରିକ ଇଣ୍ଡିଆର ସିଏସ୍‌ଡି ମୁଖ୍ୟ ସୁନୀଲ ମେହେଟ୍ଟା ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ପ୍ରଯୁକ୍ତିବିଦ୍ୟାର ପ୍ରଗତିରେ ଯୋଗଦାନ କରି ସ୍ମାର୍ଟ ଉତ୍ପାଦନ, ଇ-ଫ୍ୟାକ୍ଟ୍ରି ଏଆଇ ଏବଂ ମେଶିନ ଲର୍ଣ୍ଣିଂରେ ସୁଯୋଗ ହାସଲ ପାଇଁ ଆହ୍ୱାନ ଦେଇଥିଲେ। ସିଜିୟୁ ଓଡ଼ିଶାର ପ୍ରତିଷ୍ଠାତା ସଭାପତି ସଞ୍ଜୀବ କୁମାର ରାଉତ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟାକୁ ପରିଚାଳିତ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଏଆଇ, ଇଣ୍ଡଷ୍ଟ୍ରି ୪.୦ ଏବଂ ଅନୁକୂଳନ ଦକ୍ଷତାର ସହିତ ସଜ୍ଜିତ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସିଜିୟୁର ଅଟୋମେଶନ ସେଣ୍ଟର ଅଫ୍ ଏକ୍ସିଲେନ୍ସର ନିର୍ଦ୍ଦେଶକ ପ୍ରଫେସର ଏନ୍. ଏସ୍. ଦାସ ଯୋଗଦେଇ ଆଲୋଚନା କରିଥିଲେ। ଗାଜିଆବାଦସ୍ଥିତ ଏକେଜିଇସି ଦକ୍ଷତା ଫାଉଣ୍ଡେଶନର ସିଓଓ ପ୍ରଫେସର ଆଶିଭ ଶାହା, ଚେନ୍ନାଇସ୍ଥିତ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଏବଂ ଇନଷ୍ଟ୍ରୁମେଣ୍ଟେଶନର ମୁଖ୍ୟ ଡ. ଜୋସେଲିନ ରେଟନା କୁମାର, ମିତ୍‌ସୁବିଶି ଇଲେକ୍ଟ୍ରିକର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ମନୋଜ ଗୁପ୍ତା, ବେଙ୍ଗାଲୁରୁସ୍ଥିତ ଡେସିବେଲ୍ସ ଲ୍ୟାବ ପିଭି ଲିମିଟେଡ୍‌ର ପ୍ରତିଷ୍ଠାତା ସୁରଜ ଏସ୍ ଡି ଏବଂ ସିଜିୟୁର ଉପଦେଷ୍ଟା ସଚ୍ଚିକାନ୍ତ କର ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ ସମସ୍ତଙ୍କ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଥିଲେ।

# ମଣିଷ ଚେତନାର ବିକାଶ ହେଲେ ଦିବ୍ୟତା ଆସିବ

ବାଲିଅନ୍ତା,୩୧।୧(ନୀଳମାଧବ ସାହୁ)

ମଣିଷ ହେଉଛନ୍ତି ଭଗବାନଙ୍କ ଅଂଶ। ଭଗବାନ ଆମ ସାଙ୍ଗରେ ଓ ଆମ ଭିତରେ ରହିଛନ୍ତି। ଜୀବନରେ ସର୍ବଦା ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରି ବଞ୍ଚିବା। ମଣିଷର ଚେତନାରେ ବିକାଶ ହେଲେ ତା' ଭିତରେ ଦିବ୍ୟତା ଆସିବ ବୋଲି ପାଠଚକ୍ରରେ ବକ୍ତାମାନେ ଏହା କହିଛନ୍ତି। ରାଜଧାନୀ ଉପକଣ୍ଠ ହଂସପାଳ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ଅରୋ ଆଲୋକ ପାଠଚକ୍ରର ୨୭ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର କଟକ ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରୀମା' ଓ ଶ୍ରୀ ଅରବିନ୍ଦଙ୍କ ଶତାଧିକ ଭକ୍ତ ଯୋଗଦେଇଥିଲେ। ଏହି ଅବସରରେ ଦିବ୍ୟଜନନୀ ଶ୍ରୀ ମା' ଓ ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ର ମାଲ୍ୟାର୍ପଣ ସହ ସାମୂହିକ ଧ୍ୟାନ, ମା' ପୁସ୍ତକ, ଦୁର୍ଗାସ୍ତୋତ୍ର ପଠନ ଓ ମାତୃ ସଙ୍ଗୀତ ଗାନ କରାଯାଇଥିଲା। ଆଲୋଚନାଚକ୍ରରେ ବିକାଶ ରଞ୍ଜନ ପରିଡ଼ା, ସୂର୍ଯ୍ୟକାନ୍ତ ମହାରଣା ଓ ପ୍ରଭାତ ନାୟକ ପ୍ରମୁଖ ବକ୍ତା ରୂପେ ଯୋଗଦେଇ ଶ୍ରୀ ମା' ଓ ଶ୍ରୀଅରବିନ୍ଦଙ୍କ ଶିକ୍ଷା ଓ ଆଧାତ୍ମିକ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସରଳା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ଦୋକାନ

ମଙ୍ଗୁଳି-ଜଗତପୁର,୩୧।୧(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ବଜାରରେ ଥିବା ଦୁଇଟି ଦୋକାନରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ସନ୍ଦେହକରି ବ୍ୟବସାୟୀ ଦମକା ଗ୍ରାମର ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଓ ତାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗୌରାଙ୍ଗ ଓ ତାଙ୍କ ଭାଇ ଗୋବିନ୍ଦପୁର ବଜାରରେ ଭେରାଇଟି ଷ୍ଟୋର ଏବଂ ସଉଦା ଦୋକାନ କରିଥିଲେ। ପ୍ରତିଦିନ ଭଳି ଗୁରୁବାର ରାତିରେ ଉଭୟ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ହେଲେ ରାତି ପ୍ରାୟ ୩ଟାରେ ଦୋକାନରେ ନିଆଁ ଲାଗିଥିବା ସେମାନେ ଖବରପାଇ ପହଞ୍ଚିବାବେଳକୁ ସାମଗ୍ରୀଗୁଡ଼ିକ ପୋଡ଼ି ଯାଇଥିଲା। ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

ଚୌଦ୍ୱାର,୩୧।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୯ ନମ୍ବର ୱାର୍ଡରେ ଶୁକ୍ରବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ୪ଟି ପେଭରବ୍ଲକ୍ ରାସ୍ତା ଓ ଦୁଇଟି ନାଳ ଉପରେ ସ୍ଲାବ୍ ବିଛାଇବା କାର୍ଯ୍ୟର ଶୁଭ ଦିଆଯାଇଛି । ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୨ ନମ୍ବର ୱାର୍ଡ କାଉନ୍‌ସିଲର ସୁବ୍ରତ ସାମଲ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ ବରାଳ, ବରିଷ୍ଠ ନାଗରିକ କ୍ଲବ୍ ସଭାପତି ପ୍ରତାପ କିଶୋର ସାମଲ, ସମ୍ପାଦକ ସୁଶାନ୍ତ ସାହୁ, ହାଉସିଂ ବୋର୍ଡ ୱେଲ୍‌ଫେୟାର ଆସୋସିଏଶନ ସମ୍ପାଦକ ନାରାୟଣ ସାହୁ, ଅଜୟ ସ୍ୱାଇଁ, ପ୍ରଶାନ୍ତ ସାହୁ, ରଞ୍ଜନ କୁମାର ବାରିକ, ଦୁଃଖିଶ୍ୟାମ ଶତପଥୀ, ରଞ୍ଜିତ ପଣ୍ଡା, ଯୁବନେତା ଧିରେନ ବସ୍ତିଆଙ୍କ ସମେତ ଶତାଧିକ ମହିଳା, ଯୁବ ଛାତ୍ର କର୍ମୀ ଯୋଗଦେଇଥିଲେ । ଶେଷରେ ବୀଣାପାଣି ଦାସ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

କଟକ ସଦର,୩୧।୧(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଶୁକ୍ରବାର ରାତିରେ ଭାଜପା ପକ୍ଷରୁ କନ୍ଦରପୁର ଛକରେ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସୁରେଶ ଚନ୍ଦ୍ର ଜେନା ଦୁଃଖିଶ୍ୟାମ ମୁଦୁଲି, ପ୍ରଦୀପ୍ତ ମାହାଳି, ଅକ୍ଷୟ ଜେନାଙ୍କ ନେତୃତ୍ୱରେ କର୍ମୀମାନେ ସୋନିଆଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶୁଭାଶିଷ ଜେନା, ବଳରାମ ନାୟକ, ଅଭିମନ୍ୟୁ ସାହୁ, ଶୁଭେନ୍ଦୁ ମହାପାତ୍ର ଓ ଜ୍ଞାନରଞ୍ଜନ ବେହେରା ସାମିଲ ଥିଲେ।

# ଯାଞ୍ଚ ହେଉନି: ବଢୁଛି ବେଆଇନ ଲିଙ୍ଗ ନିରୂପଣ, ଗର୍ଭପାତ

କଟକ,୩୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ବେଆଇନ ଭାବେ ବହୁ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ଗଢ଼ିଉଠିଛି। ସେଥିମଧ୍ୟରୁ ଅଧିକାଂଶ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟରର ପଞ୍ଜୀକରଣ ଲାଇସେନ୍ସ ନାହିଁ। ଅପରପକ୍ଷରେ ଏହି କେନ୍ଦ୍ରଗୁଡ଼ିକରେ ଯାଞ୍ଚ କରାଯାଉ ନ ଥିବାରୁ ବେଆଇନ ଭାବେ ଲିଙ୍ଗ ନିରୂପଣ ସହ ଗର୍ଭପାତ କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

ସୂଚନା ଅନୁଯାୟୀ, ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟରରେ ବେଆଇନ ଗର୍ଭପାତ ଓ ଲିଙ୍ଗ ନିରୂପଣ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର କଡ଼ା ନିୟମ ରହିଛି। ଏପରି କି ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ କେନ୍ଦ୍ରଗୁଡ଼ିକରେ ସୂଚନାଫଳକ ଲଗାଯାଇଛି। ଏହାସତ୍ତ୍ୱେ କଟକ ସହରର ରାଣୀହାଟ, ମଙ୍ଗଳାବାଗ, କଲେଜ ଛକ, ବଜ୍ରକବାଟି ସମେତ ଅନ୍ୟ ଅଞ୍ଚଳରେ ଥିବା ଅଧିକାଂଶ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ କେନ୍ଦ୍ରରେ ଏହି ବେଆଇନ କାର୍ଯ୍ୟ କରାଯାଉଛି। ୨୦୨୪ରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ଏକ ଘରେ ବେଆଇନ ଭାବେ ଜଣେ ଯୁବତୀଙ୍କ ଗର୍ଭପାତ କରାଯାଉଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରିବା ସହ ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଥିଲା। ସେହିପରି ସେହି ବର୍ଷ କଟକ ଫ୍ରେଣ୍ଡସ କଲୋନୀର ଜଣେ ଡାକ୍ତରଙ୍କ ଘରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ପୋଲିସ ଚଢ଼ାଉ କରି ସମ୍ପୃକ୍ତ ଡାକ୍ତର, ତାଙ୍କ ପତ୍ନୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ଏଭଳି ଘଟଣା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ମାସରେ ୩/୪ ଥର ନର୍ସିଂହୋମ୍, ଡାଇଗ୍ନୋଷ୍ଟିକ ସେଣ୍ଟର, ପାଥୋଲାବ୍ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଥମେ ଯାଞ୍ଚ କ୍ଷେତ୍ରରେ ତତ୍ପରତା ଦେଖିବାକୁ ମିଳିଥିଲା। ହେଲେ ପରବର୍ତ୍ତୀ ସମୟରେ ନିୟମିତ ଯାଞ୍ଚ ବନ୍ଦ କରିଦିଆଯାଇଥିଲା। ଏହି ସୁଯୋଗରେ କିଛିମାସ ହେବ ଅଧିକାଂଶ ନର୍ସିଂହୋମ୍, ଡାଇଗ୍ନୋଷ୍ଟିକ ସେଣ୍ଟରରେ ଏଭଳି ବେଆଇନ କାର୍ଯ୍ୟ ବଢି ଚାଲିଛି। କର୍ମଚାରୀ ଅଭାବରୁ ନିୟମିତ ଭାବେ ଯାଞ୍ଚ କରାଯାଇପାରୁ ନ ଥିବା ବିଶେଷସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡ଼ିକରେ ନିୟମିତ ଭାବେ ଯାଞ୍ଚ କରାଯାଇ ପାରୁନାହିଁ। ହେଲେ ଯେଉଁ ସ୍ଥାନରେ ଏଭଳି ବେଆଇନ କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆସୁଛି, ତୁରନ୍ତ ସେଠାରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଚଢ଼ାଉ କରି ଯାଞ୍ଚ କରୁଛି।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ଶେଷସ୍ପର୍ଶ ଦେଉଛନ୍ତି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଓଡ଼ିଶୀ ନୃତ୍ୟଗୁରୁ ଆଶିଷ ଦାସ

କଟକ,୩୧।୧(କାର୍ତ୍ତିକ ସାହୁ)



ଓଡ଼ିଶୀ ନୃତ୍ୟରେ ପ୍ରତିଷ୍ଠା ଅର୍ଜନ କରିଥିବା କଟକର ଗୁରୁ ଆଶିଷ କୁମାର ଦାସ ୨୦୨୫ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସର୍ବାଧିକ ପୁସ୍ତକ ଲେଖକ ଭାବରେ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ସେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୨ଟି ପୁସ୍ତକ ରଚନା କରିଛନ୍ତି। ସେଗୁଡ଼ିକ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଓଡ଼ିଶାର ମୁକ୍ତିପ୍ରଭା ପବ୍ଲିକେଶନ, ବେଙ୍ଗାଲୁରୁର ନୂତାନ ପବ୍ଲିକେଶନ ଏବଂ ଆମାଜନର କିଣ୍ଡଲ ଏଡିଶନ ଦ୍ୱାରା ପ୍ରକାଶିତ ହୋଇଛି। ଏହି ପୁସ୍ତକଗୁଡ଼ିକ ମଧ୍ୟରୁ ଓଡ଼ିଶୀ ନୃତ୍ୟ ପରିଚୟ, ଇନ୍ସ ଆଣ୍ଡ ଆଉଟ୍ ଅଫ୍ ଓଡ଼ିଶୀ ଡ୍ୟାନ୍ସ ଏବଂ ହିଷ୍ଟ୍ରି ଅଫ୍ ଓଡ଼ିଶୀ ଡ୍ୟାନ୍ସ ଆମାଜନର ବେଷ୍ଟ ସେଲର ଅଫ୍ ଦି ଇୟର ଭାବରେ ବହୁବାର ସ୍ଥାନିତ ହେବା ସହ ଭାରତ ଏବଂ ବିଶ୍ୱର ଅନେକ ବିଶ୍ୱବିଦ୍ୟାଳୟର ପାଠାଗାର ଏବଂ ସହାୟକ ପାଠ୍ୟକ୍ରମରେ ସାମିଲ ହେବା ଗୌରବର ବିଷୟ। ନୃତ୍ୟ କ୍ଷେତ୍ରରେ ଅନେକ ସୃଜନାତ୍ମକ, ଶାସ୍ତ୍ରୀୟ ଏବଂ ପାରମ୍ପରିକ ତତ୍ତ୍ୱ ତାଙ୍କ ପୁସ୍ତକର ଆଧାର ହୋଇଥିବାରୁ ଏହା ବିଶେଷ ଉପାଦେୟ ହୋଇପାରିଛି। ଏହାବ୍ୟତୀତ ଆମେରିକାର ୱାଲ ମାର୍ଟ, ଆରବ ଏମିରେଟ୍‌ର ଟ୍ରେଡ୍ ଲିଙ୍କ୍ ପୁସ୍ତକଗୁଡ଼ିକର ବ୍ୟବସାୟିକ ପରିଚାଳନା ପାଇଁ ଲେଖକଙ୍କ ସହ ସହବନ୍ଧିତ ହୋଇଛନ୍ତି। ନୃତ୍ୟ କ୍ଷେତ୍ରରେ ଗବେଷଣା ଓ ପେଷାଦାର ଶିଳ୍ପୀଙ୍କଠାରୁ ଆରମ୍ଭ କରି ନୂତନ ଶିକ୍ଷାର୍ଥୀଙ୍କ ପର୍ଯ୍ୟନ୍ତ ଏହି ପୁସ୍ତକଗୁଡ଼ିକ ବେଶ୍ ଉପଯୋଗୀ ହୋଇଥିବାରୁ ଆଶିଷ ଅନ୍ତର୍ଜାତୀୟ ସ୍ତରରେ ବିଶେଷ ପରିଚୟ ସୃଷ୍ଟି କରିପାରିଛନ୍ତି।

### ଡିଜିଟାଲ ସ୍କିଲିଂ ସଚେତନତା କାର୍ଯ୍ୟକ୍ରମ

କଟକ,୩୧।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଖ୍ରୀଷ୍ଟ କଲେଜରେ ଓଡ଼ିଶା ସ୍କିଲ୍ ଡେଭେଲପ୍‌ମେଣ୍ଟ ଅଥରିଟି ପକ୍ଷରୁ ଡିଜିଟାଲ ସ୍କିଲିଂ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜଅଧ୍ୟକ୍ଷା ମଧୁମିତା ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍କିଲ୍ ଡେଭେଲପ୍‌ମେଣ୍ଟ ଅଥରିଟି ଅଧୀନରେ କାର୍ଯ୍ୟ କରୁଥିବା ୟୁନିଟେକ୍ ଇଞ୍ଜିନିୟରିଂର ନିର୍ଦ୍ଦେଶିକା ସେଲି ମହାନ୍ତି ଯୋଗଦେଇ କହିଛନ୍ତି, ଇ-ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ଅନେକ ବିଷୟରେ ଅବଗତ ହୋଇପାରିବେ। ଅଧ୍ୟାପିକା ଡ. ଶାଶ୍ୱତୀ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମା' ନହରବୁଢ଼ୀ ମନ୍ଦିରର ବାର୍ଷିକ ଉତ୍ସବ

ଚୌଦ୍ୱାର,୩୧।୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୬ ନମ୍ବର ୱାର୍ଡ ମୁଣ୍ଡମାଳ ଗ୍ରାମରେ ମା' ନହରବୁଢ଼ୀ ଦେବୀଙ୍କ ନବମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରକାଶ ରାଉତ ଓ ମନୋଜିନୀ ରାଉତ କର୍ତ୍ତାକର୍ତ୍ତ୍ରୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହରପ୍ରିୟା



@ ଝୁନି



@ ରୁଦ୍ର



@ ଶକ୍ତି



@ ଶୁଭ୍ରଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାଗରମାଳା ଜାତୀୟ ରାଜପଥ କମରପଦା ପର୍ଯ୍ୟନ୍ତ ଲମ୍ବିବ

କଟକ ସଦର,୩୧।୧(ସୁଶାନ୍ତ କୁମାର ଜେନା)

କେନ୍ଦ୍ର ସରକାରଙ୍କ ସାଗରମାଳା ଜାତୀୟ ରାଜପଥଟି କଟକ ଜିଲା ଟାଙ୍ଗୀରୁ ବାହାରି କମରପଦା ବାଟେ ଜଗତ୍‌ସିଂହପୁର ଜିଲା ବିରିଡ଼ି ତହସିଲ ଅଞ୍ଚଳରେ ପ୍ରବେଶ କରିଥାନ୍ତା। ହେଲେ ଚାଷୀମାନଙ୍କ ପ୍ରବଳ ବିରୋଧ ଯୋଗୁ ଏହି ରାସ୍ତା ବିରିଡ଼ି ତହସିଲ ଅଞ୍ଚଳରେ ପ୍ରବେଶ କରିବ ନାହିଁ। ତେଣୁ କିଶନନଗର ତହସିଲ ଅନ୍ତର୍ଗତ କମରପଦା ଗ୍ରାମ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ଏହି ରାସ୍ତା କରାଯିବ। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୧୮୯/୨୭।୧।୨୦୨୫ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ରାସ୍ତା ଟାଙ୍ଗୀରୁ ବାହାରି ସାଲେପୁର ତହସିଲର ପୀରବଜାର ବାଟେ କଟକ ସଦର ତହସିଲ ଅନ୍ତର୍ଗତ ଆୟଉପୁର ଗ୍ରାମ ଓ କିଶନନଗର ତହସିଲର ଧରିଣା, କମରପଦା ଗ୍ରାମରେ ପହଞ୍ଚିବ। ବିରୂପା ଓ ମହାନଦୀରେ ସେତୁ ନିର୍ମାଣ କରାଯିବ। ଏହି ରାସ୍ତାକୁ କନ୍ଦରପୁର ନିକଟ ୫୫ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରାଯିବ।

## ବିରିବାଟୀ ଛକରେ ଏକପାଖିଆ ହମ୍ପ ନିର୍ମାଣକୁ ବିରୋଧ

କଟକ ସଦର,୩୧।୧(ସୁଶାନ୍ତ କୁମାର ଜେନା)



କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀ କେନାଲ ବନ୍ଧ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକପାଖିଆ ହମ୍ପ ନିର୍ମାଣ କରାଯାଇଛି। ଫଳରେ ବିପରୀତ ଦିଗରୁ ୨ ଓ ୪ ଚକିଆ ଗାଡ଼ି ଦ୍ରୁତ ଗତିରେ କଟକ ଅଭିମୁଖେ ଯାତାୟାତ କରୁଛି। ଏଥିଯୋଗୁ ପ୍ରାଚୀନ ଶୈବପୀଠ ପରମହଂସନାଥ ଦେବଙ୍କ ମନ୍ଦିରକୁ ଯିବା ପାଇଁ ଯାତ୍ରୀମାନେ ନିରାପଦ ମଣୁନାହାନ୍ତି। ଏହି ଏକ ପାଖିଆ ହମ୍ପ ନିର୍ମାଣକୁ ବିରୋଧ କରାଯିବା ସହ ଯଥାଶୀଘ୍ର ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତାରେ ମଧ୍ୟ ହମ୍ପ ନିର୍ମାଣ ପାଇଁ ଗତିରାଉତ ପାଟଣା ସମବାୟ ସମିତି ସଭାପତି ସମର ବେହେରା ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ରାଣୀହାଟ-ବିରିବାଟୀ ମଧ୍ୟରେ ତାଳଦଣ୍ଡା କେନାଲ ଡାହାଣ ପାର୍ଶ୍ୱ ବନ୍ଧରେ ପିଚୁରାସ୍ତା ସହ ସେତୁ ନିର୍ମାଣ କଟକସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ-୧ ପକ୍ଷରୁ କରାଯାଇଛି। ଏହି ରାସ୍ତା ବିରିବାଟୀ ମହାନ୍ତି ସାହି ନିକଟରେ କଟକ-ନୂଆଗାଁ ଜାତୀୟ ରାଜପଥ ନମ୍ବର ୫୫କୁ ସଂଯୋଗ କରୁଛି। ପାରାଦୀପ ଓ ଜଗତସିଂହପୁର ପଟୁ ଆସୁଥିବା ଅଧିକାଂଶ ଗାଡ଼ି କେନାଲ ବନ୍ଧରେ ରାଣୀହାଟ ପର୍ଯ୍ୟନ୍ତ ଯିବାକୁ ନୂଆ ରାସ୍ତାରେ ନିରାପଦ ମଣୁଛନ୍ତି। ସେଥିପାଇଁ ଦ୍ରୁତ ଗତିରେ ଗାଡି ଚଳାଚଳ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ପକ୍ଷରୁ ବିରିବାଟୀ ନିକଟରେ ତାଳଦଣ୍ଡା ଓ ମାଛଗାଁ କେନାଲ ଉପରେ ଦୁଇଟି ସେତୁ ନିର୍ମାଣ କରାଯାଇ ପରମହଂସନାଥ ଦେବଙ୍କ ପୀଠକୁ ରାସ୍ତା କରାଯାଇଛି। ପୂର୍ତ୍ତ ବିଭାଗ ଏହି ରାସ୍ତାରେ ୧ ମାସ ତଳେ ରାତି ଅଧିଆ ୨ ଥାକିଆ ଉଚ୍ଚ ହମ୍ପ ନିର୍ମାଣ କରିଛି। ସମସ୍ୟା ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ମନୋଜ ସଭାପତି, ଅଶୋକ ସାଧାରଣ ସମ୍ପାଦକ

### ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

ଖୁଣ୍ଟୁଣୀ,୩୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱାଦଶଥର ପାଇଁ ସଭାପତି ଭାବେ ମନୋଜ କୁମାର ମିଶ୍ର, ଅଷ୍ଟମଥର ନିମନ୍ତେ ସାଧାରଣ ସମ୍ପାଦକ ଭାବେ ଅଶୋକ କୁମାର ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ ନାୟକ ନିର୍ବାଚିତ ହୋଇଛନ୍ତି।



ମନୋଜ ମିଶ୍ର



ଅଶୋକ ସାମନ୍ତରାୟ

ଅପରପକ୍ଷରେ ସଂଘର କାର୍ଯ୍ୟକାରୀ ସଭାପତି, ଉପସଭାପତି, ଯୁଗ୍ମ ସମ୍ପାଦକ(୧), ଯୁଗ୍ମ ସମ୍ପାଦକ(୨) ଏବଂ ଯୁଗ୍ମ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ଭାବେ ଉମେଶ ଚନ୍ଦ୍ର ଦଳାଇ, ଉପସଭାପତି ଦିଲୀପ କୁମାର ତ୍ରିପାଠୀ, ଯୁଗ୍ମ ସମ୍ପାଦକ(୧) ଜ୍ଞାନରଞ୍ଜନ ପତ୍ରି, ଯୁଗ୍ମ ସମ୍ପାଦକ (୨) ଭଗବାନ୍ ରାଉତ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଗଦାଧର ସାହୁ ନିର୍ବାଚିତ ହୋଇଛନ୍ତି। ସଂଘର ବରିଷ୍ଠ ଉପଦେଷ୍ଟା କୈଳାସ ଚନ୍ଦ୍ର ସ୍ୱାଇଁ, ବିକ୍ରମାନନ୍ଦ ବସ୍ତିଆ ନିର୍ବାଚନ ପରିଚାଳନା କରିଥିବାବେଳେ ବନମାଳୀ ବେହେରା, ରାଜେଶ କୁମାର ଦାଶ, ବନା ବେହେରା, ଶୟ ମହାରଣା, ବିଶ୍ୱଜିତ୍ ଦାସ, ସର୍ବଜିତ୍ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଂଘ ସଭାପତି ମନୋଜ ସମସ୍ତ ଟ୍ରକ୍ ମାଲିକଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମାଲିକମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ମନୋଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫଟୋରେ ଖବର





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ଯୁବମୋର୍ଚ୍ଚା ଓ ଭାଜପା ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାଙ୍କ ପକ୍ଷରୁ ଶୁକ୍ରବାର ରାତିରେ କଟକ କଲେଜ ଛକଠାରେ ସୋନିଆ ଗାନ୍ଧୀ ଓ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ।





ସରକାରଙ୍କ ଜୀବିକା ମିଶନର ନିୟମାବଳୀକୁ ପ୍ରତ୍ୟାହାର କରିବା ଦାବିନେଇ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।

# ସୁରକ୍ଷିତ ଜୀବନ ପାଇଁ ସଚେତନତା ଜରୁରୀ

## ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଆନୁକୂଲ୍ୟରେ ସମସ୍ତ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ ଉଦ୍ଦେଶ୍ୟରେ ଜାନୁଆରୀ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୫ ଆୟୋଜିତ ହୋଇଥିଲା। ଶୁକ୍ରବାର ଜିଲା ପ୍ରେସ୍ କ୍ଲବ(ଡିପିସି), ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ(ଓୟୁଡବ୍ଲୁଜେ), ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ), ସିଗ୍‌ମା ପବ୍ଲିକ ସ୍କୁଲ୍ ଏବଂ ସାମାଜିକ ଅନୁଷ୍ଠାନ ଜାଗୃତିର ମିଳିତ ଆନୁକୂଲ୍ୟରେ ଜିଲା ପ୍ରଶାସନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଖୋର୍ଦ୍ଧା ସହଯୋଗରେ ଟିଏଲ୍‌ସି ରୋଡ୍‌ସ୍ଥିତ ସାମ୍ବାଦିକ ଭବନରେ 'ସଡ଼କ ସୁରକ୍ଷା-ପରିବାର ରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଏବଂ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସଡ଼କ ସୁରକ୍ଷା ଅଭିଯାନରେ ସାମିଲହୋଇ ସୁରକ୍ଷିତ ଜୀବନ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି।




ଏକାଧିକ ଗଣମାଧ୍ୟମର ପ୍ରତିନିଧି, ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସାମ୍ବାଦିକ ଭବନରୁ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରି ସଚେତନତାର ବାର୍ତ୍ତା ଦେଇଥିଲେ। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା, କାର୍ ଚଳାଇବା ସିଟ୍‌ବେଲ୍ଟ ବାନ୍ଧିବାକୁ କହିଥିଲେ। ଦ୍ରୁତିଗତି ମହାବିପତ୍ତି, ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଟିଏଲ୍‌ସି ଛକରେ ହେଲ୍‌ମେଟ୍ ପିନ୍ଧିଥିବା ଏବଂ ସିଟ୍‌ବେଲ୍ଟ ବାନ୍ଧିଥିବା କାର୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅନାଦି ସେଠୀ ଆଲୋଚନାଚକ୍ର ଏବଂ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଟାଉନ ଥାନାଧିକାରୀ ସଞ୍ଜୟ ନାୟକ, ଏଏସ୍‌ଆଇ ସୁଶାନ୍ତ ନାୟକ, ଏମ୍‌ଭିଆଇ ଦେବାଶିଷ ପାଇକରାୟ, ଟ୍ରାଫିକ୍ ଏସ୍‌ଆଇ ତୃପ୍ତିରେଖା ଜେନା, ଓଏମ୍‌ଭିଡି କନ୍‌ଷ୍ଟେବଲ ସିପ୍ରାଲିନ୍ ପଣ୍ଡା, ଜିଲା ପ୍ରେସ୍ କ୍ଲବ ଉପଦେଷ୍ଟା ତପନ ନାୟକ, ଉପସଭାପତି ଲଳିତ ମହାପାତ୍ର, ସମ୍ପାଦକ ଦିଲୀପ ପଟ୍ଟନାୟକ, ୟୁଜେଏ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଓୟୁଡବ୍ଲୁଜେ ସଭାପତି ପ୍ରକାଶ ହାତୀ, ଜାଗୃତି ସମ୍ପାଦକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ ରଞ୍ଜିତ ସାମନ୍ତରାୟ, ପ୍ରବୀଣ ଭଞ୍ଜ, ସିଗ୍‌ମା ପବ୍ଲିକ ସ୍କୁଲ୍‌ର ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି କହିଥିଲେ, ସଡ଼କ ଦୁର୍ଘଟଣା ବଢ଼ିଚାଲିଛି, ସଚେତନ ରହିଲେ ସୁରକ୍ଷିତ ରହିବେ। ସଚେତନତା ପରିବାରରୁ ଆରମ୍ଭ ହେବା ଜରୁରୀ। ଟ୍ରାଫିକ୍ ନିୟମ ପାଳନକଲେ ବିପଦରେ ପଡ଼ିବେ ନାହିଁ ବୋଲି କହିଥିଲେ। ଏଆର୍‌ଟିଓ ନାୟକ କହିଥିଲେ, ମୋଟରଯାନ ଆଇନ ଅନୁଯାୟୀ ନାବାଳକ, ନାବାଳିକା ବାଇକ୍, ସ୍କୁଟି, କାର୍ ଚଳାଇବା ବେଆଇନ। ଏଭଳି ଉଲ୍ଲଂଘନକାରୀଙ୍କୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା, ଅଭିଭାବକଙ୍କୁ ଜେଲ ଏବଂ ଗାଡ଼ିର ପଞ୍ଜୀକରଣ ରଦ୍ଦ ହେବାର ମଧ୍ୟ ପ୍ରାବଧାନ ରହିଛି। ଏଥିସହିତ ସମ୍ପୃକ୍ତ ନାବାଳକ, ନାବାଳିକାଙ୍କୁ ୨୫ ବର୍ଷ ହେବା ଯାଏ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି ସୂଚନା ଦେଇଛନ୍ତି।

# ସ୍ଥାୟୀ ଜୀବନଶୈଳୀ ଆଧାରିତ ଜିଲାସ୍ତରୀୟ ପ୍ରଦର୍ଶନୀ




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

ଗୁରୁଜଙ୍ଗସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ଜୀବନଶୈଳୀ ଆଧାରିତ ଜିଲାସ୍ତରୀୟ ପ୍ରଦର୍ଶନୀ-୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରିବେଶର ସୁରକ୍ଷା ପାଇଁ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ପରିବେଶ ଅନୁକୂଳ ବିଷୟ ଉପରେ ପିଲାଙ୍କ ମଧ୍ୟରେ ସଚେତନତା ଏହି ପ୍ରଦର୍ଶନୀର ଉଦ୍ଦେଶ୍ୟ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସ୍ୱରୂପ ନାୟକ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ବିଶ୍ୱଜିତ୍ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସୋର ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ଭୁବନେଶ୍ୱର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ ଯୋଗଦେଇ ପିଲାଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ଭୁବନେଶ୍ୱର ବ୍ଲକର ଡ. ପ୍ରଜ୍ଞାପାରମିତା ଜେନା, ଜଟଣୀ ବ୍ଲକର ରଶ୍ମିବାଳା ପରିଡ଼ା, ଜିଲା ବିଜ୍ଞାନ ସଂଯୋଜକ ସରୋଜ ସିଂ ପ୍ରମୁଖ ପରିଚାଳନା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ରମାମଣି ଦେଇ, ଗଣେଶ୍ୱର ମିଶ୍ର, ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି, ତୋଫାନ୍ ରାଉତରାୟ, ନିରଞ୍ଜନ ସାହୁ, ଶିକ୍ଷକ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଜଙ୍ଗର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ ଧନ୍ୟବାଦ ଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତର ଚୁଆଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପୃଷ୍ଟିଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ନାଏବ ସରପଞ୍ଚ ତାରା ସାସ୍‌ମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଲକ୍ଷ୍ମୀ ସାସ୍‌ମଲ, ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି, ଲଳିତ ନାରାୟଣ ମହାପାତ୍ର, କାହ୍ନୁ ବେହେରା, ସତ୍ୟଭାମା ବେହେରା, ସମରେଶ୍ର ବେହେରା, ବିଭୂତି ଭୂଷଣ ଯୁଝାରସିଂହ, ଦିଲୀପ ପଟ୍ଟନାୟକ, ସର୍ବେଶ୍ୱର ପାତ୍ର, ସସ୍ମିତା ଦଳବେହେରା, ବନାଦିତା ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସହକାରୀ ଶିକ୍ଷୟିତ୍ରୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମରେଶ୍ର ବେହେରା ସଂଯୋଜନା କରିଥିବା ବେଳେ ସ୍ୱାଗତିକା ମୁଦୁଲି ଧନ୍ୟବାଦ ଦେଇଥିଲେ। ସରୋଜିନୀ ବେହେରା, ସବିତା ପଟ୍ଟନାୟକ, ଚିନ୍ମୟ ସାହୁ, ଗୌରାଙ୍ଗ ବରାଡ଼, ଜ୍ୟୋତିର୍ମୟୀ ରାଉଳ, ସର୍ବେଶ୍ୱର ସାହୁଙ୍କ ସମେତ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲାରେ ସନାତନଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୩୧।୧(ସୂର୍ଯ୍ୟକାନ୍ତ ବେହେରା):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତିରେ ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲାର ରାୟ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ବନ୍ଦନା କର ଅଭିଯୁକ୍ତ ସନାତନ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ହୋଇଛି। ୧୨ ଜଣ ସାକ୍ଷୀ ଓ ୧୪ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁନ ୧୧ରେ ମଣ୍ଡପ ବସ୍ତିର ରାହାସ ବେହେରା ଓ ସନାତନ ମୁଣ୍ଡା ମିଳିମିଶି ମଦ୍ୟପାନ କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସନାତନ ଏକ କାଠ ଫାଳିଆରେ ରାହାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ରାହାସଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାହାସଙ୍କ ସ୍ତ୍ରୀ ଗୌରୀଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତ ସନାତନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରାହାସଙ୍କୁ ସନାତନ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରି ନ ଥିଲେ ବୋଲି ଶୁଣାଣି ବେଳେ ପ୍ରମାଣିତ ହୋଇଥିଲା। ତେଣୁ ଆଇପିସି ଦଫା ୩୦୪ରେ ସନାତନ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସରକାରୀ ଓକିଲ ସଲିଲ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିଅନ୍ତା,୩୧।୧(ନୀଳମାଧବ ସାହୁ):** ପାହାଳ ଥାନା ଅଧୀନ ଅଟଳାସ୍ଥିତ ଏକ ଭଡ଼ାଘର ବାରଣ୍ଡାରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଭଦ୍ରକ ସାବରଙ୍ଗ ଗ୍ରାମର ଜ୍ୟୋତିରଞ୍ଜନ ବାରିକ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣି ଥାନାରେ ଏତଲା ଦେଇଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୩୧/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ):** ଚାନ୍ଦପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତାଭାବେ ପଦ୍ମନାଭ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ କମିଟିର ସଭାପତି ଅକ୍ଷୟ ପଟ୍ଟନାୟକ, ଉପସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ କିଶୋର ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାମାନେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୃଷ୍ଣପ୍ରସାଦ,୩୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଗୋପାଳପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଚରଣ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଝୁନୁଲତା ତରେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଆରସିସି ସିଦ୍ଧେଶ୍ୱର କରଣ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ସାନସୀମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ତରେଇ, ସିଆରସିସି ରମାକାନ୍ତ ଜେନା, ସିଆରସିସି ଦିଲୀପ ବିଶ୍ୱାଳ, ସିଆରସିସି ବିଭୂତ ଭୂଷଣ ଦଳବେହେରା, ବ୍ରାହ୍ମଣଦେଓ କ୍ଲଷ୍ଟର ସିଆରସିସି ପ୍ରଶାନ୍ତ ନାୟକ, ତିନି ମୌଜା ସମ୍ପାଦକ ପ୍ରଶାନ୍ତ ପଲେଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ସତ୍ୟବାଦୀ ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସିଆରସିସି ଖଗେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ। ବାବୁଲି ନାୟକ, ଯୋଗେଶ୍ୱର ପଲେଇ, ଅଜୟ ବିଶ୍ୱାଳ, ରବୀନ୍ଦ୍ରନାଥ ବିଶ୍ୱାଳ, ପ୍ରବିର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# 'ଭଲ ପାଠପଢ଼ି ସୁନାଗରିକ ହୁଅ'

**ବୋଲଗଡ଼,୩୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଠୁକୁଳିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କୁ ଜାତୀୟସ୍ତରର ଶିକ୍ଷା ପ୍ରଦାନ କରିବା ପାଇଁ ଏହି ବିଦ୍ୟାଳୟ ପ୍ରତି ବ୍ଲକସ୍ତରରେ ପ୍ରତିଷ୍ଠା କରାଯାଇଛି। ଭଲ ପାଠପଢ଼ି ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ



ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଅଧ୍ୟକ୍ଷ ତାପସ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତାଭାବେ ପୂର୍ବତନ ବିଇଓ ଡ. ନିରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ବିଡିଓ ଶରତ କୁମାର ମଲିକ, ତହସିଲଦାର ବିଜୟ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ ଅନ୍ୟାନ୍ୟ କ୍ଷେତ୍ରର କୃତୀ ୧୦୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଅଭିଶା ଦାସ, ସୁଲଗ୍ନା ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ।

# କାମରେ ଆସୁନି ସର୍ବସାଧାରଣ ଶୌଚାଳୟ

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

କାଲୁପଡ଼ାଘାଟ ରେଳଷ୍ଟେଶନ ସମ୍ମୁଖରେ ଥିବା ସର୍ବସାଧାରଣ ଶୌଚାଳୟ ନିର୍ମାଣ ହେବା ଦିନଠାରୁ ବନ୍ଦ ରହିଛି। ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ତାଲା ପଡ଼ିଛି। ଫଳରେ ଯାତ୍ରୀଙ୍କ କାମରେ ଆସୁନାହିଁ ଏହି ଶୌଚାଳୟ। ଉକ୍ତ ଶୌଚାଳୟ ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ପାଣି ଏବଂ ଆଲୋକର ବ୍ୟବସ୍ଥା ହୋଇଥିଲେ ମଧ୍ୟ ବ୍ୟବହାର ପାଇଁ ଦିଆଯାଉନାହିଁ। ରେଳ ବିଭାଗ ନିୟମ ଅନୁଯାୟୀ, ଏହି ସର୍ବସାଧାରଣ ଶୌଚାଳୟକୁ ପରିଚାଳନା କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ତାଲା କାହିଁକି ପଡ଼ିଛି, ତାହାର କାରଣ ଜଣାପଡ଼ିନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।




# ବିକଶିତ ରାଷ୍ଟ୍ରର ମୁଖ୍ୟ ବିନ୍ଧାଣି ଛାତ୍ରୀଛାତ୍ର

**ବେଗୁନିଆ,୩୧।୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦା ଗ୍ରାମର ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଏବଂ ସମ୍ଭାବନା-୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର ଅତିଥିଭାବେ ସୁକାନ୍ତ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଧାକାନ୍ତପୁର ସରପଞ୍ଚ ଜୁଲିତା ଦାଶ,ଏୟୁପିଟିଏଫ୍‌ର ରାଜ୍ୟ ଉପଦେଷ୍ଟା ସଙ୍ଗୀତା ଦାଶ, ପ୍ରଥମ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ପ୍ରଥମ ସହକାରୀ ଶିକ୍ଷକ




ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଆୟୋଜିତ ସାଂସ୍କୃତିକ ପ୍ରତିଯୋଗିତାର ଗୁରୁତ୍ୱ ରହିଛି। ଛାତ୍ରୀଛାତ୍ର ହେଲେ ବିକଶିତ ଭାରତର ପ୍ରମୁଖ ବିନ୍ଧାଣି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଏବିଇଓ ଲକ୍ଷ୍ମୀ ଦେଇ ଏବଂ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଉତ୍ତମ ଛାତ୍ରୀ ସୁଶ୍ରୀ ସୁଚରିତା ମହାରଣାଙ୍କୁ ରାଧାଶ୍ୟାମ ମହାପାତ୍ର ସ୍ମାରକୀ ପ୍ରଦାନ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭସ୍ମିତା ପଟ୍ଟଯୋଶୀ, ତୁଳସୀ ମିଶ୍ର, ଜୟନ୍ତୀ ଭୋଳ, ସିଆର୍‌ସିସି ସୂର୍ଯ୍ୟନାରାୟଣ ପଣ୍ଡା, ସରୋଜ ବେହେରା, ରାମାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହରପ୍ରିୟା



@ ଝୁନି



@ ରୁଦ୍ର



@ ଶକ୍ତି



@ ଶୁଭ୍ରଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ବେଗୁନିଆ,୩୧।୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିକୋସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚନ୍ଦ୍ରଶେଖରପୁରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପରମଗୁରୁଙ୍କ ସଭାପତିତ୍ୱରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସ୍ଥାନୀୟ ସରପଞ୍ଚ ସନ୍ତୋଷୀ ରାୟ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦତ୍ତ, ସସ୍ମିତା ମହାପାତ୍ର, ସମିତିସଭ୍ୟ ଅଞ୍ଜଳି ସାହୁ, ପରିଚାଳନା କମିଟି ସଭାପତି ବୈଦ୍ୟନାଥ ମିଶ୍ର, ମାନସ ରଞ୍ଜନ ପରିଡ଼ା, ହିମାଂଶୁ ଶେଖର ସାହୁ, ସୁରେଶ ଚନ୍ଦ୍ର ରାୟ, ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଲାଗିରହିଥିବା ପାଣି ସମସ୍ୟା, ପାଠାଗାର ଏବଂ ଏକ ପରୀକ୍ଷାଗାର କରିବା ପାଇଁ ଛାତ୍ରୀଛାତ୍ରମାନେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିତ୍ତରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିଳ୍ପାରାଣୀ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

**ନୂତନ ଚଳନ୍ତି ପ୍ରତିମା ପ୍ରତିଷ୍ଠା ଉତ୍ସବ**

ପୁରୀ,(ଅଜିତ୍ କୁମାର ମହାନ୍ତି)-କୁଣ୍ଡେଇବେଣ୍ଟ ସାହିର ମହାଦେବ ବାନାମ୍ବର ଦେବଙ୍କ ନୂତନ ଚଳନ୍ତି ପ୍ରତିମା ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ପଞ୍ଚୁଚୌରା ଛକଠାରେ ଏକ ଭବ୍ୟ ଯଜ୍ଞମଣ୍ଡପ ନିର୍ମାଣ କରାଯାଇ ଗୁରୁବାର ନବଗ୍ରହ ପୂଜା, ସଂସ୍କାର ଓ ଅଙ୍କୁରାରୋପଣ କରାଯାଇଥିଲା। ସେହିପରି ଶୁକ୍ରବାର ପ୍ରତ୍ୟୁଷରୁ କୁଣ୍ଡେଇବେଣ୍ଟ ସାହିର ଅଧିବାସୀ ବିରାଟ ଶୋଭାଯାତ୍ରାରେ ବାହାରି ମାର୍କଣ୍ଡେୟ ପୁଷ୍କରିଣୀରୁ ଜଳ ଆଣି ଯଜ୍ଞମଣ୍ଡପକୁ ଜଳଯାତ୍ରା କରିଥିଲେ। ଏହାପରେ ପଞ୍ଚକର୍ମ, ବ୍ରାହ୍ମଣ ବରଣ, ସୂର୍ଯ୍ୟପୂଜା, ଗୋପୂଜା, ସଂସ୍କାର, ମଣ୍ଡଳ ପୂଜା,ଅଗ୍ନି ସଂସ୍କାର, ଆଳତି, ପୁଷ୍ପାଞ୍ଜଳି ଓ ଶାନ୍ତିପାଠ କରାଯାଇଛି। ୨ ତାରିଖ ସରସ୍ୱତୀ ପୂଜା ଦିନ ବାନାମ୍ବର ମହାଦେବଙ୍କ ନଗର ପରିକ୍ରମା, ସିଂହାସନ ବିଜେ ଓ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଛାତ୍ରଙ୍କୁ ମାଡ଼ମାରି ଶିକ୍ଷୟିତ୍ରୀ ବଦଳିଲେ

ଗୋପ,୩୧।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ର ବିଶ୍ୱଜିତ୍ କାଣ୍ଡି (୮ବର୍ଷ)ଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍କୁଲର ସମ୍ପୃକ୍ତ ଶିକ୍ଷୟିତ୍ରୀ ସୁପ୍ତି ସାଗର ବେହେରାଙ୍କୁ ବଦଳି କରାଯାଇଛି। ପ୍ରକାଶ ଯେ, ଗତ ୮ ତାରିଖରେ କୌଣସି କାରଣକୁ ନେଇ ଶିକ୍ଷୟିତ୍ରୀ ବିଶ୍ୱଜିତ୍‌ଙ୍କୁ ସ୍କୁଲ ପରିସରରେ ମାଡ଼ ମାରିଥିବା ନେଇ ତାଙ୍କ ବାପା ବଂଶୀଧର କାଣ୍ଡିଅଭିଯୋଗ ଆଣି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ଗୋପ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା ଗତ ୧୦ ତାରିଖରେ ଅତିରିକ୍ତ ଶିକ୍ଷା ଅଧିକାରୀ ଓ ସମ୍ପୃକ୍ତ ସ୍କୁଲ ଦାୟିତ୍ୱରେ ଥିବା ସିଆର୍‌ସିସିଙ୍କୁ ଏହି ପ୍ରସଙ୍ଗରେ ତୁରନ୍ତ ତଦନ୍ତ ପାଇଁ କାର୍ଯ୍ୟାଳୟ ଚିଠି ନମ୍ବର ୮୩/୨୫, ତା୧୦।୧।୨୦୨୫ରେ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମା କାର୍ଯ୍ୟାଳୟ ଚିଠି ନମ୍ବର ୧୮୪/୨୫ରେ ଛାତ୍ରଙ୍କୁ ମାଡ଼ ମାରିଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଗତ ୨୪ ତାରିଖରେ ଚେଙ୍ଗେଇଲ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ସୋନିଆଙ୍କ ମନ୍ତବ୍ୟକୁ ନେଇ ଭାଜପାର ବିକ୍ଷୋଭ

ସାକ୍ଷୀଗୋପାଳ,୩୧।୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବଜେଟ ଅଭିଭାଷଣକୁ ନେଇ ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟ ବିରୋଧରେ ସତ୍ୟବାଦୀରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ହୋଇଥିବା ଏହି ବିକ୍ଷୋଭରେ ୩୩ ନମ୍ବର ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ନେତା ଉମେଶ ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ଅଶୋକ ରାଉତରାୟ, ସନ୍ତୋଷ ନନ୍ଦ, ପଞ୍ଚାନନ ବେହେରା, ଧୁନିୟା ବେହେରା, ଘନଶ୍ୟାମ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ରାଷ୍ଟ୍ରପତିଙ୍କୁ ନେଇ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ସମସ୍ତେ କଡ଼ା ନିନ୍ଦା କରିଥିଲେ। ଆଗାମୀ ଦିନରେ ସେ ଦେଇଥିବା ମନ୍ତବ୍ୟ ଉପରେ ଯଦି କ୍ଷମା ନ ମାଗନ୍ତି ତେବେ ଏହା ଆନ୍ଦୋଳନର ରୂପ ନେବ ବୋଲି ପ୍ରକାଶ କରିଥିଲେ।

### ଛାତ୍ରୀଛାତ୍ରଙ୍କ ମାନସିକ, ଶୈକ୍ଷିକ ଅଭିବୃଦ୍ଧି କରିବ ନିପୁଣ ଓଡ଼ିଶା

ସାକ୍ଷୀଗୋପାଳ,୩୧।୧(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ଶିକ୍ଷା ମଣ୍ଡଳ ଅଧୀନ କାଦୁଆ କ୍ଲଷ୍ଟରର ଭଟପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ନିପୁଣ ଓଡ଼ିଶା ମେଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଅନ୍ୟତମ ଅତିଥି ଭାବେ କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମାନସିକ ଓ ଶୈକ୍ଷିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଦେବୀ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଦ୍ୱାରା ନିର୍ମିତ ଏଫ୍‌ଏଲ୍‌ଏନ୍, ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱପ୍ନା ମଞ୍ଜରୀ ଦାସ, ସୁଜାତା ଦେବୀ, ଦୀପିକା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି ସୁନୀଲ ବେହେରା ଧନ୍ୟବାଦ ଦେଇଥିଲେ।

### ୪ ଫୁଟର ନାଗ ଉଦ୍ଧାର

ଚାରିଛକ,୩୧।୧(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ସୁଧ ବାରିମୂଳ ଗ୍ରାମର ଭ୍ରମର ସାହୁଙ୍କ ଘରୁ ଶୁକ୍ରବାର ୪ ଫୁଟ ଲମ୍ବର ଏକ ନାଗ ସାପ ଉଦ୍ଧାର କରାଯାଇଛି। ମଧ୍ୟାହ୍ନ ୧୨ଟାବେଳେ ଘରେ ନାଗ ସାପ ପଶିଥିବା ଜାଣି ଭ୍ରମର ଡଭାର ଗ୍ରାମର ସାପ ଧରାଳି ପ୍ରିୟବ୍ରତ ସ୍ୱାଇଁଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରିୟବ୍ରତ ଖୋଜାଖୋଜି କରି ଘରୁ ସାପଟିକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ିଥିଲେ। ସାପଟି ୪ ବର୍ଷର ହେବ ବୋଲି ଧରାଳି ସୂଚନା ଦେଇଛନ୍ତି।

# ପିପିଲି ଗାଁପଡ଼ାରେ ପ୍ରତିଷ୍ଠା ହେବ ଟୁରିଜମ୍ ହବ୍

**ସ୍ଥାନ ପରିଦର୍ଶନକଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା**

ପିପିଲି,୩୧।୧
(ପ୍ରଭାତ କୁମାର ମହାପାତ୍ର)


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରୁଛନ୍ତି।)

ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ଗାଁପଡ଼ାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟୁରିଜମ୍ ହବ୍ ତଥା ଚାନ୍ଦୁଆ ହବ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗାଁପଡ଼ା ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ରୁଦ୍ର ଦାଶ, ଅତିରିକ୍ତ ଜିଲାପାଳ ସରୋଜ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ପୃକ୍ତ ଅଞ୍ଚଳ ବୁଲି ଦେଖିବା ସହ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟ କିପରି ଶୀଘ୍ର ଆରମ୍ଭ ହେବ ସେ ନେଇ ପିପିଲି ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପିପିଲି ବିଧାୟକଙ୍କ ପ୍ରସ୍ତାବକ୍ରମେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ଅଧିକାରୀମାନଙ୍କୁ କହିଥିଲେ। ବେଆଇନ ଦଖଲକୁ ହଟାଇବା ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜମି ଏକ ମାସ ମଧ୍ୟରେ ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦୁଇମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବିଶ୍ୱପ୍ରସିଦ୍ଧ ପିପିଲି ଚାନ୍ଦୁଆ ସମେତ ଓଡ଼ିଶା ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ପରିଡ଼ା କହିଛନ୍ତି। ପୂର୍ବ ସରକାର ସମୟରେ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଚାନ୍ଦୁଆ ଓ ହସ୍ତଶିଳ୍ପ ହବ୍‌ର ପୁନରୁଦ୍ଧାର କରାଯିବ। ଉକ୍ତ ପ୍ରକଳ୍ପରେ କେବଳ ଚାନ୍ଦୁଆ ଓ ହସ୍ତଶିଳ୍ପ ନୁହେଁ, ଓଡ଼ିଶାର ଶିଳ୍ପକଳା ସ୍ଥାନ ପାଇବା ସମେତ ଖାଦ୍ୟ ହବ୍ ପ୍ରତିଷ୍ଠା କରାଯାଇ ସମସ୍ତ ଭାରତୀୟ ଖାଦ୍ୟ ଉପଲବ୍ଧ କରାଯିବ। ଏହାଦ୍ୱାରା ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ଘଟିବ ବୋଲି ପରିଡ଼ା ମତବ୍ୟକ୍ତ କରିଛନ୍ତି।

# କଣାସ: ଝାଡ଼ାବାନ୍ତିରେ ଜଣେ ମୃତ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କଣାସ ବ୍ଲକ୍ ଅଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ସହ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ଲୋକେ ଦୟାନଦୀର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଫଳରେ ଶୁକ୍ରବାର ଜଣେ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ହାଇଟେକ୍ ମେଡିକାଲରେ ଚିକିତ୍ସାଧୀନ ଥିବା ଜାଗୁଲାଇପଦର ଗ୍ରାମର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ନାରାୟଣ ପ୍ରସାଦ ନନ୍ଦ ଏବଂ ଏପିଡେମିଓଲୋଜିଷ୍ଟ ଡା. ଶିଳ୍ପୀ ଦାଶ କଣାସ ବ୍ଲକର ଝାଡ଼ାବାନ୍ତି ପ୍ରପୀଡ଼ିତ ଜାଗୁଲାଇପଦର ଗସ୍ତ କରି ମୃତକଙ୍କ ପରିବାରକୁ ଭେଟିଥିଲେ। ପରିବାରର ସମସ୍ତଙ୍କୁ କଷ୍ଟାକ୍ସ ଡୋଜ୍ ଦିଆଯାଇଛି କି ନାହିଁ ପଚାରି ବୁଝିବା ସହ ସାହିପଡ଼ିଶାଙ୍କୁ ସଚେତନ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାଗୁଲାଇପଦରଠାରେ ଦୟାନଦୀ ଘାଟଗୁଡ଼ିକରେ ବ୍ଲିଚିଂ ଓ ବାଲିର ମିଶ୍ରଣ କ୍ଲୋରିନେସନ୍ ପାଇଁ ଦିଆଯିବା ସହିତ ଲୋକଙ୍କୁ ନଦୀ ଜଳ ବ୍ୟବହାର ନ କରିବା ପାଇଁ ପୋଷ୍ଟର ମାଧ୍ୟମରେ ସୂଚିତ କରାଯାଇଛି। ଡାଇରିଆ ନିୟନ୍ତ୍ରଣ କରିବା ପାଇଁ ଏପିଡେମିଓଲୋଜିଷ୍ଟ ଡାକ୍ତର ଶିଳ୍ପୀ ଦାଶ, ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ଶାନ୍ତନୁ ଜେନା ଏବଂ ମେଡିସିନ ସ୍ପେଶାଲିଷ୍ଟ ଆଲୋକ ପଟ୍ଟନାୟକଙ୍କୁ କଣାସ ମେଡିକାଲ୍‌ରେ ମୁତୟନ କରାଯାଇଛି।

## ବିଦ୍ୟୁତ୍ ଚୋରି କରି ୫୯, ୯୦୦ ଟଙ୍କା ଜରିମାନା ଦେଲେ

ଯୋଗେଶ୍ୱରପୁର,୩୧।୧(ରଶ୍ମିରଞ୍ଜନ ସାହୁ)

ଜଣେ ବ୍ୟକ୍ତି ବିଦ୍ୟୁତ୍ ଚୋରି କରିବାରୁ ତାଙ୍କୁ ୫୯, ୯୦୦ ଟଙ୍କା ଜରିମାନା ଦେବାକୁ ପଡ଼ିଛି। ଏପରି ଘଟଣା ଇସାଣପୁର ପଞ୍ଚାୟତ ଦେଶୁଣ୍ଡି ଗ୍ରାମରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗ୍ରାମର ସ୍ୱର୍ଗତ ବାବାଜୀ ସ୍ୱାଇଁଙ୍କ ନାମରେ ଲାଇନ ରହିଥିବାବେଳେ ତାଙ୍କ ପୁଅ ତ୍ରିଲୋଚନ ସ୍ୱାଇଁ ବିଲ ପୈଠ କରନ୍ତି। ତେବେ ତ୍ରିଲୋଚନ ବିଦ୍ୟୁତ୍ ଚୋରି କରୁଥିବା ଖବର ପାଇ କାକଟପୁର ବିଦ୍ୟୁତ୍ ବିଭାଗ ଏଡିଓ ସ୍ମୃତିରଞ୍ଜନ ବେହେରା ବୁଧବାର ଚଢ଼ାଉ କରିଥିଲେ। ଏଥିସହ ତାଙ୍କଠାରୁ ୫୯ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଦ୍ୟୁତ୍ ବିଭାଗ ଏଡିଓ ବେହେରାଙ୍କୁ ପଚାରିବାରେ, ଗତବର୍ଷ ତ୍ରିଲୋଚନଙ୍କଠାରୁ ବିଦ୍ୟୁତ୍ ଚୋରି ଅଭିଯୋଗରେ ୬୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏହା ସତ୍ତ୍ୱେ ସେ ବାରମ୍ବାର ବିଦ୍ୟୁତ୍ ଚୋରି କରୁଥିବା ଅଭିଯୋଗ ହେଉଛି। ତେବେ ତ୍ରିଲୋଚନ ଜଣେ ସାମାଜିକ କର୍ମୀ ବୋଲି ଜଣାପଡ଼ିଛି।



ରାଷ୍ଟ୍ରପତିଙ୍କ ପ୍ରତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ବିରୋଧ କରି ଭାଜପା ପୁରୀ ଶାଖା ପକ୍ଷରୁ ଗାନ୍ଧୀଘାଟରେ ଶୁକ୍ରବାର ସନ୍ଧ୍ୟାରେ ଧାରଣା ଦିଆଯାଇଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ନିପୁଣ ଓଡ଼ିଶା କ୍ଲଷ୍ଟରସ୍ତରୀୟ ମେଳା

ଯୋଗେଶ୍ୱରପୁର,୩୧।୧(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ଫାଣ୍ଡି ଅଧୀନ ଦେଉଳି ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ ପରିସରରେ ପ୍ରଥମରୁ ତୃତୀୟ ଶ୍ରେଣୀର ସମସ୍ତ ପିଲା ମୌଳିକ ଭାଷା ସହିତ ସଂଖ୍ୟା ଜ୍ଞାନ ପାଇପାରିବେ, ସେ ଦିଗରେ ନିପୁଣ ଓଡ଼ିଶା ମିଶନ ପକ୍ଷରୁ ଏକ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ବେଣୁଧର ମଲ୍ଲିକ ଓ ଅଶୋକ କୁମାର ବେହେରା ମେଳାକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ରବୀନ୍ଦ୍ର ବାହିନୀପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ସାହୁ, ଦେଉଳି ସରପଞ୍ଚ ରିଶ୍ମା ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ, ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, ସୁରଜିତ ସାହୁ, ଦେବୀ ପ୍ରସାଦ ପାତ୍ର, ତାପସ ନାୟକ ପ୍ରମୁଖ ମେଳା ପରିଚାଳନା କରିଥିଲେ।

## ଜଳ ସମ୍ପଦ ବିଭାଗର ୭ ପ୍ରକଳ୍ପ ଶିଳାନ୍ୟାସ

ଗୋପ,୩୧।୧
(ଭାରତୀ ଭୂଷଣ ଉପାଧ୍ୟାୟ)

ମୁଁ ସବୁବେଳେ ବିକାଶ ଉପରେ ଗୁରୁତ୍ୱ ଦେଉଥିବାବେଳେ ଆମ ସରକାର ମଧ୍ୟ ବିକାଶକୁ ପ୍ରାଥମିକତା ଦେଇଆସୁଛି ବୋଲି ଶୁକ୍ରବାର ଗୋପ ବ୍ଲକ ଅଧୀନ ଷୋଳପୁରଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୭ଟି ପ୍ରକଳ୍ପର ଶିଳାନ୍ୟାସ କରିବା ସମୟରେ ଏପରି ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗୋପ–ବାଲିଘାଇ ରାସ୍ତାର ଷୋଳପୁର ସ୍କୁଲ ନିକଟରେ ପହଞ୍ଚିବା ପରେ ଶତାଧିକ ମହିଳାଙ୍କ ଉପସ୍ଥିତିରେ ଏକ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ଆସି ପ୍ରଥମେ ଉପମୁଖ୍ୟମନ୍ତ୍ରୀ ନିକଟସ୍ଥ ମା’ ଅଡ଼ଙ୍ଗେଇ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ବାମପଟ ନଦୀବନ୍ଧରେ ନିର୍ମିତ ଶିଳାନ୍ୟାସ ସ୍ଥଳରେ ପହଞ୍ଚି ଦିଘାଲୋ ନିକଟସ୍ଥ ନଦୀବନ୍ଧ ସୁଦୃଢ଼ୀକରଣ ନିମନ୍ତେ ୩୬ ଲକ୍ଷ, କୁଶଭଦ୍ରା ନଦୀବନ୍ଧର ମାଟିଆଖାତଠାରୁ ଖଣ୍ଡିଆକୁଦ ପର୍ଯ୍ୟନ୍ତ ୩୬ ଲକ୍ଷ, କୁଶଭଦ୍ରା ନଦୀବନ୍ଧର ମାଟିଆକୁଦଠାରୁ ଷୋଳପୁର ନଦୀବନ୍ଧ ଲାଗି ୪୬ ଲକ୍ଷ ଟଙ୍କା ସହିତ ଆଉ ୪ଟି ସ୍ଥାନରେ କୁଶଭଦ୍ରା ନଦୀବନ୍ଧର ପୁନରୁଦ୍ଧାର ନିମନ୍ତେ ସମୁଦାୟ ୪ କୋଟି ୨୪ ଲକ୍ଷ ଟଙ୍କାର ଶିଳାନ୍ୟାସ କରିଥିଲେ। ଏହି ସମୟରେ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ଇଞ୍ଜିନିୟର ସଞ୍ଜୀବ ନାରାୟଣ ସାହୁ, ଇଞ୍ଜିନିୟର ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଞ୍ଜା ଉତ୍ସବ ଉଦ୍‌ଯାପିତ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ପୁରୀ ପୌରପରିଷଦର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ୫ଦିନ ଧରି ଚାଲିଥିବା ସାଞ୍ଜା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ପରିଷଦ ଏନଫୋର୍ସମେଣ୍ଟ ଅଫିସର ଲିପ୍ସା ରାୟ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ଦେଶର ୨୫ଟି ସହରକୁ ସାମିଲ କରାଯାଇଥିବାବେଳେ ଓଡ଼ିଶାରୁ କେବଳ ପୁରୀକୁ ସାମିଲ ହୋଇଛି ବୋଲି ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଥିଲେ। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୋଷ୍ଠୀ ସଂଗଠିକା ରେଶ୍ମା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ସାଞ୍ଜା ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ ।

## ଅଙ୍ଗନୱାଡ଼ି କର୍ମୀ ବିନି ଜେନା ସମ୍ବର୍ଦ୍ଧିତ

ନିମାପଡ଼ା,୩୧।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ଜଇନାବାଦ ଭୋଇସାହି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବିନି ଜେନା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସମାରୋହରେ ଅତିଥି ଭାବେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପ୍ରମୁଖ ଯୋଗଦେଇ ବିନିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ବୁଧବାର ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଡିଏସ୍‌ଡବ୍ଲୁଓ ତନୁପ୍ରଭା ବେଉରା, ସିଡିପିଓ ମାଧବୀ ମହାପାତ୍ର, ବିପିସି ନୟନ କୁମାର ଜେନା, ଏମ୍‌ପିଙ୍କ ନିମାପଡ଼ା ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ବିଭାଗୀୟ ସୁପରଭାଇଜର ଏବଂ ବହୁ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ପୁରୀ ଜିଲାର ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ବିନି ଉଦାହରଣ ପାଲଟିଛନ୍ତି। ଏବେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ଆଦର୍ଶ ଶିଶୁ ଶିକ୍ଷାମନ୍ଦିରର ବାର୍ଷିକୋତ୍ସବ

ପିପିଲି,୩୧।୧(ଦୁର୍ଗାମାଧବ ସାହୁ)

ମଙ୍ଗଳପୁରସ୍ଥିତ ଆଦର୍ଶ ଶିଶୁ ଶିକ୍ଷାମନ୍ଦିରର ୧୧ତମ ବାର୍ଷିକୋତ୍ସବ ଦୁର୍ଗାଦାସପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ଶାରଦା ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷାବିତ୍ ମୀନକେତନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଶିକ୍ଷାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଖବରଦାତା ରାଜକିଶୋର ସ୍ୱାଇଁ, ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ, ସମିତିସଭ୍ୟା ସସ୍ମିତା ଦଳେଇ, ମଙ୍ଗଳପୁର ସରପଞ୍ଚ ସଂଯୁକ୍ତା ବେହେରା, ସମିତିସଭ୍ୟ ଗଦାଧର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଦ୍ୱିଜବର ପରିଡ଼ା, ସାମାଜିକ କର୍ମୀ ବଲ୍ଲଭ ଖଟୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଅନନ୍ତ ସାହୁ, ହେମନ୍ତ ସାହୁ, ସାର୍ଥକ ମହାପାତ୍ର, ସଙ୍ଗୀତା ଦାସ, ରଶ୍ମିତା ପରିଡ଼ା, ପ୍ରିୟଦର୍ଶିନୀ ମହାପାତ୍ର, ରାଜଲକ୍ଷ୍ମୀ ଦଳେଇ ଓ ମିଲି ଘୋଷ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କୁନି କୁନି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜବରଦଖଲ ଜମି ନିଜ ଅକ୍ତିଆରକୁ ଆଣିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବେଆଇନ ଭାବେ ଜବରଦଖଲ ହୋଇଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଉକ୍ତ ଜମିରେ ସାଇନବୋର୍ଡ ଲଗାଇବା ସହ ତାହାକୁ ନିଜ ଅଧିନକୁ ଆଣିଛି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଉକ୍ତ ଜମି ଦଖଲ କରିଥିବା ବ୍ୟକ୍ତି ତାଙ୍କର ମାଲିକାନା ଜାହିର କରୁଛନ୍ତି, ତେବେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସେ ତାଙ୍କ ମତ ରଖି ପାରିବେ। ତାଙ୍କର ଯଦି ପ୍ରକୃତ କାଗଜପତ୍ର ରହିଛି ସେ ତାକୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜସ୍ୱ ବିଭାଗକୁ ଦେଖାଇପାରିବେ। କାଗଜପତ୍ର ଠିକ୍ ଥିଲେ, ତର୍ଜମା କରାଯାଇ ପଦକ୍ଷେପ ନିଆଯିବ।


ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶୁକ୍ରବାର ସନ୍ଧ୍ୟାରେ ପୁରୀ ପୌରପାଳିକା ପକ୍ଷରୁ ଛଡ଼ାଯାଉଥିବା ମଶାଧୂଆଁ ଯୋଗୁ ଭକ୍ତମାନେ ନାକରେ ରୁମାଲ ଦେଇ ଯାଉଛନ୍ତି।

# ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପିପିଲି କଲେଜର ୪୬ତମ ବାର୍ଷିକୋତ୍ସବ**

ପିପିଲି,୩୧।୧(ପ୍ରଭାତ କୁମାର ମହାପାତ୍ର)



କଲେଜର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ପିପିଲି ମହାବିଦ୍ୟାଳୟର ୪୬ତମ ବାର୍ଷିକୋତ୍ସବ କଲେଜ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିବସରେ ସାଂସ୍କୃତିକ ପ୍ରତିଯୋଗିତାରେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ଝୋଟି ଚିତ୍ର, ବକ୍ତୃତା ଇତ୍ୟାଦି କରାଯାଇଥିଲା। ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ବିଧାୟକ ପଟ୍ଟନାୟକ ଭବିଷ୍ୟତ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ମିଶ୍ର ପିପିଲି ମହାବିଦ୍ୟାଳୟର ପ୍ରଗତିର ଜୟଯାତ୍ରା ସୂଚାଇବା ସହିତ ବିଦ୍ୟାର୍ଥୀଙ୍କୁ ଦେଶର ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ପିପିଲି ଅଧ୍ୟକ୍ଷ ତପନ ଦାଶ ବିଦ୍ୟାଳୟକୁ ମିଳିଥିବା ୫ କୋଟି ସରକାରୀ ଅନୁଦାନ ପାଇଁ ରାଜ୍ୟ ସରକାର ଓ ବିଧାୟକଙ୍କୁ ଧନ୍ୟବାଦ ଦେବା ସହ କଲେଜର ଦ୍ରୁତ ବିକାଶରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅଧ୍ୟାପକ ଭବେଶ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ଦେଶାତ୍ମବୋଧକ ସମବେତ ସଙ୍ଗୀତ ସମସ୍ତଙ୍କୁ ବିଭୋର କରିଥିଲା। ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ସଂଗ୍ରାମ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ମୁଖପତ୍ର ‘ପ୍ରିୟମ୍ବଦା’ ଉନ୍ମୋଚିତ ହୋଇଥିଲା। ପ୍ରାଧ୍ୟାପକ ସଦାଶିବ ଦାଶ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନ୍‌ସିସି ମୁଖ୍ୟ ଅଧ୍ୟାପକ ଆଦିତ୍ୟ ପ୍ରସାଦ ରଥଙ୍କ ସମେତ ସାଂସ୍କୃତିକ ଉପଦେଷ୍ଟା ଅଧ୍ୟାପକ ଡ. ଲୋକନାଥ ସେଠୀ ଓ ଡ. ପ୍ରଣିତା ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ମଶା ଚିନ୍ତା: ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତତ୍ପରତା

## ସ୍ଥିତି ସମୀକ୍ଷା କଲେ ବିଏମ୍‌ସି କମିଶନର

- ଫଗିଂ ଓ ମଶା ତେଲ ସିଞ୍ଚନକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ
- ପ୍ରତି ୱାର୍ଡରେ ନିୟୋଜିତ ହେବେ ୧୦ଜଣ କର୍ମଚାରୀ



ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)

ରାଜଧାନୀବାସୀଙ୍କୁ କଲବଲ କରୁଛି ମଶା। ସହରବାସୀଙ୍କଠାରୁ ଆରମ୍ଭ କରି ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି ମଶା। ତେବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ ପରେ ଏବେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ କମିଶନର ରାଜେଶ ପ୍ରଭାକର ପାଟିଲ ମଶା ମୁକାବିଲା ସ୍ଥିତିର ସମୀକ୍ଷା କରିଛନ୍ତି। ଏବେଠାରୁ ଜୋନସ୍ତରରେ ଫଗିଂ ଓ ମଶା ତେଲ ସିଞ୍ଚନକୁ ବ୍ୟାପକ କରାଯିବା ସହ ସବୁ ଛୋଟ ନାଳରେ ମଶା ତେଲ ପକାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ୱାର୍ଡସ୍ତରରେ ଲୋକବଳ ବଢ଼ାଯିବ। ପର୍ଯ୍ୟାପ୍ତ କର୍ମଚାରୀ ନ ଥିବାରୁ ଗୋଟିଏ ଲେଖାଏ ଜୋନକୁ ଫୋକସ କରାଯାଇ ପ୍ରଥମେ ସବୁ ୱାର୍ଡରେ ଥରେ ଲେଖାଏ ଫଗିଂ ଓ ମଶା ତେଲ ସିଞ୍ଚନ କରାଯିବ। ଏଥିଲାଗି ବିଏମ୍‌ସି ପାଖରେ ଏବେ ମୋଟ ୧୭୦ଜଣ କର୍ମଚାରୀ ଅଛନ୍ତି। ସେଥିମଧ୍ୟରୁ ୨୦ଜଣ ସୁପରଭାଇଜର ଏବଂ ୧୫୦ଜଣ ୱାର୍ଡରେ ବୁଲି କାମ କରୁଛନ୍ତି। ଫଳରେ ବଡବଡ ୱାର୍ଡକୁ ୩ଜଣ ଓ ଛୋଟ ୱାର୍ଡକୁ ଦୈନିକ ୨ଜଣ ଲେଖାଏ କର୍ମଚାରୀ ଯାଉଥିଲେ। କର୍ମଚାରୀ ସଂଖ୍ୟା ବଢ଼ିବା ପରେ ପ୍ରତି ୱାର୍ଡକୁ ୧୦ଜଣ ଲେଖାଏ କର୍ମୀ ଯୋଗାଇ ଦିଆଯିବ। ସେମାନେ ୱାର୍ଡରେ ଫଗିଂ କରିବା ସହ ମଶାତେଲ ପକାଇବେ। ସପ୍ତାହେ ବଦଳରେ ୪ଦିନ ଭିତରେ ଏହି କାମ ଶେଷ ହେବ ବୋଲି ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଷୋୟୀ କହିଛନ୍ତି। ଅଗଷ୍ଟରୁ ଫେବୃଆରୀ ଯାଏ ଏହି କର୍ମଚାରୀଙ୍କୁ ବିଏମ୍‌ସି ଅସ୍ଥାୟୀ ଭାବେ ନିୟୋଜିତ କରିବ। ମଶା ନିୟନ୍ତ୍ରଣ କ୍ଷେତ୍ରରେ ୧୭୦ଜଣ ଆଣ୍ଟିଲାର୍ଭା ୱାର୍କର କାମ କରୁଥିବାବେଳେ ଆଉ ୧୭୦ଜଣଙ୍କୁ ନିୟୋଜିତ କରାଯିବ। ସବୁ ଛୋଟ ଡ୍ରେନରୁ କଭର ଉଠାଯାଇ ମଶା ତେଲ ପକାଯିବ। ୨ଦିନ ତଳେ ମନ୍ତ୍ରୀ ୪ଟି ବଡ଼ ଫଗିଂ ମେଶିନ କିଣାଯିବ ବୋଲି କହିଥିଲେ। ମାତ୍ର ଏବେ ୨ଟି ବଡ଼ ମେଶିନ କିଣାଯିବ ବୋଲି ବିଏମ୍‌ସି ସ୍ଥିର କରିଛି। ୨୦୦୮ରୁ ବିଏମ୍‌ସିର ୨ଟି ବଡ଼ ଫଗିଂ ମେଶିନ ସହ ୨୦ଟି ଛୋଟ ଫଗିଂ ମେଶିନ ଅଛି। ମେଶିନ କିଣାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହେଇଛି। ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ଭୁବନେଶ୍ୱରରେ ମଶାଙ୍କ ଉପଦ୍ରବ ବଢ଼ିଥାଏ। ତେଣୁ ଏହି ସମୟରେ ଭୁବନେଶ୍ୱରରେ ଫଗିଂ ଓ ମଶାତେଲ ସିଞ୍ଚନକୁ ବ୍ୟାପକ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମଶା ହଟ୍‌ସ୍ପଟ୍ ଖୋଜିବେ ଏସ୍ଆଇ, ସ୍ୱଚ୍ଛତା ସୁପରଭାଇଜର

ବିଏମ୍‌ସି ଅଞ୍ଚଳରେ ମଶା ହଟ୍‌ସ୍ପଟ୍ ଚିହ୍ନଟ ପାଇଁ ବିଏମ୍‌ସି ପାଖରେ ପର୍ଯ୍ୟାପ୍ତ ଲୋକବଳ ନାହାନ୍ତି। ଫଳରେ ସଫେଇ କାମରେ ନିୟୋଜିତ ଏସ୍ଆଇ ଓ ସ୍ୱଚ୍ଛତା ସୁପରଭାଇଜର ୱାର୍ଡ ବୁଲି ମଶା ହଟ୍‌ସ୍ପଟ୍ ଚିହ୍ନଟ କରିବେ। ସେମାନେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହ ମିଶି କାମ କରିବେ। ଅଧିକ ମଶା ହେଉଥିବା ସ୍ଥାନ ସମ୍ପର୍କରେ ଆଣ୍ଟିଲାର୍ଭା ଟିମ୍‌କୁ ଖବର ଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ମଶା ସାନ୍ଦ୍ରତା ୮୨ ପାର୍

ଭୁବନେଶ୍ୱରରେ ମଶାର ସାନ୍ଦ୍ରତା (ପର୍ ମ୍ୟାନ ଆୱାର୍) ୮୨ ପାର କରିଛି। ଅର୍ଥାତ୍ ଜଣେ ବ୍ୟକ୍ତିଙ୍କୁ ଘଣ୍ଟାଏ ଭିତରେ ଶରୀରର ଗୋଟିଏ ସ୍ଥାନରେ ୮୨ରୁ ଊର୍ଦ୍ଧ୍ୱ ମଶା କାମୁଡୁଛନ୍ତି। ୨୦୨୪ ଡିସେମ୍ବର ୨୫ ସର୍ଭେରେ ଏହି ତଥ୍ୟ ମିଳିଥିବାବେଳେ ଚଳିତ ମାସରେ ପୁଣି ଥରେ ସାନ୍ଦ୍ରତା ମାପିବାକୁ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ମଶାଙ୍କ ସାନ୍ଦ୍ରତା ୪୦ରୁ ତଳେ ରହୁଥିଲା। ସାନ୍ଦ୍ରତା ୫୦ରୁ ତଳକୁ ରହିଲେ ଏହାକୁ ସାଧାରଣ ବୋଲି ବିବେଚନା କରାଯାଏ। ମାତ୍ର ଭୁବନେଶ୍ୱରରେ ଏହାଠାରୁ ଢେର୍ ଅଧିକ ରହୁଥିବାରୁ ସ୍ଥିତି ଚିନ୍ତାଜନକ ରହିଛି। ଏଥିପାଇଁ ବିଏମ୍‌ସିକୁ ସ୍ମାର୍ଟସିଟିବାସୀ ଦାୟୀ କରିଛନ୍ତି। ସାଧାରଣତଃ ଅକ୍ଟୋବରରୁ ମଶାଙ୍କ ପ୍ରଜନନ ସମୟ ଆରମ୍ଭ ହୋଇ ଜାନୁଆରୀ ପର୍ଯ୍ୟନ୍ତ ଜାରି ରହିଥାଏ। ତେଣୁ ଏହି ସମୟରେ ଲାର୍ଭା ନଷ୍ଟକଲେ ମଶା ନିୟନ୍ତ୍ରଣ ସମ୍ଭବ ହୋଇପାରିବ। ମାତ୍ର ବିଏମ୍‌ସି ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହେବା ପରେ ନାମକୁ ମାତ୍ର ଫଗିଂ କରି ଦୋଷ ଖସାଇବାକୁ ବସିଛି।

# ପୁଣି ଟିଟିଏସ୍ ଦୁର୍ଗନ୍ଧରେ ହନ୍ତସନ୍ତ ଅଞ୍ଚଳବାସୀ




ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)

ବର୍ଜ୍ୟ ପରିଚାଳନାରେ ବିଫଳ ହୋଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ସହରରୁ ଦୈନିକ ବାହାରୁଥିବା ଶହଶହ ଟନ୍‌ର ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ଥିବା କ୍ଷୁଦ୍ର ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର (ଏମ୍‌ସିସି) ନିର୍ମାଣ ଏଯାବତ୍ ସରିନାହିଁ। ଅପରପକ୍ଷେ ମେଗା ଏମ୍‌ସିସି କାର୍ଯ୍ୟକ୍ଷମ ହୋଇପାରୁନି। ଏଭଳି ସ୍ଥିତିରେ ବାୟୋମାଇନିଂ ପ୍ଲାଣ୍ଟ ଓ ଅସ୍ଥାୟୀ ଡମ୍ପିଂ ୟାର୍ଡ (ଟିଟିଏସ୍)ରେ ବର୍ଜ୍ୟ ପରିଚାଳନା ବଡ଼ ସମସ୍ୟା ପାଲଟିଛି। ସହରରୁ ବାହାରୁଥିବା ଆବର୍ଜନାର ସିଂହଭାଗ ପ୍ରାୟ ୫ଶହ ଟନ୍ ଏବେ ଟିଟିଏସ୍‌ରେ ପଡୁଛି। ଫଳରେ ସୈନିକ ସ୍କୁଲ ନିକଟ ଟିଟିଏସ୍‌ରୁ ପୁଣି ଦୁର୍ଗନ୍ଧ ହେବା ଆରମ୍ଭ ହେଲାଣି। ସନ୍ଧ୍ୟା ପରେ ହାଲୁକା ଥଣ୍ଡା ପବନରେ ଏହି ଦୁର୍ଗନ୍ଧ ପଥରବନ୍ଧ, ଭିଏସଏସ୍ ନଗର, ମଞ୍ଚେଶ୍ୱର, ଭୋଟପଡ଼ା, ଚକେଇସିହାଣୀ ଆଦି ଅଞ୍ଚଳବାସୀଙ୍କୁ ହନ୍ତସନ୍ତ କରୁଛି। ଗତ କିଛିଦିନ ତଳେ ଟିଟିଏସ୍‌ରୁ ଆବର୍ଜନାର ପରିମାଣ କମିଥିବାବେଳେ ଏବେ ପୁଣି ପାହାଡ଼ ଭଳି ଗଦା ହେଲାଣି। ସନ୍ଧ୍ୟା ପରେ ପ୍ରକ୍ରିୟାକରଣ କରାଯାଉଥିବାରୁ ଦୁର୍ଗନ୍ଧ ବ୍ୟାପୁଥିବା ବିଏମ୍‌ସିର ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। ସେହିପରି ଆବଶ୍ୟକ ସଂଖ୍ୟକ ଏମ୍‌ସିସି ନିର୍ମାଣ ହୋଇ ପାରୁ ନ ଥିବାରୁ ବାଧହୋଇ ଟିଟିଏସ୍ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭୁଆଷୁଣୀ ବାୟୋମାଇନିଂରେ ମଧ୍ୟ ପ୍ରକ୍ରିୟାକରଣ ପଛରେ ପଡ଼ିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଏଠାରୁ ସମସ୍ତ ଆବର୍ଜନା ହଟାଇବାକୁ ବିଏମ୍‌ସି ଚୁକ୍ତି କରିଥିବାବେଳେ ହାତରେ ଆଉ ମାତ୍ର ବର୍ଷକର ସମୟ ଅଛି। ଏବେସୁଦ୍ଧା ପ୍ରକ୍ରିୟାକରଣ ୩୦% ଟପି ନ ଥିବାବେଳେ ବର୍ଷକ ମଧ୍ୟରେ ବାକି ୭୦% ବଳକା ବର୍ଜ୍ୟ ପ୍ରକ୍ରିୟାକରଣ ସାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସ୍ୱଚ୍ଛ ସର୍ଭେକ୍ଷଣ ୨୦୨୫ ଲାଗି ମଧ୍ୟ ବିଏମ୍‌ସିର କିଛି ବିଶେଷ କସରତ ନଥିବା ପରିଲକ୍ଷିତ ହୋଇଛି। ସହରକୁ ସ୍ୱଚ୍ଛ ରଖିବା ଦିଗରେ ବିଏମ୍‌ସି ପକ୍ଷରୁ ସେଭଳି କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାଲିଅନ୍ତା, ୩୧।୧ (ନୀଳମାଧବ ସାହୁ)

ପାହାଳ ଥାନା ଅଧୀନ ଅଟଳାସ୍ଥିତ ଏକ ଭଡ଼ାଘର ବାରଣ୍ଡାରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଭଦ୍ରକ ସାବରଙ୍ଗ ଗ୍ରାମର ଜ୍ୟୋତିରଞ୍ଜନ ବାରିକ୍ ଓରଫ ଭାଲୁଆ (୨୫)। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣି ପାହାଳ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (କେସ୍ ନଂ ୩୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ଭାଲୁଆ ପାହାଳ ଅଞ୍ଚଳରେ ଜଣେ ଗ୍ୟାସ ବିତରକଙ୍କ ପାଖରେ ରହି ଗ୍ୟାସଚୁଲା ମରାମତି ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ୬ ମାସ ହେଲା ସେ ଅନ୍ୟ ୩ ସହଯୋଗୀଙ୍କ ସହ ଭଡ଼ାଘର ନେଇ ରହୁଥିଲେ। ଶୁକ୍ରବାର ସକାଳେ ଉକ୍ତ ଘର ବାରଣ୍ଡାର ଟିଣ ଆଜବେଷ୍ଟସ୍ ହୁକ୍‌ରେ ଏକ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ଗ୍ୟାସ ଦୋକାନୀ ଦେଖିବାକୁ ପାଇଥିଲେ ବୋଲି ପୋଲିସକୁ ବୟାନ ଦେଇଛନ୍ତି। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ।



କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ମାଧବ ସନ୍ଧାନେ' ପରିବେଷିତ ହୋଇଥିଲା। ନାଟକଟିକୁ ପ୍ରଫେସର ନରେନ୍ଦ୍ର ମିଶ୍ର ରଚନା କରିଥିବାବେଳେ ପ୍ରଶାନ୍ତ ମହାପାତ୍ର, ମୁକୁନ୍ଦ ଶତପଥୀ, ସତ୍ୟ ଜେନା, ଭଳକୃଷ୍ଣ ମହାନ୍ତି ଓ ଅନ୍ୟ କଳାକାରମାନେ ପରିବେଷଣ କରିଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ପଛରୁ ଧକ୍କା ଦେଲା କାର, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଆହତ

ଭୁବନେଶ୍ୱର, ୩୧।୧ (ସୂର୍ଯ୍ୟକାନ୍ତ ବେହେରା)

ବେପରୁଆ ଗାଡି ଚାଳନା ଯୋଗୁ ଭୁବନେଶ୍ୱରରେ ଶୁକ୍ରବାର ରାତିରେ ପୁଣି ଏକ ଦୁର୍ଘଟଣା ଘଟିଛି। ଲିଙ୍ଗରାଜ ଥାନା ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗୀ ରଶ୍ମି ଟାୱାର ପାଖରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଜଣେ ବରିଷ୍ଠ ନାଗରିକଙ୍କୁ ଏକ ଇନୋଭା କାର୍ ଧକ୍କା ଦେଇଛି। ସେ ହେଲେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଶିବ ପ୍ରସାଦ ମିଶ୍ର। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କ୍ୟାପିଟାଲ ହସ୍ପିଟାଲ ଓ ଏବେ ଭରତପୁରସ୍ଥିତ ଆଉ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ଡ୍ରାଇଭର ଗାଡି ସହ ଫେରାର ହୋଇଯାଇଥିବାରୁ ସିସିଟିଭି ଫୁଟେଜ ଯାଞ୍ଚ କରି ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଚିବାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ବରିଷ୍ଠ ଅଧିକାରୀ ମାହାଲ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ ସୁଧୀର ସେଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ହିମାଂଶୁ ଭୂଷଣ ପଣ୍ଡା, ଅର୍ଥ ପରାମର୍ଶଦାତା ସାଗରିକା ହୋତା, ଅତିରିକ୍ତ ଶାସନ ସଚିବ ଘାସିରାମ ମୁର୍ମୁ, ଶଶାଙ୍କ ଶେଖର ଦାସ, ଯୁଗ୍ମଶାସନ ସଚିବ ଇତିଶ୍ରୀ ରାଉତ, ଅଞ୍ଜନ କୁମାର ଦାସ, ଅତିରିକ୍ତ ଭୂମି ଅଧିକାରୀ ତନୁଶ୍ରୀ ସାମଲଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସୁଧୀରଙ୍କ କର୍ମମୟ ଜୀବନ ଉପରେ କହିଥିଲେ। ଏହି ଅବସରରେ ସୁଧୀରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ବର୍ଦ୍ଧିତ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଅମିୟ କୁମାର ଦାସ, ଉପସଭାପତି ଓ ସାଧାରଣ ସମ୍ପାଦକ ନଳିନୀ କାନ୍ତ ଶର୍ମା ସଭା ପରିଚାଳନା କରିଥିଲେ।

# ଦୋଷୀ ସନାତନଙ୍କୁ ୧୦ ବର୍ଷ ଜେଲଦଣ୍ଡ

## ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲା

ଭୁବନେଶ୍ୱର, ୩୧।୧ (ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତିରେ ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲାର ରାୟ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ବନ୍ଦନା କର ଅଭିଯୁକ୍ତ ସନାତନ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ହୋଇଛି। ୧୨ ଜଣ ସାକ୍ଷୀ ଓ ୧୪ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁନ ୧୧ରେ ମଣ୍ଡପ ବସ୍ତିର ରାହାସ ବେହେରା ଓ ସନାତନ ମୁଣ୍ଡା ମିଳିମିଶି ମଦ୍ୟପାନ କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସନାତନ ଏକ କାଠ ଫାଳିଆରେ ରାହାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ରାହାସଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାହାସଙ୍କ ସ୍ତ୍ରୀ ଗୌରୀଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତ ସନାତନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରାହାସଙ୍କୁ ସନାତନ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରି ନ ଥିଲେ ବୋଲି ଶୁଣାଣି ବେଳେ ପ୍ରମାଣିତ ହୋଇଥିଲା। ତେଣୁ ଆଇପିସି ଦଫା ୩୦୪ରେ ସନାତନ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସରକାରୀ ଓକିଲି ସଲିଲ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଓଡ଼ିଶା ଗସ୍ତ ସାରି ଫେରିଲେ ଏସ୍‌ବିଆଇ ପରିଚାଳନା ନିର୍ଦ୍ଦେଶକ




ଭୁବନେଶ୍ୱର, ୩୧।୧ (ଅନୁରାଧା ମହାରଣା)

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କର୍ପୋରେଟ ସେଣ୍ଟର ମୁମ୍ବାଇର ପରିଚାଳନା ନିର୍ଦ୍ଦେଶକ ବିନୟ ଏମ୍ ଟୋନସେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଜାନୁଆରୀ ୨୭ରେ ସେ ବ୍ରହ୍ମପୁର ପ୍ରଶାସନିକ କାର୍ଯ୍ୟାଳୟ ପକ୍ଷରୁ ଗୋପାଳପୁରସ୍ଥିତ ଏକ ହୋଟେଲରେ ଆୟୋଜିତ 'ନେକ୍ସଟ ଲିପ୍' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ୨୮ ତାରିଖରେ ପ୍ରଶାସନିକ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଟୋନସେ ଯୋଗଦେଇଥିଲେ। ଏହାସହ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ନନ୍ଦନକାନନ ଅଭୟାରଣ୍ୟକୁ ଦୁଇଟି ବ୍ୟାଟେରିଚାଳିତ ଯାନ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ ହସ୍ପିଟାଲକୁ ଏକ ହରାଇଜୋଣ୍ଟାଲ ସିଲିଣ୍ଡ୍ରିକାଲ ଅଟୋକ୍ଲେଭ ମେଶିନ ପ୍ରଦାନ କରାଯାଇଥିଲା। ଏହି ମେଶିନ ଅସ୍ତ୍ରୋପଚାର ଥିଏଟର, ମାଇନର ଓଟି, ଲେବର ରୁମ୍ ଏବଂ ଅନ୍ୟାନ୍ୟ ବିଭାଗରେ ବ୍ୟବହାର ପାଇଁ ଡ୍ରେସିଂ ଏବଂ ଶଲ୍ୟ ଚିକିତ୍ସା ଉପକରଣଗୁଡ଼ିକୁ ଜୀବାଣୁମୁକ୍ତ କରିବା ପାଇଁ ବ୍ୟବହୃତ ହେବ। ଏହା ସହ ଟୋନସେ ଭୁବନେଶ୍ୱର ମୁଖ୍ୟ ଶାଖାର ନବୀକରଣ ହୋଇଥିବା ପରିସରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଓଡ଼ିଶୀ ନୃତ୍ୟଗୁରୁ ଆଶିଷ ଦାସ

କଟକ, ୩୧।୧ (କାର୍ତ୍ତିକ ସାହୁ)- ଓଡ଼ିଶୀ ନୃତ୍ୟ ଗୁରୁ ଆଶିଷ କୁମାର ଦାସ ୨୦୨୫ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ



ସର୍ବାଧିକ ୧୨ଟି ପୁସ୍ତକ ଲେଖି ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ସେଗୁଡ଼ିକ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଓଡ଼ିଶାର ମୁକ୍ତିପ୍ରଭା ପବ୍ଲିକେଶନ, ବେଙ୍ଗାଲୁରୁର ନୃତାନ ପବ୍ଲିକେଶନ ଏବଂ ଆମାଜନର କିଣ୍ଡଲ ଏଡିଶନ ଦ୍ୱାରା ପ୍ରକାଶିତ ହୋଇଛି। ଏହି ପୁସ୍ତକଗୁଡ଼ିକ ମଧ୍ୟରୁ ଓଡ଼ିଶୀ ନୃତ୍ୟ ପରିଚୟ, ଇନ୍ସ ଆଣ୍ଡ ଆଉଟ୍ ଅଫ୍ ଓଡ଼ିଶୀ ଡ୍ୟାନ୍ସ ଏବଂ ହିଷ୍ଟ୍ରି ଅଫ୍ ଓଡ଼ିଶୀ ଡ୍ୟାନ୍ସ ଆମାଜନର ବେଷ୍ଟ ସେଲର ଅଫ୍ ଦି ଇୟର ଭାବରେ ବହୁବାର ସ୍ଥାନିତ ହେବା ସହ ଭାରତ ଏବଂ ବିଶ୍ୱର ଅନେକ ବିଶ୍ୱବିଦ୍ୟାଳୟର ପାଠାଗାର ଏବଂ ସହାୟକ ପାଠ୍ୟକ୍ରମରେ ସାମିଲ ହେବା ଗୌରବର ବିଷୟ।

# ଡି.ଏମ୍.ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୧।୧ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ବାସୁଆଘାଇସ୍ଥିତ ଡି.ଏମ୍. ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଉର୍ଜା-୨୦୨୫' ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହର୍ଷି ମହାବିଦ୍ୟାଳୟ ଅଧ୍ୟାପିକା ଡ. ନମିତା ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ତଥା ଶୃଙ୍ଖଳା ଜ୍ଞାନ ଓ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସିବିଏସ୍‌ଇର ପ୍ରଶିକ୍ଷକ ଅଭିରାମ ସାହୁ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ କହିଥିଲେ। ବିଦ୍ୟାଳୟ ଚେୟାରପର୍ସନ ନୟନତାରା ଆଚାର୍ଯ୍ୟ ବିଦ୍ୟାଳୟ ସ୍ଥାପନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ ଓ ଉପାଧ୍ୟକ୍ଷା କୁମାରୀ ଇନ୍ଦୁମତୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




# ସଞ୍ଜୁ ଦେଓଗମଙ୍କୁ 'ଦମୟନ୍ତୀ ମେମୋରିଆଲ ସ୍କଲାରଶିପ୍'

## ଆଶାଏଁ ପକ୍ଷରୁ ୧୧ତମ 'ଶିଶୁ ଉତ୍ସବ'

ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)

ଜାତୀୟ ପଥପ୍ରାନ୍ତ ଶିଶୁ ଦିବସ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ରହୁଥିବା ପଥପ୍ରାନ୍ତ ଶିଶୁମାନଙ୍କୁ ନେଇ ୧୧ତମ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଆଶାଏଁ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ମନ୍ଦାକିନୀ କର, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ସାମାଜିକ କର୍ମୀ ବିଶ୍ୱଭୂଷଣ ଦେହୁରୀ, ବିପିନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଦିନେ ଯେଉଁମାନେ ଅବହେଳିତ ଥିଲେ ସେମାନେ ଏବେ ସାମାଜିକ ଦାୟିତ୍ୱ ବୁଝିବା ସହ ଅନ୍ୟକୁ ସାହାଯ୍ୟ କରିବାର ମନୋବୃତ୍ତି ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ପାଇଁ କାର୍ଟୁନ କାହାଣୀ, କାଗଜ କଳା, ପ୍ଲାଷ୍ଟିକ ମୁଖା, ମୃତ୍ତିକା କଳା ଆଦି ବିଭିନ୍ନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପରେ ବର୍ଜ୍ୟବସ୍ତୁର ସ୍ଥାୟୀ ପରିଚାଳନା ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିସହ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରକ୍ତଦାନ ଶିବିରରେ ଅନୁଷ୍ଠାନର ଯୁବ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଅପରାହ୍ନରେ ପିଲାମାନେ ଗପ କଥନ କାର୍ଯ୍ୟକ୍ରମରେ ସୁନ୍ଦର ସୁନ୍ଦର କାହାଣୀ ଉପସ୍ଥାପନା କରିଥିଲେ। ସନ୍ଧ୍ୟା ଉତ୍ସବରେ ଆଇପିଏସ୍ ସାଇନି ଏସ୍, ଶାଶ୍ୱତୀ ବଳ, ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରି ଆଶାଏଁର ପିଲାମାନଙ୍କ ଉଲ୍ଲେଖନୀୟ କୃତିତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରତିକୂଳ ପରିବେଶରେ ପାଠପଢା ଓ ବିଭିନ୍ନ କଳାକୃତିରେ ସୁନ୍ଦର କାମ କରୁଥିବା ସଞ୍ଜୁ ଦେଓଗମଙ୍କୁ 'ଦମୟନ୍ତୀ ମେମୋରିଆଲ ସ୍କଲାରଶିପ୍' ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର କରାଯାଇଥିଲା। ଅନୁଷ୍ଠାନର ବିକ୍ରମ ନାୟକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯାଇଥିଲା।



ପଥପ୍ରାନ୍ତ ଶିଶୁମାନଙ୍କୁ ପ୍ଲାଷ୍ଟିକ ମୁଖା ତିଆରି କଳା ଶିକ୍ଷା ଦିଆଯାଉଛି।

## ସଂକ୍ଷେପରେ

### ଦେଶୀମଦ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୩୧।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଗ୍ରାମ ଆଦିବାସୀ ସାହିର କାମଦେବ ନାୟକ ଦୀର୍ଘଦିନ ହେବ ଦେଶୀମଦ ବ୍ୟବସାୟ କରିଆସୁଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସନ୍ଧ୍ୟାରେ ଏଏସ୍ଆଇ ଭୁବନ ବେହେରା କର୍ମଚାରୀମାନଙ୍କ ସହ ପହଞ୍ଚି କାମଦେବଙ୍କଠାରୁ ୧୫ ଲିଟର ଦେଶୀମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଟାଙ୍ଗୀ,୩୧।୧ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଭୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୧୪୦ ଛାତ୍ରୀଛାତ୍ର, ୬୫ଜଣ ଅଭିଭାବକଙ୍କ ସମେତ ୧୨ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବୃନ୍ଦାବନ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସିଆର୍‌ସିସି ଦୁଃଶାସନ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ନିପୁଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ, ବଡ଼ପାରୀ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଛି। ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଈ ଧନ୍ୟବାଦ ଦେଇଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ଖୋର୍ଦ୍ଧା,୩୧।୧ (ପ୍ରଭାତ କୁମାର ପାଣିଗ୍ରାହୀ)



ନିରାକାରପୁର 'ଧରିତ୍ରୀ' ପ୍ରତିନିଧି ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ମା' ବସନ୍ତ ମଞ୍ଜରୀ ମହାନ୍ତିଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପୀ ଏବଂ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ମାନସ ମୁଖାଗ୍ନି ଦେଇଥିଲେ। ଅନୁରୂପଭାବେ ପୁଅ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ସୁକାନ୍ତଜିତ୍ ପଟ୍ଟନାୟକଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏମ୍‌ପିଙ୍କ ଖୋର୍ଦ୍ଧା ପ୍ରତିନିଧି ଦିଲୀପ ହୋତା, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସଞ୍ଜୟ ପଟ୍ଟନାୟକ, ସୁକାନ୍ତ ମଙ୍ଗରାଜ, ନିକୁଞ୍ଜ କିଶୋର ପଟ୍ଟନାୟକ, କେଳୁଚରଣ ଜଗଦେବ, ବିପିନ ଜୟସିଂହ, ଶୁଭମ୍ ଦାଶ, ପ୍ରଭାତ ପାଣିଗ୍ରାହୀ, ରବୀନ୍ଦ୍ର ରାଉତରାୟ, ମାଧବ ଚନ୍ଦ୍ର ପାଇକରାୟ, ସାଗର ବାରିକ, ଆଲୋକ ରଞ୍ଜନ ଛୋଟରାୟ, ଅମର ଜୟସିଂହ, ସନ୍ତୋଷ ଦଳେଇ, ସୁଧାଂଶୁ ଶେଖର ମହାନ୍ତି, ମୃତ୍ୟୁଞ୍ଜୟ ପ୍ରଧାନ, ଆଇନଜୀବୀ ନିରଞ୍ଜନ ଦାସ, ସଂଗ୍ରାମ କେଶରୀ ରାଉତରାୟ, ସତ୍ୟପୀର ଶ୍ରୀଚନ୍ଦନ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ରଞ୍ଜନ ସାହୁ, ସମୀର ଭୁଜବଳ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରକାଶ ହାତୀ, ଦିଲୀପ ପଟ୍ଟନାୟକ, ଶୁଭ୍ରାଂଶୁ ସାମନ୍ତରାୟ, ତପନ ନାୟକ, ଶୁଭ୍ରାଂଶୁ ଶେଖର ଦାସ, ରଞ୍ଜିତ ସାମନ୍ତରାୟ, ବିକାଶ ନାୟକ, ପଦ୍ମନାଭ ବିଶ୍ୱାଳ, ମନୋଜ ପଟ୍ଟନାୟକ ପ୍ରମୁଖ ବସନ୍ତ ମଞ୍ଜରୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

### କାର୍ ଧକ୍କାରେ ୨ ଆହତ

ବେଗୁନିଆ,୩୧।୧ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ବଜାରରେ ଥିବା ରିମ୍‌ଝିମ୍ ହୋଟେଲ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର୍ ଭାରସାମ୍ୟ ହରାଇ ସ୍କୁଟି ଚାଳକ ଏବଂ ପଥଚାରୀଙ୍କୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଫଳରେ ସ୍କୁଟି ଚାଳକ ଓ ପଥଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବେଗୁନିଆ ଥାନା ସବ୍‌ଇନ୍ସପେକ୍ଟର ଉମାକାନ୍ତ ବେହେରା ଏବଂ ରାଇଟର ଶ୍ରୀନିବାସ ବାରିକ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ କାର୍ ମାଲିକ ଓ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ଆହତମାନଙ୍କ ପରିଚୟ ମିଳିପାରିନାହିଁ।

# ପରିବେଶ ପ୍ରଦୂଷଣ କରୁଛି କ୍ରଶର ୟୁନିଟ୍

■ ଗଛଲତାରେ ଜମୁଛି ଧୂଳି ଆସ୍ତରଣ
■ ପ୍ରଶାସନ ପଦକ୍ଷେପ ନେବାକୁ ଦାବି

ଖୋର୍ଦ୍ଧା,୩୧।୧ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାରେ ଛତୁ ଫୁଟିବା ଭଳି କ୍ରଶର ଗଢ଼ିଉଠିଛି। ଦିନରାତି କ୍ରଶର ଚାଲିବା ଫଳରେ ବାୟୁ ପ୍ରଦୂଷଣ ବଢୁଛି। ଗଛଲତାରେ ଧୂଳି ଆସ୍ତରଣ ଜମୁଛି। ସରକାରୀସ୍ତରରେ ପ୍ରାୟ ଶହେଟି କ୍ରଶରକୁ ଅନୁମତି ଦିଆଯାଇଥିବା ବେଳେ ବେଆଇନ ଭାବେ ଶତାଧିକ କ୍ରଶର ଚାଲୁଥିବା ଜଣାପଡ଼ିଛି। ତେବେ କ୍ରଶର ଚଳାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ଜାରି କରାଯାଇଥିବା ବେଳେ ଏହାକୁ ଅଧିକାଂଶ କ୍ରଶର ମାଲିକ ଅଣଦେଖା କରୁଛନ୍ତି। କ୍ରଶରଜନିତ ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ରୁ ରାତି ୮ ୧୨ଘଣ୍ଟା କ୍ରଶର ବନ୍ଦ ରଖିବା ଲାଗି ସମସ୍ତ କ୍ରଶର ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନର ନିର୍ଦ୍ଦେଶକୁ ଫୁ କରି ଦେଇଛନ୍ତି କେତେଜଣ କ୍ରଶର ମାଲିକ। ଦିବରାତ୍ର କ୍ରଶର ଚାଲୁଥିବା ଦେଖିବାକୁ ମିଳିଛି। ତେବେ ଏମାନଙ୍କୁ କିଏ ପ୍ରଶ୍ରୟ ଦେଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କ୍ରଶର ୟୁନିଟ୍ ଉପରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି।

ଖୋର୍ଦ୍ଧା ଜିଲାରେ ଶହ ଶହ ଏକର ଜଗନ୍ନାଥ ଜମି, ପଥର ଖଣିରୁ ହରିଲୁଟ୍ ହେଉଛି। ଏଠାରୁ ବିଭିନ୍ନ ସ୍ଥାନକୁ ପଥର ଚାଲାଣ ହେଉଛି। ଏକାଧିକ ଖଣିକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ବ୍ଲାଷ୍ଟିଂ ପାଇଁ ମଧ୍ୟ ଅନୁମତି ଦିଆଯାଇନାହିଁ। ତଥାପି ବେଧଡ଼କ ଚାଲିଛି ପଥର ଚାଲାଣ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୱାଇ ଫର୍ମ ଦିଆଯାଇ ନ ଥିବା ବେଳେ ନକଲି ଫର୍ମ ଏବଂ ପ୍ରଶାସନିକ ଅଧିକାରୀଙ୍କ ଜାଲ୍ ଦସ୍ତଖତ କରି ଦିବାରାତ୍ର ପଥର ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ନିକଟରେ ପ୍ରଶାସନ ଏବଂ ପୋଲିସର ଚଢ଼ାଉ ବେଳେ କେତେକ ପଥର ଗାଡ଼ି ଦେଖାଇଥିବା ୱାଇ ଫର୍ମ ନକଲି ଏବଂ ପ୍ରଶାସନ ଅନୁମତିପତ୍ରରେ ଜାଲ୍ ଦସ୍ତଖତ ଧରାପଡ଼ିଥିବା ଜଣେ ରାଜସ୍ୱ ଅଧିକାରୀ କହିଛନ୍ତି। ନିର୍ଦ୍ଦେଶ ନ ଥିବା ସତ୍ତ୍ୱେ ଦିବାରାତ୍ର ପଥର ବ୍ଲାଷ୍ଟିଂ ଚାଲିଥିବା ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକରେ ୧୫୨ କ୍ରଶର ୟୁନିଟ୍‌ରୁ ୫୭ ସଂସ୍ଥାକୁ ବାଦ୍ ଦେଲେ ଅନ୍ୟ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ତେବେ ଜିଲା ପ୍ରଶାସନର ଅବହେଳାରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ନିଜିଗଡ଼ ତାପଙ୍ଗ ପଞ୍ଚାୟତ ଅଞ୍ଚଳରେ ବେଆଇନଭାବେ ପଥର ଖଣି ଖନନ ସହ ଚାଲାଣ ହେଉଛି। ପଥର ଖଣି ସହିତ ମହାପ୍ରଭୁ ଜଗନ୍ନାଥଙ୍କ ଜମି ଉପରେ ମଧ୍ୟ ମାଫିଆଙ୍କ ରହିଛି ଲୋଲୁପଦୃଷ୍ଟି। ଜାତୀୟ ରାଜପଥରେ ପଥର ଚୋରାଚାଲାଣ ଚାଲିଥିବା ନେଇ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ତେବେ ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, କ୍ରଶର ମାଲିକମାନେ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ଦିନରେ ଚଢ଼ାଉ ଜୋର୍‌ଦାର କରାଯିବ। ଚଢ଼ାଉ ସମୟରେ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା



ବାଲୁଗାଁ,୩୧।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ବାଲୁଗାଁ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍‌କ୍ରସ ତଥା ରେଡ୍ ରିବନ କ୍ଲବ ଏବଂ ରେଞ୍ଜର୍ସ ଶାଖା ପକ୍ଷରୁ ମିଳିତ ଭାବେ ସଡ଼କ ସୁରକ୍ଷା ସଚେତନତା ସଭା ହୋଇଥିଲା। ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଏବଂ ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନିୟମ, ଶୃଙ୍ଖଳା, ନୈତିକତା, ହେଲ୍‌ମେଟ୍‌ର ବ୍ୟବହାର, ବିପଜ୍ଜନକ ପରିସ୍ଥିତିର ମୁକାବିଲା, ଯୁବପିଢ଼ିର ଭୂମିକା ସମେତ ମଦ୍ୟପାନର କୁପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରିନା ରାଉତ, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବି ଚରଣ ପରିଡ଼ା, ଅଧ୍ୟାପକ ଚନ୍ଦନ ନାୟକ ଏବଂ ଅଧ୍ୟାପିକା ସ୍ନିଗ୍ଧାରାଣୀ ମୁଦୁଲିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସମ୍ପର୍କିତ ନାରା ଦେଇ ଅଞ୍ଚଳ ପରିକ୍ରମା କରିବା ସହ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସାମିଲ ଥିଲେ।

# 'ଅବକ୍ଷୟମୁଖୀ ସମାଜରୁ ବୃଦ୍ଧାଶ୍ରମ ସୃଷ୍ଟି'



ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୩୧।୧ (ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ନବନିର୍ମିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ବୈଠକ(ସଙ୍ଗତ ଓ ପଙ୍ଗତ) ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଦିବଂଗତ ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜରେ ପାରିବାରିକ ମୂଲ୍ୟବୋଧ ଅବକ୍ଷୟ ଯୋଗୁ ବୃଦ୍ଧାଶ୍ରମ ନିର୍ମାଣ ହେଉଛି ବୋଲି ବୈଠକରେ ମତପ୍ରକାଶ ପାଇବା ସହ କ୍ଷୋଭ ପ୍ରକାଶ ପାଇଛି। ଗତ ୪ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ଚାଲିଥିବା ମାତାପିତାଙ୍କୁ ସମ୍ମାନ, ସେବାଯତ୍ନ ନେଉଥିବା ପରିବାରକୁ 'ଆଦର୍ଶ ପରିବାର ସମ୍ମାନ', ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମାଦକ ଦ୍ରବ୍ୟମୁକ୍ତ ପରିବାର ଗଠନ, ଓଡ଼ିଆ ଭାଷାର ପ୍ରସାର, ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡିଜେ ଉପରେ ଅଙ୍କୁଶ ତଥା ସଚେତନତା କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ, ସମସ୍ତ ସଦସ୍ୟଙ୍କ ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ସଦସ୍ୟା ସଦସ୍ୟଙ୍କ ଜନ୍ମଦିନ ପାଳନ, ଉତ୍ସାହିତ ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ବିଶ୍ୱସନୀୟତା ତଥା ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ପ୍ରତ୍ୟେକ ସଦସ୍ୟଙ୍କ ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବୋଲି ଅନୁଷ୍ଠାନର ସମ୍ପାଦକ ରାମଶଙ୍କର କହିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପରିବାରରେ ସ୍ନେହ, ଶ୍ରଦ୍ଧା ଓ ସମସ୍ତଙ୍କ ପ୍ରତି ଭଲପାଇବା ପୂର୍ବକ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି। ଉପଦେଷ୍ଟା ବିଧାନ ଚନ୍ଦ୍ର ମହାନ୍ତି, ଉପସଭାପତି ବିପ୍ରଚରଣ ବେହୁରା, ସଦସ୍ୟ ଗଦାଧର ଗୋଛି ଓ କୃଷ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଦଧିବାବନ ଦେବଙ୍କ ଜନ୍ମୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୩୧।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖରିଆ ପଞ୍ଚାୟତ ଅଞ୍ଚଳରେ ଥିବା ଦଧିବାବନ ଦେବଙ୍କ ତୃତୀୟ ବାର୍ଷିକ ଜନ୍ମ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଗତ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସୁସଜ୍ଜିତ ଶଗଡ଼ରେ ପୁରୀ ଜିଲା ଶିରୁଳି ମହାବୀରଙ୍କ ପୀଠରୁ ଜ୍ୟୋତି ଏବଂ ଗଦା ଅଣାଯାଇଛି। ସେହିପରି ଗ୍ରାମର ମାନସିକଧାରୀ ମନ୍ଦାକିନୀ ନଦୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଉକ୍ତ ମହୋତ୍ସବ ନିମନ୍ତେ ବଡ଼ପୋଖରିଆର ପତିତପାବନ ଦେବ, ବାଲୁଙ୍କେଶ୍ୱର ଦେବ, ତାରେଶ୍ୱର ଦେବ, ଗୋପୀନାଥପୁରର ଉତ୍ତରେଶ୍ୱର ଦେବ, ବୋଡ଼ଙ୍ଗରା ପାଟଣାର ଲୋକନାଥ ଦେବ, କଣ୍ଠପୁର ପାଟଣାର ବୃନ୍ଦାବନଚନ୍ଦ୍ର ଦେବ, କମାଗୁରୁର ବାଙ୍କନିଧି ଦେବ, ବଘେଇପୁଟର ଅନନ୍ତେଶ୍ୱର ଦେବ, ଖଜୁରିପଡ଼ାର ଚନ୍ଦ୍ରଶେଖର ଦେବ, ପାଣ୍ଡପାଟଣାର କପିଳେଶ୍ୱର ଦେବ, ତେନ୍ତୁଳିଆପଡ଼ାର ସ୍ୱପ୍ନେଶ୍ୱର ଦେବଙ୍କୁ ନିମନ୍ତ୍ରଣ କରାଯାଇଛି। ଆସନ୍ତା ୪ ତାରିଖରେ ଶ୍ରୀଜୀଉଙ୍କ ହରିହର ଭେଟ ସହ ପୂର୍ଣ୍ଣାହୁତି ହେବ।

# ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଲୁଗାଁ,୩୧।୧ (ସଂଗ୍ରାମ ପାଇକରାୟ)

ଚିଲିକା ତାଲୁକ୍ ଆଇନସେବା ସମିତି ଆନୁକୂଲ୍ୟର ଶୁକ୍ରବାର ସ୍ଥାନୀୟ ଶିଙ୍ଗେଶ୍ୱର ପଞ୍ଚାୟତ ସଭାଗୃହରେ କିନ୍ନରମାନଙ୍କ ଉଦ୍ଦେଶ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନସେବା ସମିତିର ଅଧ୍ୟକ୍ଷ ତଥା ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଯୁଧିଷ୍ଠିର ଦଳେଇ କିନ୍ନରମାନଙ୍କ ପାଇଁ ପ୍ରଣିତ ଆଇନ ବିଷୟରେ ଆଲୋକପାତ କରିଥିଲେ। ଚିଲିକା ତାଲୁକ୍ ଆଇନସେବା ସମିତିର ସଭ୍ୟ ତଥା ଚିଲିକା ଓକିଲ ସଂଘର ପୂର୍ବତନ ସମ୍ପାଦକ ଦେବାଶିଷ ରଥ ଏବଂ ବରିଷ୍ଠ ଆଇନଜୀବୀ ଚିତ୍ରସେନ ସାହୁ, ଭାସ୍କର ଘଡ଼ାଇ, ଅଶୋକ କୁମାର ଜେନା ପ୍ରମୁଖ କିନ୍ନରମାନଙ୍କ ଉଦ୍ଦେଶ୍ୟରେ ଆଇନ ସୁରକ୍ଷା, ମୌଳିକ ଅଧିକାର, ଥଇଥାନ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପରିପ୍ରେକ୍ଷୀରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଓକିଲ ସଂଘର ଅନ୍ୟାନ୍ୟ ଆଇନଜୀବୀ ସୁକାନ୍ତ କୁମାର ପ୍ରଧାନ, କିଶୋର ବେହେରା, ମନୋରଞ୍ଜନ ପରିଡ଼ାଙ୍କ ସମେତ ବିବେକାନନ୍ଦ ପଣ୍ଡା ଉପସ୍ଥିତ ଥିଲେ। କିନ୍ନର ସଂଘ ସଭାପତି ଜ୍ୟୋତି ଏବଂ ସମ୍ପାଦକ ପୁନମ୍‌ଙ୍କ ସମେତ ବହୁ କିନ୍ନର ଯୋଗଦେଇ ସେମାନଙ୍କ ପାଇଁ ପ୍ରଣିତ ଆଇନ ସହାୟତା ବିଷୟରେ ଅବଗତ ହୋଇଥିଲେ।

# ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ

ବାଘମାରୀ,୩୧।୧ (ମିହିର ରଞ୍ଜନ ମହାପାତ୍ର)



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପୋଡ଼ାଡ଼ିହ ପଞ୍ଚାୟତ ଅଧୀନ ଭାରତୀୟ ବିଦ୍ୟାନିକେତନର ସପ୍ତଦଶତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପର୍ଶୁରାମ ମିଶ୍ର ଶର୍ମା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବିଶିଷ୍ଟ ଅତିଥି ଉପନିବନ୍ଧକ ଅମିତ୍ ସେଠୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମାଣିକ ପ୍ରମୁଖ ଯୋଗଦେଇ ଶିକ୍ଷା ଏବଂ ବିଦ୍ୟାଳୟର ବିକାଶ ପାଇଁ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଶୁଭକାନ୍ତ ମହାପାତ୍ର ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଧାକର ସେଠୀ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକ, ଗୁରୁମା' ଜ୍ୟୋତ୍ସ୍ନାମୟୀ ଜେନା, ଗୀତାଞ୍ଜଳି ପ୍ରଧାନ, ଭାରତୀ ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ। ଭାରତୀୟ ବିଦ୍ୟାନିକେତନର ମୁଖପତ୍ର 'ପ୍ରଶସ୍ତିକା' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗୁରୁମା' ସୁକାନ୍ତି ନାୟକ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାବିତ୍ ସର୍ବେଶ୍ୱରଙ୍କ ସ୍ମୃତିଚାରଣ

ଟାଙ୍ଗୀ,୩୧।୧ (ରଘୁନାଥ ସାହୁ)

ଟାଙ୍ଗୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଶିକ୍ଷାବିତ୍ ସର୍ବେଶ୍ୱର ସୁନ୍ଦରାୟଙ୍କ ସପ୍ତମ ଶ୍ରାଦ୍ଧଦିବସ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସର୍ବେଶ୍ୱରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ଗୋପାଳ କିଶୋର ସେଣ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତି ପ୍ରସନ୍ନ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ଲକ୍ଷ୍ମଣ ଶ୍ରୀଚନ୍ଦନ, ବିଜୟ ରାଉତ, ରାଜ କିଶୋର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ଶିକ୍ଷକ ସୁବାସ ଚନ୍ଦ୍ର ଜେନା, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଶାନ୍ତି ପ୍ରତିଷ୍ଠା ପାଇଁ ଅନ୍ତର୍ଜାତୀୟସ୍ତରରେ ସମ୍ପର୍କ ଜରୁରୀ




ବେଗୁନିଆ,୩୧।୧ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଭାଗର ଯୁକ୍ତ ୩ ଏବଂ ଯୁକ୍ତ ୨ର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ପାଠଚକ୍ରକୁ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ବିଧୁଭୂଷଣ ରାଉତ ଏବଂ ଅଧ୍ୟାପିକା ସୁଶ୍ରୀ ସ୍ମୃତିମୟୀ ବସନ୍ତିଆ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଶ୍ୱ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆନ୍ତର୍ଜାତିକ ରାଜନୀତି ଏବଂ ଆନ୍ତର୍ଜାତିକ ସମ୍ପର୍କକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ବିଭାଗୀୟ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ କହିଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ରୋନାଲିସା ପାତ୍ର, ଦାମୋଦର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। 'ବିଶ୍ୱ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆନ୍ତର୍ଜାତିକ ରାଜନୀତି ଏବଂ ଆନ୍ତର୍ଜାତିକ ସମ୍ପର୍କର ଗୁରୁତ୍ୱ' ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ଛାତ୍ରୀ ପ୍ରୀତିମୟୀ ଦାସ, ଛାତ୍ର ରଶ୍ମିରଞ୍ଜନ ପଣ୍ଡା, ଆଲୋକ କୁମାର ବେହେରା ଏବଂ ଜଗନ୍ନାଥ ସାହୁ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଛାତ୍ର ଅଭିଷେକ ଦାଶ ଧନ୍ୟବାଦ ଦେଇଥିଲେ।

## ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ

# ରାଇଜିଂଷ୍ଟାର କ୍ଲବ ବିଜୟୀ

ଖୋର୍ଦ୍ଧା,୩୧।୧ (ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ଦିବସ ମ୍ୟାଚରେ ରାଇଜିଂଷ୍ଟାର କ୍ଲବ ବିଜୟୀ ହୋଇଛି। ଶୁକ୍ରବାର ରାଇଜିଂଷ୍ଟାର ଏବଂ ଇଗଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଇଗଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୪.୧ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଯଶବନ୍ତ ପ୍ରଧାନ ୨୯ରନ କରିଥିଲେ। ରାଇଜିଂଷ୍ଟାର କ୍ଲବର ପୀୟୂଷ ଦାସ ୪ଟି ଏବଂ ରାହୁଲ ସାମନ୍ତରାୟ ୩ଟି ଉଇକେଟ ନେଇଥିଲେ। ଜବାବରେ ରାଇଜିଂଷ୍ଟାର କ୍ଲବ ୨୫.୩ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୭୮ ଏବଂ ଅନ୍ୱବ ୩୪ ରନ ସଂଗ୍ରହ କରିଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ ସରୋଜ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ଶନିବାର ଖୋର୍ଦ୍ଧା କ୍ରିକେଟ କ୍ଲବ ଏବଂ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।



## କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଏଏଫ୍‌ସି କେରଙ୍ଗ ଚାମ୍ପିୟନ

ବୋଲଗଡ଼,୩୧।୧ (ଦେବବ୍ରତ ହୋତା)




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହାଟବସ୍ତଠାରେ ମା' ଯୋଗମାୟା କ୍ଲବ ପକ୍ଷରୁ ଚାଲିଥିବା ଦ୍ୱାଦଶ କାଳିଆ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଏଏଫ୍‌ସି କେରଙ୍ଗ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ ପାଇକତିଗିରିଆର ଏଜେ କ୍ଲବ ଏବଂ ଏଏଫ୍‌ସି କେରଙ୍ଗ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୩-୧ ଗୋଲରେ ଏଏଫ୍‌ସି କେରଙ୍ଗ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏମ୍.ଏସ୍. ବାଗ୍, ଲକ୍ଷ୍ମୀଧର ଚୌଧୁରୀ, ବୈକୁଣ୍ଠ ସାହୁ ଏବଂ ବି.ବି. ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଅତିଥିଭାବେ ବିଜେଡି ନେତା ବଂଶୀଧର ସାହୁ, ବିଶ୍ୱରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୮ ହଜାର ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତାପ ବଳିଆରସିଂହ, ପ୍ରଦୀପ ଦଳାଇ, ପ୍ରମୋଦ ବେହେରା, ଗଗନ ଚମ୍ପତି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ମଞ୍ଜେଶ୍ୱର

ବୋଲଗଡ଼/ କଳାପଥର,୩୧।୧ (ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ କୋଦୁଅବେରେଣି ଖେଳପଡ଼ିଆରେ ଚାଲିଥିବା ତ୍ରୟୋଦଶ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭାଲିଆବାଡ଼ି ଏବଂ ମଞ୍ଜେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ମଞ୍ଜେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡି ଟିମ୍ ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିନୟ ପାଇକରାୟ ଏବଂ ମନୋଜ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ରାକେଶ ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### କଟକରେ ପ୍ରଥମ ଏଟିଏସ୍ ବ୍ୟବସ୍ଥା ଆରମ୍ଭ

ତ୍ରିଶୂଳିଆ,୩୧।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ନରାଜ ଅରିଲୋସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋଟର ଯାନ ଫିଟନେସ୍ ପରୀକ୍ଷା ପାଇଁ ଏଟିଏସ୍ (ଅଟୋମେଟେଡ୍ ଟେଷ୍ଟିଙ୍ଗ ସିଷ୍ଟମ) ବ୍ୟବସ୍ଥା ପ୍ରଥମ କରି କଟକ ଜିଲାରେ ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨୧ଟି ଜିଲାରେ ଏହି ଏଟିଏସ୍ ବ୍ୟବସ୍ଥା ପ୍ରଚଳନ ଖୁବ୍ଶୀଘ୍ର କରାଯିବ ବୋଲି ଡେପୁଟି କମିଶନର ତଥା କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ କହିଛନ୍ତି। ଏହି ଏଟିଏସ୍ ପରୀକ୍ଷା ଦ୍ୱାରା ମୋଟର ଯାନଗୁଡ଼ିକର ଫିଟନେସ୍‌କୁ ଯାଞ୍ଚ କରିବା ପାଇଁ କମ୍ ସମୟ ଲାଗିବ ଏବଂ ଏଥିରେ ଅଧିକ ସ୍ୱଚ୍ଛତା ରହିବ ବୋଲି ଏମ୍‌ଭିଆଇ ବିଶ୍ୱଜିତ୍ ଦାଶ କହିଛନ୍ତି।

### ମହାକୁମ୍ଭ ମେଳାର ସାଂସ୍କୃତିକ ବିଶ୍ଳେଷଣ, ତାତ୍ପର୍ଯ୍ୟକୁ ନେଇ ଆଲୋଚନା

ବାଙ୍କୀ,୩୧।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ 'ମହାକୁମ୍ଭ ମେଳା ଏକ ସାଂସ୍କୃତିକ ବିଶ୍ଳେଷଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ ମିଶ୍ର ସଭାପତିତ୍ୱକରି ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ମେଳା ଭାରତର ଐତିହ୍ୟ ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ମେଳା ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନକରି ଭାରତୀୟ ସଂସ୍କୃତିରେ କାହିଁ ପ୍ରାଚୀନ ଯୁଗରୁ କୁମ୍ଭମେଳା ଆରମ୍ଭ ହୋଇଛି। ଚଳିତ ବର୍ଷର କୁମ୍ଭମେଳା ୧୪୪ବର୍ଷ ପରେ ଏପରି ସଂଯୋଗକୁ ମହାକୁମ୍ଭମେଳା ବୋଲି କୁହାଯାଏ କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଅଭିମନ୍ୟୁ ରଣା ଯୋଗଦେଇ ମହାକୁମ୍ଭମେଳାର ସମସ୍ତ ସାଂସ୍କୃତିକ ଦିଗ, ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ଇତିହାସର ବହୁ ଉଦାହରଣ ସହ ବୁଝାଇଥିଲେ।

### ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲାରେ ସନାତନଙ୍କୁ ୧୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୩୧।୧(ସୂର୍ଯ୍ୟକାନ୍ତ ବେହେରା): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତିରେ ଉଦ୍ଦେଶ୍ୟ ନ ଥାଇ ହତ୍ୟା ମାମଲାର ରାୟ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ବନ୍ଦନା କର ଅଭିଯୁକ୍ତ ସନାତନ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ହୋଇଛି। ୧୨ ଜଣ ସାକ୍ଷୀ ଓ ୧୪ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁନ ୧୧ରେ ମଣ୍ଡପ ବସ୍ତିର ରାହାସ ବେହେରା ଓ ସନାତନ ମୁଣ୍ଡା ମିଳିମିଶି ମଦ୍ୟପାନ କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସନାତନ ଏକ କାଠ ଫାଳିଆରେ ରାହାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ରାହାସଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାହାସଙ୍କ ସ୍ତ୍ରୀ ଗୌରୀଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

# ଏକତା, ଶୃଙ୍ଖଳାର ପ୍ରତୀକ 'ପତାକା ଅବତରଣ ଉତ୍ସବ'



ପତାକା ଅବତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ। ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ଏକତା ଏବଂ ଶୃଙ୍ଖଳାର ପ୍ରତୀକ ହେଉଛି ପତାକା ଅବତରଣ ଉତ୍ସବ। ପ୍ରତିବର୍ଷ ଆଜିର ତାରିଖରେ ଓଡିଶା ପୋଲିସ ପକ୍ଷରୁ ପତାକା ଅବତରଣ ଉତ୍ସବ ପାଳିତ ହେଉଥିବାବେଳେ ଭାରତର ସଶସ୍ତ୍ର ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାକୁ ଏହା ପ୍ରଦର୍ଶିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପଡ଼ିଆଠାରେ ଆୟୋଜିତ ପତାକା ଅବତରଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ପୋଲିସ ବାହିନୀର ସମନ୍ୱୟ ଓ ଶୃଙ୍ଖଳାର ଏହା ଏକ ଅନନ୍ୟ ପ୍ରତୀକ। ଭାରତୀୟ ସୈନିକ, ରାଜ୍ୟ ପୋଲିସ ବାହିନୀଙ୍କ ସାହସ ଓ ବଳିଦାନକୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ପୋଲିସର ବିଭିନ୍ନ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ଦଳଗୁଡିକ ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ଚିତ୍ତାକର୍ଷକ ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରିଥିଲେ। ଜାତୀୟ ସଙ୍ଗୀତ, ଏଇ ଦେଶ ଏଇ ମାଟି, ଆର୍ଯ୍ୟ ଭୂମି, ସାରେ ଯା ହାଁସେ ଅଚ୍ଛା, ବନ୍ଦେ ମା'ତରମ୍, କଦମ୍ କଦମ୍, ଓଡିଶା ପୋଲିସର ଥିମ୍ ସଙ୍ଗୀତ, ପ୍ରଳୟ ବାଦ୍ୟ ଏବଂ ଓଡିଶା ମୋ ଓଡିଶା ଭଳି ସଙ୍ଗୀତରେ ବ୍ୟାଣ୍ଡ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୩୧।୧(କାର୍ତ୍ତିକ ସାହୁ)

କଟକ ସିଡିଏସ୍ଥିତ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ୪୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଯୋଗଦେଇ ଜୀବନରେ ଯାହା କରୁଛ ଠିକ କର, ଯାହା କହୁଛ ଠିକ୍ କୁହ ବୋଲି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଓ ପଟ୍ଟଚିତ୍ରକର ନକୁଳ ଚନ୍ଦ୍ର ମହାରଣା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିବାବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରହ୍ଲାଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭାଜପାରେ ସୁବର୍ଣ୍ଣପୁର ନାଏବ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ



ବିଜେଡି ଛାଡ଼ି ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟା ସଭ୍ୟ ଭାଜପାରେ ଯୋଗ ଦେଉଛନ୍ତି।

ବାଙ୍କୀ , ୩୧।୧ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତର ଅସନ୍ତୁଷ୍ଟ ବିଜେଡି ସମର୍ଥିତ ନାଏବ ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଓ ଆଗଧାଡିର କର୍ମୀମାନେ ବିଜେଡି ଛାଡ଼ି ଭାଜପାରେ ଶୁକ୍ରବାର ଯୋଗଦେଇଛନ୍ତି। ସେମାନଙ୍କ କହିବା କଥା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲକ୍ଷ୍ୟକରି ବାଙ୍କୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ଭରସା କରିଛନ୍ତି। ସୁବର୍ଣ୍ଣପୁର ବୁଥ୍ ସଭାପତି ଜୟଦେବ ବେହେରା ଓ ବୁଥ୍ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ନାଏବ ସରପଞ୍ଚ ସୌଦାମିନୀ ବେହେରା, ସୁବନୀ ଦେଈ, ପୁଷ୍ପଲତା ବେହେରା, ପ୍ରତିମା ଦଳେଇ, ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ଉପସଭାପତି ଗନ୍ଧର୍ବ ଦଳେଇ, ବିଜେଡିର ପଞ୍ଚାୟତ ପ୍ରମୁଖ କାର୍ଯ୍ୟକର୍ତ୍ତା ବସନ୍ତ ନାଏକ, ଜଳଧର ନାଏକ, ଲିଙ୍ଗୁନା ନାଏକଙ୍କ ସମେତ ବହୁ କର୍ମୀ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ସୁଧାଂଶୁ କୁମାର ସାହୁ, ଦୀପକ ବେହେରା, ଗୌତମ ବେହେରା ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ। ଭାଜପା ନେତା ଚକ୍ରବର୍ତ୍ତୀ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସେମାନଙ୍କୁ ସ୍ୱାଗତ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ପ୍ରତୀକ୍ଷା ଗୃହ ନିର୍ମାଣ ଦାବି

କଟକ ସଦର,୩୧।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାଠାରେ ବିଧାୟକଙ୍କ ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ୧୫୭ଟି ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତଃ ୫ ନମ୍ବର ଜୋନ୍‌ର ସରପଞ୍ଚମାନେ ଏକ ଦାବିପତ୍ର ପ୍ରଦାନକରି କନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ ପ୍ରତୀକ୍ଷା ଗୃହ ନିର୍ମାଣ ପାଇଁ ଦାବି କରିଥିଲେ। ଆୟଉପୁର ସରପଞ୍ଚ ରାକେଶ ବେହେରାଙ୍କ ନେତୃତ୍ୱରେ ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ଫକୀରପଡ଼ା ଗ୍ରାମର ମିଳି ସେଠୀ ଏହି ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ଫକୀରପଡ଼ା ଗ୍ରାମର ଦିବ୍ୟାଙ୍ଗ ପଞ୍ଚେଇ ବେହେରା ସମ୍ପୂର୍ଣ୍ଣ ଅଚଳ ଥିଲେ ସୁଦ୍ଧା ତାଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଦିଆଯାଇନାହିଁ ବୋଲି ସେ ଲିଖିତ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ବିଧାୟକ କଟକ ଚାଲିଯିବାରୁ ଏହି ଶିବିରକୁ ବିଡିଓ ପ୍ରତୀକ ସାହୁ ପରିଚାଳନା କରିଥିଲେ। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ଡ. ଶୁଭାଶିଷ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଯୋଗଦେଇଥିଲେ। ଧୀରେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସୁରେଶ ଜେନା, ଅଭୟ ସ୍ୱାଇଁ, ହୃଷୀକେଶ ଜେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବାଆଁରା ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ପୁରସ୍କାର ବିତରଣ



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଙ୍କୀ,୩୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠରେ ୧୯ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ବାଆଁରା ସରପଞ୍ଚ ରମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନକରି ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ପ୍ରତାପ କୁମାର ସିଂ, ପ୍ରକାଶ କୁମାର ରାଉତ, ଗୋକୁଳାନନ୍ଦ ରାଉତ, ନାଏବ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ପୂର୍ବତନ ଶିକ୍ଷକ ଭାସ୍କର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମିନତି ପଢ଼ିହାରୀ ଓ ଟିଙ୍କିନା ରାଉତ ପ୍ରମୁଖ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଚଳିତବର୍ଷ ବାଳକ ବିଭାଗରେ ଦିବ୍ୟଜ୍ୟୋତି ସାହୁ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ପ୍ରିୟଙ୍କା ଜେନା ଓ ବିପାସା ପ୍ରିୟଦର୍ଶିନୀ ଯୁଗ୍ମ ଚାମ୍ପିୟନ ହୋଇଥିଲେ। ଓମ୍ ପ୍ରକାଶ ସାହୁ ଶ୍ରେଷ୍ଠ ଛାତ୍ର ଭାବେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଏନ୍‌ଏଲ୍‌ୟୁ ପକ୍ଷରୁ କର୍ମଶାଳା

କଟକ,୩୧।୧(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ) ପକ୍ଷରୁ ତମାଖୁ ନିୟନ୍ତ୍ରଣ ଆଇନ ଉପରେ ଦିନିକିଆ ତାଲିମ କର୍ମଶାଳା ଭୁବନେଶ୍ୱରର ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ତମାଖୁ ନିୟନ୍ତ୍ରଣ ଆଇନ କାର୍ଯ୍ୟକାରୀ କରିବାରେ ଆଇନ ପ୍ରବର୍ତ୍ତନକାରୀଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ପୋଲିସ ଅଧିକାରୀ, ଆଇନ ବିଶେଷଜ୍ଞ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ସାମିଲ ହୋଇଥିଲେ। ତମାଖୁ ବ୍ୟବହାର ରୋକିବା ଏବଂ ତମାଖୁ ନିୟନ୍ତ୍ରଣ ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରିବାରେ ଆଇନ ପ୍ରବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ରଭାବଶାଳୀ ପ୍ରବର୍ତ୍ତନ ପାଇଁ ରଣନୀତି, ତମାଖୁ ନିୟନ୍ତ୍ରଣ ସମ୍ବନ୍ଧୀୟ ଆଇନଗତ ଢାଞ୍ଚା ଏବଂ ତମାଖୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାରେ ତମାଖୁ ସେବନ ବିରୋଧ ଲଢ଼େଇରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକର ସହଯୋଗ ପ୍ରୟାସକୁ ମଜବୁତ କରିବା, ଜନସାଧାରଣଙ୍କ ପାଇଁ ଏକ ତମାଖୁମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ଏହି କର୍ମଶାଳାର ଲକ୍ଷ୍ୟ ରହିଛି।

## ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର

### ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟିଗିରିଆ, ୩୧।୧( ଜାଫର ଖାଁ)

ଟିଗିରିଆ ବ୍ଲକ୍ ପାଞ୍ଚଗାଁ ପଞ୍ଚାୟତ ନୂଆସଡ଼କସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର ବୋଲି ଉପସ୍ଥିତ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କୁ ଅତିଥି ଉପଦେଶ ଦେଇଥିଲେ। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଜିଲା ମଙ୍ଗଳ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଥିବା କହିବା ସହ ପୋପରା ଆଶ୍ରମ ବିଦ୍ୟାଳୟର ନବକଳେବର ପାଇଁ ୧ କୋଟି ୫୯ ଲକ୍ଷ ୫୦ ହାଜର ଟଙ୍କାର ଅନୁଦାନ ଆସିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଟିଗିରିଆ ବିଇଓ ସିଂଘଓ ହାଁସଦା, ଟିଗିରିଆ ଏବିଇଓ ସଂଯୁକ୍ତା ଚୌଧୁରୀ ଯୋଗଦେଇ ପାଠପଢ଼ା ହେଉ କି ଖେଳକୁଦ ଛାତ୍ରୀଛାତ୍ର ଏକାଗ୍ରତାର ସହ କଲେ ସଫଳତା ଅବଶ୍ୟ ମିଳିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ଦେବୀ, ଆଠଗଡ଼ ବ୍ଲକ୍ ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା, ଟିଗିରିଆ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା, ନାରାୟଣ ପ୍ରସାଦ ଦାଶ, ରମେଶ ଚନ୍ଦ୍ର ସାହୁ, ରଘୁନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଚୈତନ୍ୟ ସାହୁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଟିଗିରିଆ, ୩୧।୧( ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ କ୍ରୀଡ଼ା ଅଧ୍ୟାପକ ଶୁଭେନ୍ଦୁ କୁମାର ସାହୁ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ ମିଶ୍ର ଯୋଗଦେଇଥିଲେ। ଦେବରାଜ ପଣ୍ଡା, ସୁରେଶ ପଣ୍ଡା, ସୁଧାକର ମୁଦୁଲି, ବିନାୟକ ପଣ୍ଡା, ସରୋଜ ପାଣିଗ୍ରାହୀ, ପ୍ରକାଶ ତୋଷ, ଜଗତ ପାଣିଗ୍ରାହୀ ଓ ଅଧ୍ୟାପିକା ସିପ୍ରା ମହାପାତ୍ର, ବିଦ୍ୟୁଲତା ବାରିକ, ଅନୁପମା ମହାନ୍ତି, ହୃଦାନନ୍ଦ ରାଉତ, ମିଳନ ସାହୁ, ସରୋଜ ଧଳ, ଅରବିନ୍ଦ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

## ସେମିରେ ପାଞ୍ଚଗାଁ କ୍ରିକେଟ କ୍ଲବ୍

### ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ

ଟିଗିରିଆ,୩୧।୧(ଜାଫର ଖାଁ)

ଟିଗିରିଆ ବ୍ଲକ୍ ବିନ୍ଧାଣିମା ଗ୍ରାମ ଖେଳ ପଡ଼ିଆରେ ଆର୍‌ଏସିଏ କ୍ରିକେଟ କ୍ଲବ ବିନ୍ଧାଣିମା ଆନୁକୂଲ୍ୟରେ ଚାଲିଥିବା ୩ୟ ସଞ୍ଜୀବ ପଟ୍ଟନାୟକ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ ଆଠଗଡ଼ର ଏମ୍‌ସିସି କ୍ରିକେଟ କ୍ଲବ୍‌କୁ ୪ ଉଇକେଟରେ ପରାସ୍ତକରି ପାଞ୍ଚଗାଁ କ୍ରିକେଟ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଆଠଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୩୬୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲିପୁ ବରାଳ ୫୩ଟି ବଲରୁ ସର୍ବାଧିକ ୧୭୪ ରନ, ନରେଶ ସାହୁ ୨୬ ବଲରୁ ୭୫ ରନ ସଂଗ୍ରହ କରିଥିଲେ। ପାଞ୍ଚଗାଁ ଦଳ ପକ୍ଷରୁ ବୋଲିଂରେ ଜେଡି ରାଉତ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାଞ୍ଚଗାଁ ଦଳ ମାତ୍ର ୬ ଉଇକେଟ ହରାଇ ୩୬୯ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ରିଙ୍କି ବିଜୟ ଚମତ୍କାର ବ୍ୟାଟିଂ କରି ମାତ୍ର ୬୫ଟି ବଲରୁ ଧୂଆଁଧାର ୧୯୧ ରନର ଅପରାଜିତ ଇନିଂସ ଖେଳିଥିଲେ। ଖେଳରେ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ ପାଇଁ ପାଞ୍ଚଗାଁ ଦଳର ରିଙ୍କି ବିଜୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଶୀତେଶ ବେହେରା ଓ ବିଷ୍ଣୁପ୍ରସାଦ ଶତପଥୀ ଖେଳ ପରିଚାଳନା କରିଥିଲେ। ଖେଳରେ ଶରତ କୁମାର ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ।

## ପିପିଲି ଗାଁପଡ଼ାରେ ପ୍ରତିଷ୍ଠା ହେବ ଟୁରିଜମ୍ ହବ୍

### ସ୍ଥାନ ପରିଦର୍ଶନକଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପିପିଲି,୩୧।୧
(ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ଗାଁପଡ଼ାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟୁରିଜମ୍ ହବ୍ ତଥା ଚାନ୍ଦୁଆ ହବ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗାଁପଡ଼ା ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ରୁଦ୍ର ଦାଶ, ଅତିରିକ୍ତ ଜିଲାପାଳ ସରୋଜ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ପୃକ୍ତ ଅଞ୍ଚଳ ବୁଲି ଦେଖିବା ସହ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟ କିପରି ଶୀଘ୍ର ଆରମ୍ଭ ହେବ ସେ ନେଇ ପିପିଲି ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

ପିପିଲି ବିଧାୟକଙ୍କ ପ୍ରସ୍ତାବକ୍ରମେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାବେଳେ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ଅଧିକାରୀମାନଙ୍କୁ କହିଥିଲେ। ବେଆଇନ ଦଖଲକୁ ହଟାଇବା ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜମି ଏକ ମାସ ମଧ୍ୟରେ ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦୁଇମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବିଶ୍ୱପ୍ରସିଦ୍ଧ ପିପିଲି ଚାନ୍ଦୁଆ ସମେତ ଓଡ଼ିଶା ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ପରିଡ଼ା କହିଛନ୍ତି। ପୂର୍ବ ସରକାର ସମୟରେ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଚାନ୍ଦୁଆ ଓ ହସ୍ତଶିଳ୍ପ ହବ୍‌ର ପୁନରୁଦ୍ଧାର କରାଯିବ। ଉକ୍ତ ପ୍ରକଳ୍ପରେ କେବଳ ଚାନ୍ଦୁଆ ଓ ହସ୍ତଶିଳ୍ପ ନୁହେଁ, ଓଡ଼ିଶାର ଶିଳ୍ପକଳା ସ୍ଥାନ ପାଇବା ସମେତ ଖାଦ୍ୟ ହବ୍ ପ୍ରତିଷ୍ଠା କରାଯାଇ ସମସ୍ତ ଭାରତୀୟ ଖାଦ୍ୟ ଉପଲବ୍ଧ କରାଯିବ। ଏହାଦ୍ୱାରା ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ଘଟିବ ବୋଲି ପରିଡ଼ା ମତବ୍ୟକ୍ତ କରିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରୁଛନ୍ତି।)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୃଷି ଆୟ ବାର୍ଷିକ ୫.୨୩% ହାରରେ ବୃଦ୍ଧି

**ଅର୍ଥନୈତିକ ସର୍ଭେ ରିପୋର୍ଟ**

ନୂଆଦିଲ୍ଲୀ,୩୧।୧

କ୍ରମାଗତ ଭାବେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିପାଇ ଚାଲିଛି। ଏପରି କି ବିଗତ କିଛି ବର୍ଷ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନ ୩୧୦.୭ ମିଲିୟନ ଟନ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ପରିମାଣ ୩୩୨.୩୦ମିଲିୟନ ଟନରେ ପହଞ୍ଚିଛି। ସେହିଭଳି ବିଗତ ବର୍ଷଗୁଡ଼ିକରେ (୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ) କୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ୫% ଅଭିବୃଦ୍ଧି ରେକର୍ଡ କରାଯାଇଛି। ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସ କୃଷି କ୍ଷେତ୍ରରେ ୩.୫% ଅଭିବୃଦ୍ଧି ରେକର୍ଡ କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ୨୦୧୫ ଆର୍ଥିକ ବର୍ଷରେ ୨୪.୩୮% ଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ୩୦.୨୩%କୁ ବୃଦ୍ଧି ପାଇଛି। ଏପରି କି ଅର୍ଥନୀତିରେ ସାମଗ୍ରିକ ଜିଭିଏର ୨୦% ଅଂଶ ସହିତ କୃଷିର କ୍ରମାଗତ ଏବଂ ସ୍ଥିର ଅଭିବୃଦ୍ଧି ପାଖାପାଖି ୫%, ଜିଭିଏରେ ୧% ଅଭିବୃଦ୍ଧି ଯୋଗଦାନ କରିବ। ସେହିପରି ଅର୍ଥନୈତିକ ସର୍ଭେରେ ଅଟକଳ କରାଯାଇଛି, ୨୦୨୪ରେ ଖରିଫ ଶସ୍ୟ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ରେ ପହଞ୍ଚିବ, ଯାହା ପୂର୍ବ ବର୍ଷ ତୁଳନାରେ ୮୯.୩୭ ଲକ୍ଷ ମେଟ୍ରିକ ଟନ୍ ଅଧିକ ରହିଛି। ସମୀକ୍ଷା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ କୃଷି ଆୟ ୫.୨୩% ବୃଦ୍ଧି ପାଇଛି। ସେହିପରି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମଣ ସଂସଦରେ ଶୁକ୍ରବାର ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ର ରିପୋର୍ଟ ଉପସ୍ଥାପନ କରି କହିଥିଲେ, ଉତ୍ପାଦକତା ଏବଂ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ କୃଷି ଆୟ ବୃଦ୍ଧି ଭଳି ସରକାରୀ ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସ୍ଥିରତା ଦେଖାଦେଇଛି। ଏପରିକି ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ପାଲଟିଛି, ଯାହା ଜାତୀୟ ଆୟ ଏବଂ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ଅର୍ଥନୈତିକ ସର୍ଭେରେ କୁହାଯାଇଛି, ସରକାର କୃଷକ ଆୟ ଦ୍ୱିଗୁଣିତ (ଡିଏଫଆଇ) ରିପୋର୍ଟ ୨୦୧୬ର ସୁପାରିସ ଆଧାରରେ କୃଷି ଉତ୍ପାଦକତା ଏବଂ କୃଷକ ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ଫସଲ ଓ ପଶୁସମ୍ପଦ ଉତ୍ପାଦକତା ବୃଦ୍ଧି, ଫସଲର ତୀବ୍ରତା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟର ଫସଲ ଗ୍ରହଣ କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତୀୟ ନିରନ୍ତର କୃଷି ମିଶନ (ଏନ୍‌ଏମ୍‌ଏସ୍‌ଏ) ଅଧୀନରେ ସରକାର ପର ଡ୍ରପ ମୋର କ୍ରପ୍ (ପିଡିଏମ୍‌ସି) ଭଳି ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି।




# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୩୧।୧

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୪୧(୭୪୦.୭୬)ପଏଣ୍ଟ ବଢ଼ି ୭୭,୫୦୧ (୭୭,୫୦୦.୫୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୯ (୨୫୮.୯୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୦୮(୨୩,୫୦୮.୪୦) ଅଙ୍କରେ କାରବାର ଶେଷ କରିଥିଲା।

# ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ନିବେଶ

ଭୁବନେଶ୍ୱର,୩୧।୧

ଦେଶର ଏକ ଟେକ୍ନୋଲୋଜି-କେନ୍ଦ୍ରିତ ଭେଞ୍ଚର ଫଣ୍ଡ ୟୁନିକର୍ନ ଇଣ୍ଡିଆ ଭେଞ୍ଚର୍ସଠାରୁ ଓଡ଼ିଶାଭିତ୍ତିକ ଡ୍ରୋନ୍ ଟେକ୍ ଷ୍ଟାର୍ଟଅପ୍ ବନ୍‌ଭି ଏରୋ ନିବେଶ ହାସଲ କରିଛି। ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶା୨୦୨୫ ସମ୍ମିଳନୀରେ ଏହି ନିବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ବନ୍‌ଭି ଏରୋର ପ୍ରତିଷ୍ଠାତା ତଥା ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, ଏହି ଫଣ୍ଡିଂ ପ୍ରତିରକ୍ଷା, ପରିବହନ ଓ ଜରୁରିକାଳୀନ ସେବା ପାଇଁ ଇଭିଟିଓଏଲ୍ ଓ ଅଟୋନୋମସ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ନିବେଶ, ଆମର ଗବେଷଣାକୁ ଆହୁରି ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ। ସେହିଭଳି ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର କହିଥିଲେ, ନୂତନ ଜ୍ଞାନକୌଶଳ ଏବଂ ଉଦ୍ଭାବନ ଉପରେ ଗୁରୁତ୍ୱ ଦେଉଥିବା ଶିଳ୍ପ ପ୍ରତି ଓଡ଼ିଶାର ବଢୁଥିବା ଆଗ୍ରହକୁ ଏହି ପୁଞ୍ଜିନିବେଶ ସମର୍ଥନ କରୁଛି। ଏପରିକି ଏହା ଡିପ୍-ଟେକ ସେକ୍ଟରରେ ରହିଥିବା ସମ୍ଭାବନାକୁ ଆଲୋକପାତ କରୁଛି ବୋଲି ମିଶ୍ର କହିଛନ୍ତି। ସେହିପରି ୟୁନିକର୍ନ ଇଣ୍ଡିଆ ଭେଞ୍ଚର୍ସର ଭାସ୍କର ମଜୁମଦାର କହିଛନ୍ତି, ଆମେ ଗତ ୪ବର୍ଷ ହେବ ଷ୍ଟାର୍ଟଅପ୍ ଓଡ଼ିଶା ସହ ମିଶି କାର୍ଯ୍ୟ କରିଛୁ। ଏପରିକି ଆମ ନିକଟରେ ବିଭିନ୍ନ ଶିଳ୍ପର ୩ଟି ନିବେଶ ସହ ସମସ୍ତ ୩ଟି ନିବେଶ ଡିପ୍ ଟେକ ସେକ୍ଟରଗୁଡ଼ିକରୁ ଆସିଛି। ଆମେ ଆସନ୍ତା କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ୮୦ ରୁ ୧୦୦ କୋଟି ଟଙ୍କା ନିବେଶ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଉଲ୍ଲେଖଯୋଗ୍ୟ, ବନ୍‌ଭି ଏରୋ ପୂର୍ବରୁ ଟେସ୍‌ଲା ଓ ମାଇକ୍ରୋସଫ୍ଟରେ ନିବେଶ କରିବା ପାଇଁ ପରିଚିତ ୟୁଏସ୍ ଭେଞ୍ଚର କ୍ୟାପିଟାଲିଷ୍ଟ ଟିମ ଡ୍ରେପରଙ୍କଠାରୁ ପାଣ୍ଠି ହାସଲ କରିଥିଲା।

# ବଜାରରେ ସିମ୍ଫୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୩୧।୧(ଅଭୟ ଦାଶ)

ସିମ୍ଫୋନି ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ୱାଟର ହିଟର ରେଞ୍ଜ 'ସିମ୍ଫୋନି ସ୍ପା,ସଉନା ଏବଂ ସୋଲ୍'ର ଶୁଭାରମ୍ଭ କରାଯାଇଛି। ଏପରି କି ପାଣି ଗରମ କରିବା ବ୍ୟବସ୍ଥାକୁ କମ୍ପାନୀ ପ୍ରବେଶ କରିଛି। କମ୍ପାନୀ ୯-ଲେୟର ବିଶିଷ୍ଟ ପ୍ୟୁରୋପଡ୍ ପ୍ରଯୁକ୍ତି ସହିତ ୱାଟର ହିଟର ବର୍ଗ ପ୍ରଚଳନ କରିଛି, ଯାହା କେଶ ଝଡ଼ିବାର ଅନ୍ୟତମ କାରଣ ହୋଇଥିବା କ୍ଷାରୀୟ ଜଳକୁ ମୃଦୁ ଜଳରେ ରୂପାନ୍ତରିତ କରୁଛି, କ୍ଷତିକାରକ ରସାୟନ ଓ ଅନ୍ୟାନ୍ୟ ଦ୍ରବ୍ୟକୁ ମଧ୍ୟ ଛାଣିଦେଉଛି। ସେହିଭଳି ଏହି ୩ଟି ମଡେଲ ଯଥାକ୍ରମେ ୧୦ ଲିଟର, ୧୫ଲିଟର ଏବଂ ୨୫ଲିଟର କ୍ଷମତାରେ ଆସୁଛି। ଏଥିସହ କମ୍ପାନୀ ସ୍ପା ବର୍ଗରେ ମଧ୍ୟ ସ୍ମାର୍ଟବାଥ୍ ପ୍ରଯୁକ୍ତି ପ୍ରଚଳନ କରିଛି। ଏହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପରିଚାଳିତ ହେଉଛି। ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଚେୟାରମ୍ୟାନ ତଥା ଏମ୍‌ଡି ଅଚଲ ବକେରି କହିଥିଲେ, ଆମେ ଆମର 'ଆସନ୍ତାକାଲି ସମ୍ପର୍କରେ ଚିନ୍ତନ କରିବା' ଦର୍ଶନ ଦ୍ୱାରା ପରିଚାଳିତ ହେଉଛି। ଏପରିକି ଆମେ ଆସନ୍ତାକାଲି ଓ ଆଜି ସମ୍ପର୍କରେ ମଧ୍ୟ ବିଚାର କରିଥାଉ ଏବଂ କେଶ ଓ ତ୍ୱଚା ଉପରେ କ୍ଷାରୀୟ ଜଳର ପ୍ରଭାବ ଓ ତାହା ସହିତ ଉଚ୍ଚତାରେ ଖଞ୍ଜାଯାଇଥିବା ଗିଜର ପରିଚାଳନା କରିବାରେ ଅସୁବିଧା ସମ୍ପର୍କରେ ମଧ୍ୟ ଗ୍ରାହକଙ୍କ ଅନ୍ତର୍ଦୃଷ୍ଟିକୁ ଏକତ୍ରିତକରି ଏହି ଅନନ୍ୟ ଗିଜର ବିକଶିତ କରିଛୁ। ଜଳର କ୍ଷାରୀୟ ଅଂଶ ହ୍ରାସ କରିବା ପାଇଁ ଉନ୍ନତ ଫିଲଟ୍ରେସନ ଏବଂ ଏକ ଏଆଇ ସମର୍ଥିତ ସ୍ପ୍ଲାଶ୍-ପ୍ରୁଫ ଓୟାରଲେସ କଣ୍ଟ୍ରୋଲର ସହ ଆମ ଗିଜରଗୁଡ଼ିକ ସହଜ ପରିଚାଳନାକୁ ସୁନିଶ୍ଚିତ କରୁଛି। ସେହିଭଳି ସିମ୍ଫୋନି ଲିମିଟେଡର ଗ୍ରୁପ୍ ସିଇଓ ଅମିତ କୁମାର କହିଥିଲେ, ଭାରତର ବର୍ଦ୍ଧିତ ମଧ୍ୟମ ବର୍ଗ ଆଧୁନିକ ବିଳାସ ଚାହୁଁଛନ୍ତି ଏବଂ ଆମେ ସିମ୍ଫୋନି ସ୍ପା ଗିଜରକୁ ବଜାର ପ୍ରବେଶ କରାଇବା ନେଇ ବେଶ୍ ଉଲ୍ଲସିତ ଅଛୁ।




# ଏବିସିର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୩୧।୧

ଆଲମଣ୍ଡ ବୋର୍ଡ ଅଫ୍ କାଲିଫର୍ନିଆ(ଏବିସି)ର ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଏ ହ୍ୟାଣ୍ଡଫୁଲ୍ ଅଫ୍ ଆଲ୍‌ମଣ୍ଡସ ଏ ଡେ: ନ୍ୟାଚୁରାଲ ଆପ୍ରୋଚ୍ ଟୁ ସପୋର୍ଟିଂ ହେଲ୍‌ଥ ଇନ୍ ଟୁଡେସ୍ ଫାଷ୍ଟ-ପେସ୍‌ଡ ଲାଇଫ୍‌ଷ୍ଟାଇଲ' ଶୀର୍ଷକ ଏକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅଧିବେଶନରେ ଡା.ରୋହିଣୀ ପାଟିଲ ଏବଂ ଓଡ଼ିଆ ଅଭିନେତ୍ରୀ ନୈନା ଦାସ ତିୱାରୀଙ୍କ ସମେତ ପ୍ୟାନେଲିଷ୍ଟମାନେ ଯୋଗଦେଇ ଉପଯୁକ୍ତ ଆହାର ବିକଳ୍ପର ମହତ୍ତ୍ୱ ଓ ଏକ ସନ୍ତୁଳିତ ଆହାର ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଆଲୋଚନା ସମୟରେ ପ୍ୟାନେଲିଷ୍ଟମାନେ କାଲିଫର୍ନିଆ ଆଲ୍‌ମଣ୍ଡର ଗୁଣବତ୍ତା ଓ ଆମର ଦୈନିକ ଆହାରରେ ଏହାକୁ ସାମିଲକରିବା ଦ୍ୱାରା ତାହା କିଭଳି ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଆମର ସାମଗ୍ରିକ ସ୍ୱାସ୍ଥ୍ୟରେ ସହଯୋଗ କରିପାରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ରୋହିଣୀ ପାଟିଲ କହିଛନ୍ତି, ଆମର ବ୍ୟସ୍ତ ଜୀବନଶୈଳୀ ଖରାପ ସ୍ୱାସ୍ଥ୍ୟ ପସନ୍ଦର କାରଣ ହୋଇଥାଏ। ଏହି କାରଣରୁ ମୁଁ ସବୁବେଳେ ମୋର ଗ୍ରାହକମାନଙ୍କୁ ପରାମର୍ଶ ଦେଇଥାଏ ଯେ ଛୋଟ ଛୋଟ ପରିବର୍ତ୍ତନ ଏକ ବଡ ପାର୍ଥକ୍ୟ ସୃଷ୍ଟି କରିପାରିବ-ଯେପରିକି ପ୍ରୋସେସ୍‌ଡ ସ୍ନାକଗୁଡ଼ିକୁ ଆଲମଣ୍ଡ ଭଳି ପ୍ରାକୃତିକ ବିକଳ୍ପ ସହ ବଦଳାଇବା। ପ୍ରୋଟିନ, ସୁସ୍ଥ ଫ୍ୟାଟ୍ ଓ ଫାଇବର ଭଳି ୧୫ଟି ଜରୁରୀ ପୋଷକତତ୍ତ୍ୱରେ ଭରି ରହିଥିବା କାଲିଫର୍ନିଆ ଆଲମଣ୍ଡ ଆପଣଙ୍କୁ ବାରମ୍ବାର ଭୋକ ନ ଲାଗିବା ଓ ଏକ ସୁସ୍ଥ ଓଜନ ବଜାୟ ରଖିବା, ହୃଦୟ ସ୍ୱାସ୍ଥ୍ୟରେ ସହଯୋଗ କରିବା, ରକ୍ତ ସର୍କରାକୁ ନିୟନ୍ତ୍ରଣ କରିବା ଓ ଉନ୍ନତ ତ୍ୱଚାରେ ସହଯୋଗ କରିଥାଏ।


# Classified Everyday
0674-2580101, 9692975378



REAL ESTATE

SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399. D-2772

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ (ଗୁଡ଼ିଆକାଟେଣୀ)। Contact- 8917622925 D-2762

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-2766

Wallpaper clearance sale upto 50% off starting from Rs.200, At-Vintage Interior Lewis road, Bhubaneswar near Shree Hospital. Ph.- 7008283108, 8249871505 D-2717

Plot for sale. Ward No.-2, Kabisuryanagar. Contact: 9916023875, 9338283431. D-2741




Newly open health benefits spa by experience lady therapist. 8658088274. D-76191

Positively Health benefited spa by expert female therapist, Nayapalli. 7846814019 D-76190



BUSINESS

School Notebooks for bulk sale, 35% discount for students. 8260232337. D-2758

AFFIDAVIT

By virtue of an affidavit sworn before Executive Magistrate, Darpan, Jajpur by AF.No.-204, dated 16.01.2025, I, Sri PRABHAKAR ROUT, At-Kaintipokhari, P.O.- Bantala, P.S.- Byree, Dist.-Jajpur, PIN-754024 declare that I have changed my name from Paramananda Rout to Prabhakar Rout. Henceforth, I shall be known as Prabhakar Rout. D-2774

By virtue of an affidavit sworn before Executive Magistrate, Bhubaneswar, Affidavit No.- 83, dated 30.01.2025, I, Rashmirekha Jena, W/o- Niladri Sahoo, Plot No.- 113/2500/5326, Lane No.- 03, Khandagiri Vihar, Bhubaneswar declare that I have changed my name from "Rasmirekha Jena" to "Rashmirekha Jena". Henceforth, I shall be known as "Rashmirekha Jena" for all purposes. D-2773

Madhusmita Dash, D/o- Girish Chandra Dash, At- Rangabazar, P.O.- Garhshrirampur, Dist.- Khurda- 752100, Odisha declare by this affidavit No.-97, dtd. 29 Jan 2025 that now onwards I shall be known as MADHUSMITA DASH for all purposes. D-2767

By virtue of an affidavit sworn before the Executive Magistrate, Rajnagar, AF No.- 3849, dtd. 22.11.2024, I, Prasanta Kumar Mohanty, At/P.O.- Sansarphal, P.S.- Pattamundai, Dist.- Kendrapara-754217 declare that I have changed my son name from Suprava Mohanty to new name Supravata Mohanty. That now he shall be known as Supravata Mohanty for all purposes. D-2769

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit by Notary, dtd. 28 Jan 2025, Sumi Purty, D/o- Dilip Purty, At- Garamian, Jajpur, Odisha- 755018 to changed my name Sumi Purty to Mini Gagarai for all purposes. D-2768

By virtue of an affidavit sworn before Executive Magistrate, Jagatsinghpur on dated 03.01.2025, I, Parwati Kumari Sahoo, W/o- Late Dhruba Charan Sahoo, Address- Vill- Nachhipur, P.O.- Kantilo, Dist.- Jagatsinghpur, State- Odisha have changed my name from "Parbati Sahoo" to "Parwati Kumari Sahoo". Henceforth, she shall be known as "Parwati Kumari Sahoo" for all purposes. D-2765

I, Banyarani Sahoo, D/o- Dhruba Charan Sahoo, Born on 29.10.1999 residing at Batipada, Mahadeipatana, Kendrapada, 754218 have changed my name to Saveri Swaraa Rout vide affidavit dated 21-01-2025 at Bhubaneswar. D-2776

ମୁଁ ଜସ୍ମିନ ମିଶ୍ର, ୩୬ବର୍ଷ, ସ୍ୱାମୀ- ପଞ୍ଚା ମିଶ୍ର, ନି- ଖୁଣ୍ଟପାଲି, ପୋ- ଚିନାଜୁରି, ଥା- ଡୁଙ୍ଗୁରୀପାଲି, ଜି- ସୋନପୁର। ପୋଷ୍ଟାଲ ପଲିସି ନଂ.- R- OR- EA-198710ରେ ମୋର ନାମ ପାର୍ବତୀ ଦାଶ ଅଟେ। ମୋର ବିବାହ ପରେ ଆଧାର କାର୍ଡରେ ମୋର ନାମ ଜସ୍ମିନ ମିଶ୍ର ହୋଇଛି। (ଆଧାର ନଂ.- XXXX XXXX ୦୧୮୫)। ଜସ୍ମିନ ମିଶ୍ର ଓ ପାର୍ବତୀ ଦାଶ ଜଣେ ବ୍ୟକ୍ତି ଅଟେ। ମୁଁ ବରପାଲି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ (CF No.- 45/2024ରେ ସତ୍ୟପାଠ ଦାଖଲ କରିଅଛି। ଧ-୨୭୭୦

Notice by virtue of an affidavit sworn before G.C. Behera, Notary, Balangir Dated 29.01.2025, I Pandit Padhan son of Mangalu Padhan Born on Date 18.09.1955 Address AT/ P.O.- Gajabahal P.S.- M.Rampur DISTRICT.- Kalahandi (Odisha), PIN- 766031 declare that I have changed my name from Pandit Pradhan to Pandit Padhan. Henceforth, I shall be known as Pandit Padhan for all purposes.
Pandit Padhan
D-2778

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


# ୯ଏମ୍ ଫର୍ଟିଲିଟିର ଶୁଭାରମ୍ଭ



'୯ଏମ୍ ଫର୍ଟିଲିଟି'ର ନୂତନ ସେଣ୍ଟରକୁ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୩୧।୧

ଦେଶର ପ୍ରମୁଖ ତଥା ବିଶ୍ୱସ୍ତରୀୟ ଫର୍ଟିଲିଟି ସେଣ୍ଟର '୯ଏମ୍ ଫର୍ଟିଲିଟି'ର ଶୁଭାରମ୍ଭ ନିକଟରେ କରାଯାଇଛି। ଏପରିକି ଏହି ସେଣ୍ଟର ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୯ଏମ୍ ଫର୍ଟିଲିଟି ହେଉଛି, ଅଙ୍କୁରା ହସ୍ପିଟାଲ ଫର୍ ଓମେନ ଆଣ୍ଡ ଚିଲଡ୍ରେନର ଏକ ସ୍ୱତନ୍ତ୍ର ଡିଭିଜନ।

ଏ ସମ୍ପର୍କରେ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ଏମ୍‌ଡି ଡା. କୃଷ୍ଣ ପ୍ରସାଦ ରାଓ ଭୁନମ୍ କହିଛନ୍ତି, ପ୍ରଜନନ ସ୍ୱାସ୍ଥ୍ୟକ୍ଷେତ୍ରରେ ଆମର ଦକ୍ଷତା ରହିଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳକୁ ମିଶାଇ ପ୍ରଜନନ ଚିକିତ୍ସାରେ ଆମେ ନୂତନ ମାନଦଣ୍ଡ ସ୍ଥାପିତ କରିବା ଏବଂ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ସେବାକୁ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ଆମେ ସମସ୍ତେ ମିଶି ଅଗଣିତ ପରିବାରରେ ଆଶା ଓ ଖୁସି ଆଣିବା ପାଇଁ ପ୍ରୟାସ ଜାରି ରଖିଛୁ। ସେହିଭଳି ଗର୍ଭାବସ୍ଥାରେ ବିଳମ୍ବ କରିବାକୁ ଚାହୁଁଥିବା ଦମ୍ପତିଙ୍କ ପାଇଁ ପ୍ରଜନନ ସଂରକ୍ଷଣ ବିକଳ୍ପ, ଶୁକ୍ରାଣୁ ଏବଂ ଡିମ୍ବାଣୁର ଭିଟ୍ରିଫିକେଶନର ଉନ୍ନତ ବିକଳ୍ପ ଏବଂ ଭ୍ରୂଣରେ କ୍ରୋମୋଜାମାଲ ଅସ୍ୱାଭାବିକତା ଚିହ୍ନଟ ପାଇଁ ପ୍ରିଜେନଟିଭ୍ ପରୀକ୍ଷା ଭଳି ଏକାଧିକ ଚିକିତ୍ସା ବିକଳ୍ପ ମଧ୍ୟ ରହିଛି। ଏହା ବ୍ୟତୀତ ଆଇଭିଏଫ୍ ସମେତ ଅନ୍ୟ ସମସ୍ତ ପ୍ରକାର ବନ୍ଧ୍ୟାତ୍ୱ ସେବା ଉକ୍ତ ସେଣ୍ଟରରେ ପ୍ରଦାନ କରାଯାଇଥାଏ ବୋଲି ଡା. ସୌମ୍ୟ ଦାଶ ଏବଂ ପି. କେ. ଆଚାର୍ଯ୍ୟ କହିଛନ୍ତି।


# ମନେ ପଡ଼ନ୍ତି

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ରୀଯୁକ୍ତ ହରିଶଙ୍କର ତ୍ରିପାଠୀ**

ବିରକୃଷ୍ଣଶରଣପୁର (ବାଟଗାଁ), ବ୍ରାହ୍ମଣ ଶାସନ, ଖଲ୍ଲିକୋଟ, ଗଞ୍ଜାମ

ଆବିର୍ଭାବ: ୦୧।୦୬।୧୯୪୦
ତିରୋଧାନ: ୨୧।୦୧।୨୦୨୫

ଆପଣଙ୍କ ତିରୋଧାନ ଆମ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ବ୍ୱାଇଁ: ପ୍ରକାଶ, ପୁଅ-ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୭୭୭

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟକୃଷ୍ଣ ଶତପଥୀ**

Retd. GPEO
ଅମଲାପଡ଼ା, ଢେଙ୍କାନାଳ ଟାଉନ
ଆବିର୍ଭାବ- ୨୦।୦୧।୧୯୩୩
ତିରୋଧାନ- ୨୧।୦୧।୨୦୨୫

ବାପା, ଆମକୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହୁ। ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକ ସନ୍ତପ୍ତ- ହତଭାଗ୍ୟ ପୁତ୍ର- ନିର୍ମଳ, ରଞ୍ଜନ, ବାପୁ (ଦୀପ୍ତିଶ), ଝିଅ- ନିର୍ମଳା, ନର୍ମଦା, ନୟନା, ନାତି- ଲିପୁ, ଜିତୁ, ସାଇ, ନାତୁଣୀ- ଜେଜି, ଦିଶା, ସିଦ୍ଧି, ଲୁଇ, ଲୋରି ଏବଂ ପରିବାରବର୍ଗ।**

ଧ-୭୫୪୮୭

# ରକ୍ତ

ଗଳ୍ପ

**ଦୀପ୍ତି ଖଣ୍ଡୁଆଳ**



ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଗଲା ଆମ ଗାଁ ଦାଣ୍ଡରେ...।

ମୁଁ ଛୋଟ ଥିଲି। ବୟସ ଏଗାର। ଗାଁଠାରୁ ଏକ କିଲୋମିଟର ଦୂର ବନମାଳୀ ମଧ୍ୟ ଇଂରାଜୀ ବିଦ୍ୟାପୀଠରେ ଷଷ୍ଠ ଶ୍ରେଣୀରେ ପଢୁଥିଲି। କଚାରାସ୍ତା ଓ କ୍ଲବ ବାଡ଼ିର ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଦେଖି ମୁଁ ଭାବୁଥିଲି, ଆମ ଗାଁ ଥିଲା ଅଧା ସହର, ଅଧା ମଫସଲ। ଗାଁ ଧାରେ ଧାରେ ବୁଦୁବୁଦିଆ କିଆବଣ ଦେଇ ନାରଦିଆ ପଞ୍ଚାୟତକୁ ସଂଯୋଗ କରୁଥିବା ମୋରମ ରାସ୍ତାଟି ଆମ ଘର ପାଖରେ ବଙ୍କେଇ ଏପରି ସର୍ପିଳ ଗତିରେ ଆଗକୁ ବୁଲିଯାଇଥିଲା ଯେ, ଇଂଲିଶ୍ ଏସ୍ ଅକ୍ଷର ପରି ଦେଖାଯାଉଥିଲା। ସେଦିନ ସେଇ ବାଙ୍କ ପାଖରେ ଏକ ଗତିଶୀଳ ସ୍କୁଟର ଆମ ଗାଁର ସୋବନୀ ଅଜାଙ୍କୁ ଧକ୍କା ଦେଇ ଚାଲିଗଲା। ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ମୁଣ୍ଡ ଫାଟି ଅଳତା ପରି ରକ୍ତ ଧାର ଧାର ହୋଇ ବହିଯାଉଥିଲା। ପଲ୍ଲୀ ଗାଁର ଶାନ୍ତ ବାତାବରଣ ଚହଲିଗଲା। କେହି କାହାକୁ ଡାକି ନ ଥିଲେ, ମାତ୍ର ଚାହୁଁ ଚାହୁଁ ଘଟଣାସ୍ଥଳରେ ଜନ ସମାଗମ ହୋଇଗଲା। କିଏ ଦୁଃଖ ଓ ବିସ୍ମୟସୂଚକ କରୁଣ ଗଳାରେ କହିଲା– 'ଆହା...!'

ଆମର ମାଟିଘର। ମୁଁ ସେତେବେଳେ ବାଡ଼ିପଟ ପିଣ୍ଡାରେ ବସି ଛିଣ୍ଡିଯାଇଥିବା ଏକ ନିତ୍ୟ ବ୍ୟବହାର୍ଯ୍ୟ ସ୍ଲିପର ଟେପ୍‌କୁ ଛୁଞ୍ଚି ଓ ନାଇଲନ୍ ସୂତାରେ ସିଲେଇ କରିବାରେ ଲାଗିଥିଲି। ଦୁର୍ଘଟଣା କଥା ଶୁଣି ଅଧୀର ହୋଇପଡ଼ିଲି...।

ରକ୍ତ ଥିଲା ମୋ' ପାଇଁ ଏକ ଭୟାଚ୍ଛନ୍ନ କାରୁଣିକ ଶବ୍ଦ। ରକ୍ତପାତ ଦୃଶ୍ୟ ଦେଖିଲେ ମୋ' ମନରେ ଖେଳିଯାଏ ମର୍ମଭେଦୀ ଶିହରଣ।

ବୋଉ ସେତେବେଳେ ପନିକିରେ ଶୁଖିଲା ନଡ଼ିଆ ପତ୍ରକୁ ଉଞ୍ଚି ସେଥିରୁ ଝୁଣ୍ଟୁକା ବାହାର କରୁଥିଲା ଝାଡୁ ତିଆରି କରିବା ପାଇଁ। ଦୁର୍ଘଟଣା କଥା ଶୁଣି ମୁଁ ଚପଲ ସିଲେଇ ଛାଡ଼ି ଦାଣ୍ଡକୁ ଦଉଡ଼ିବାକୁ ଉଦ୍ୟତ ହେବାବେଳକୁ ବୋଉ ଉଚ୍ଚ ଗଳାରେ ବାରଣ କଲା– 'ଆରେ ଯାଆନା, ଯାଆନା, ରକ୍ତ ଦେଖିଲେ ତୁ ଛାନିଆ ହେଇଯିବୁ...।' ବାସ୍ତବିକ, ବୋଉର ମମତ୍ୱଭରା ବାରଣ ମାନି ମୁଁ ଅଟକି ଯାଇଥିଲି ସେଦିନ।

ଦୀର୍ଘ ବର୍ଷ ପରର ଘଟଣା। ଶୀତଋତୁର ଏକ ରତରତ ଅଳସୀ ସନ୍ଧ୍ୟା। ଆମ ଗ୍ରାମଦେବତୀ ମା' ଉତ୍ତରେଶ୍ୱରୀ ମନ୍ଦିରର ପୂଜାରୀ, ଯିଏ ଆବାଳବୃଦ୍ଧବନିତାଙ୍କ ପାଖରେ 'ପମା ନନା' ଭାବରେ ଜଣାଶୁଣାଥିଲେ, ସ୍ୱାଭାବିକ ସମୟଠାରୁ କିଞ୍ଚିତ୍ ଅନ୍ଧାରରେ ସନ୍ଧ୍ୟା ଆଳତି କରିବା ଥିଲା ତାଙ୍କର ନିୟମିତ ନୀତି।

ସେଦିନ ସନ୍ଧ୍ୟାର ଅବଶେଷ ଥିଲା କୁଜ୍‌ଝଟିକାପୂର୍ଣ୍ଣ। ସେତେବେଳକୁ କେଉଁଠି କାହା ଘର ଆଗରେ କାଁ ଭାଁ ଜଳି ଉଠିଥିଲା ଆଲୋକ। କିନ୍ତୁ ମୃଦୁ ଅନ୍ଧାରଘେରା ଧୂଳି ଧୂସରିତ ମୋରମ ରାସ୍ତାରେ ମୋ' ଚାରି ବର୍ଷର ପୁଅ ମୁମୁନ ଜହ୍ନ ଆଣ୍ଟି ସହ ଚାଲି ଚାଲି ମନ୍ଦିରକୁ ଯାଉଥିଲା। ମୁମୁନ ଗୋଡ଼ ଉପରେ କ'ଣ ଗୋଟେ ସର୍ କିନା ଚାଲିଗଲା, ସାପ ପରି। ସେ ଛିନ୍‌ଛିନ୍ ବାଜିଲା। ଜହ୍ନ ସନ୍ତାପି ହେଲା ମୁମୁନକୁ ସାଙ୍ଗରେ ମନ୍ଦିରକୁ ନେଇଥିବାରୁ। ଏ କଥା ଶୁଣି ପତ୍ନୀ କାନ୍ଦି ଉଠିଲେ। ମୋ' ମନ ପାପ ଛୁଇଁଲା। ମୁଁ ତାକୁ ହସ୍ପିଟାଲ ନେଇଗଲି। ଡାକ୍ତର କହିଲେ, ବ୍ଲଡ ପରୀକ୍ଷା କରାଯିବ। ମୁଁ ମୁମୁନକୁ କାନ୍ଧରେ ପକାଇଥିଲି। ତା' ହାତ ମୋ' ଗଳା ବେଷ୍ଟନ କରିଥିଲା। ଆତଙ୍କିତ ଗଳାରେ ସେ ବିକଳ ହୋଇ ପଚାରିଲା– 'ବାପା! ବ୍ଲଡ୍ କ'ଣ ?'

ମୁମୁନ୍ ତ ନିଶ୍ଚିତ ଜାଣିବ, ତଥାପି ସିରିଞ୍ଜ୍‌ରେ ରକ୍ତ ଟଣା ହେବା ପର୍ଯ୍ୟନ୍ତ ଅନ୍ତତଃ ବ୍ଲଡ୍ ଅର୍ଥ ତା' ପାଇଁ ଅଜଣା ଥାଉ, ଏହା ମୁଁ ଚାହୁଁଥିଲି। ମୁମୁନର ଅବସ୍ଥା କଥା ଘରକୁ ଜଣାଇବା ପାଇଁ ମୁଁ ଫୋନ୍ କରିବାରୁ ପତ୍ନୀ, ମୁମୁନର ଭୟାତୁର ସ୍ୱର ଶୁଣି ପାରିଲେ, 'ବାପା, ବ୍ଲଡ୍ କ'ଣ ? ପତ୍ନୀ ବ୍ୟଥିତ ହୋଇ ହଠାତ୍ ନାଟକୀୟ ଢଙ୍ଗରେ ଆସି ହସ୍ପିଟାଲରେ ହାଜର ହୋଇଗଲେ। ପରୀକ୍ଷାରୁ ଜଣାପଡ଼ିଲା ସାପ କାମୁଡ଼ି ନ ଥିଲା। ମୁମୁନ ଓ ମୋ' ପରିବାର ଚାପମୁକ୍ତ ହୋଇଥିଲୁ।

ଏବେ ମୁଁ ପଚାଶ ବର୍ଷରେ ପଦାର୍ପଣ କରିଥିବା ଜଣେ ପ୍ରୌଢ଼। ସମାଜରେ ପ୍ରତିଷ୍ଠା ଆସିଲାଣି। ମୁମୁନ ଇଞ୍ଜିନିୟରିଂ କରୁଛି। ମୋ' ବୋଉକୁ ଏକସ୍ତରି ବର୍ଷ ବୟସ। ଏଇ ନିକଟରେ ତାକୁ ଜ୍ୱର ହୋଇଥିଲା। ମୁଁ ଯଥାସାଧ୍ୟ ତା' ଚିକିତ୍ସା କରିବାରେ ଲାଗିପଡ଼ିଥିଲି। ଶୀତ ପଡ଼ିଥିଲା। ସେଦିନ ପୂର୍ବାହ୍ନରେ ବିଛେଇ ହୋଇପଡ଼ିଥିବା ଉଷୁମ ଖରାରେ ଟିକେ ଶୋଇବା ପାଇଁ କାହାକୁ କିଛି ନ କହି ସପ ନେଇ ଛାତ ଉପରକୁ ଚାଲି ଯାଇଥିଲା। ସେଠାରେ ଆରାମ କଲା। ମାତ୍ର ଖରା ଟାଣ ହେବାରୁ ସପ ଧରି ପୁନଶ୍ଚ ଶିଡ଼ିରେ ଓହ୍ଲାଇଲାବେଳେ ଆଉ ଦୁଇ ଚାରିଟା ପାହାଚ ଅଛି, ତା' ଆଖିରୁ ଜୁଲୁଜୁଲିଆ ପୋକ ବାହାରିଗଲା। ଗୋଡ଼ ଗୋଟିଏ ପାହାଚ ଛାଡ଼ି ଅନ୍ୟ ପାହାଚରେ ପଡ଼ିଯିବାରୁ ସେ ଭାରସାମ୍ୟ ହରାଇ ପଡ଼ିଗଲା। ତା' ଆର୍ତ୍ତଚିତ୍କାର ଶୁଣି ଆମେ ଧାଇଁଆସିଲୁ। ସେଥିରେ ତା' ଆଣ୍ଠୁ କହୁଣି ଛିଡ଼ିଯିବା ସହିତ ମୁଣ୍ଡ ଫାଟି ରକ୍ତ ବହିଲା। ସେ ଆମମାନଙ୍କୁ ଦେଖି 'ପଡ଼ିଗଲି' ବୋଲି କହୁ କହୁ ଅଚେତ ହୋଇଗଲା। ତାକୁ ଅଟୋରିକ୍ସାରେ ହସ୍ପିଟାଲ ନେଇଗଲି। ସେଠାରେ ଡାକ୍ତରଙ୍କ ପାଖରେ ପ୍ରେସ୍‌କ୍ରିପ୍‌ସନ ଲେଖାଇ ଷ୍ଟ୍ରେଚରରେ ଡ୍ରେସିଂ ରୁମ୍‌କୁ ନେଇଗଲି। ରାଜା ବାବୁ ଓ ମୁଁ ବୋଉକୁ ଡ୍ରେସିଂ ବେଡ୍‌ରେ ଶୁଆଇବା ପରେ ତା'ର ଚେତା ଫେରିଆସିଲା। ଡାକ୍ତରଖାନା ପରିବେଶ ଦେଖି ମୋତେ ଅନାଇଲା। ଆଉ କ୍ଷୀଣକଣ୍ଠରେ କହିଲା– 'ମୋର କିଛି ହେଇନି, ମୋତେ ଡାକ୍ତରଖାନାକୁ କାହିଁ ଆଣିଲୁ ?'

ଡ୍ରେସିଂ କରିବାକୁ ପ୍ରସ୍ତୁତ ହେଉଥିବା ରାଜା ବାବୁ କୌତୂହଳୀ ହୋଇ କିଞ୍ଚିତ୍ ଉଚ୍ଚ ଗଳାରେ କହିଲା– 'ମାଉସୀ ସିଭିଅର ରକ୍ତସ୍ରାବ ହେଉଛି ଆପଣଙ୍କର, କିଛି ହେଇନି କ'ଣ ?'

ବଳ ପାଉ ନ ଥିଲେ ବି ବୋଉ ତତ୍‌କ୍ଷଣାତ୍ ଦୁର୍ବଳ ଗଳାରେ ହାତ ଠାରି ମୋତେ କିଛି ନିର୍ଦ୍ଦେଶ ଦେବା ଭଳି କହିଲା– 'ତୁ ବାହାରକୁ ପଳେଇଯା', ରକ୍ତ ଦେଖି ଛାନିଆ ହେଇଯିବୁ...ବାହାରକୁ ପଳା...।'

ମୋତେ ଲାଗିଲା ମୁଁ ସତେଅବା ଛିଡ଼ି ଯାଇଥିବା ଚପଲ ଟେପ୍ ସିଲେଇ କରୁଥିବା ସେହି ଷଷ୍ଠ ଶ୍ରେଣୀର ବାଳକ।

ମୋ: ୯୯୩୮୧୪୫୫୩୪

# ସାହିତ୍ୟାୟନ

## ପୁସ୍ତକ ପରିଚୟ

### ପଛକୁ ଫେରି ଚାହିଁଲେ



**ଲେଖକ:** ବିଜୟ କେତନ ପଟ୍ଟନାୟକ
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ପଛରେ ରହିଯାଇଥିବା ଜୀବନ, ବାଲ୍ୟ-କୈଶୋର ଓ ଯୌବନର ସ୍ମୃତି ଏବଂ ଅନୁଭୂତିକୁ ନେଇ ଆଲୋଚ୍ୟ ପୁସ୍ତକ 'ପଛକୁ ଫେରି ଚାହିଁଲେ'। ମୋଟ ୨୧ଟି ପରିଚ୍ଛେଦ। ମୋ ଗାଁ ମୋ ପିଲାଦିନ, ଗାଁ ଘର ଓ ସ୍କୁଲ୍, ଗାଁମୁଣ୍ଡ ବରୁଣେଇ ପାହାଡ଼ (ଲେଖକଙ୍କ ଜନ୍ମିତ ଗାଁ ମୁକୁନ୍ଦପ୍ରସାଦ ଠିକ୍ ବରୁଣେଇ ପାହାଡ଼ ତଳେ, ଖୋର୍ଦ୍ଧା ଉପକଣ୍ଠରେ), ବଣଭୋଜି, ବିଜେବି ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା, ସ୍କୁଲ ସାଙ୍ଗ ସାହେବର ଗାଁ ବାଲକାଟୀ, ଦାଦାଙ୍କ ବାହାଘର, ଗାଁ ଦଶଦୋଳ, ପର ଗାଁ ପାଣି- ମାମୁଘର ଗାଁ, ସାନମା', ଗାଁର ନାଟ୍ୟାଭିନୟ, ଖୋର୍ଦ୍ଧା କଲେଜରେ ପାଠପଢ଼ା, ବାଣୀବିହାର ଜୀବନ ଇତ୍ୟାଦି ହେଉଛି ଏହି ପରିଚ୍ଛେଦଗୁଡ଼ିକର ପ୍ରସଙ୍ଗ ; ଯାହାକୁ ଅତି ଅନ୍ତରଙ୍ଗ ଭାବରେ ଲେଖକ ପରିପ୍ରକାଶ କରିଛନ୍ତି। 'ଭୂମିକା'ରେ ଲେଖିଛନ୍ତି ଗ୍ରାମ୍ୟ ଜୀବନର କେତେ ସୁକୁମାର ଅବକାଶର କଥା ଓ କହିଛନ୍ତି– ''ସେ ସମୟର ଘଟଣା ମନେପଡ଼ିଗଲେ ପୁଣିଥରେ ଫେରିଯିବାକୁ ଇଚ୍ଛାହୁଏ ଗାଁ ମାଟିକୁ।'' 'ସୁଧନ୍ୟା'ରେ ଧାରାବାହିକ ଭାବେ ପ୍ରକାଶ ପାଇଥିବା ଲେଖାଗୁଡ଼ିକୁ ଏକତ୍ର କରି ବିଜୟ ନିଜର ଏ ଆତ୍ମଜୀବନୀଟିକୁ ଗ୍ରନ୍ଥରୂପ ଦେଇଛନ୍ତି। ଚଣାହାଟକୁ ଅଷ୍ଟମଙ୍ଗଳା ଭାର ନେଇ ଯିବାବେଳେ ଅମାନିଆ ବଳଦ ଶଗଡ଼କୁ ପାଣିଦଣ୍ଡା ଭିତରକୁ ନେଇଯିବା ଓ ଭାରହାଣ୍ଡି ଭାଙ୍ଗିଯିବାର ବର୍ଣ୍ଣନା ହେଉ ବା ସାନମା'ଙ୍କ କଥା ହେଉ– କେଉଁ କଥାକୁ ମନଖୋଲି କହିବାରେ ଲେଖକଙ୍କର କାର୍ପଣ୍ୟ ନାହିଁ। କଥା ମଝିରେ ନିଜ ରଚିତ କବିତାର ଛୁଙ୍କ ବହିଟିକୁ ରସାସ୍ୱାଦ୍ୟ କରିଛି।

### ଚନ୍ଦ୍ରାବଳୀ




**କବି:** ଅଜୟ କୁମାର ବେହେରା
**ପ୍ରକାଶକ:** ଅଳକା, ଗୋପାଳସାଗର, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୫/-

ବହିର ପ୍ରଚ୍ଛଦଲେଖରେ କୁହାଯାଇଛି– ''ପୁରାଣକଳ୍ପ ଆଧାରରେ ସାଧାରଣ ଜୀବନଚର୍ଯ୍ୟାକୁ ନେଇ ରଚିତ କାବ୍ୟଗ୍ରନ୍ଥ 'ଚନ୍ଦ୍ରାବଳୀ'। x x ଏହି କାବ୍ୟଗ୍ରନ୍ଥରେ ନାରୀ ମନସ୍ତତ୍ତ୍ୱର ଗଭୀର ଭାବାବେଗର ଉଚ୍ଛ୍ୱାସ ଓ ଉତ୍ତରଣ ଦେଖିବାକୁ ମିଳେ। x x ଗ୍ରନ୍ଥରେ ସନ୍ନିବେଶିତ କବିତାଗୁଡ଼ିକ ପ୍ରେମାପ୍ଲୁତ କବିଙ୍କ ନିଜସ୍ୱ ଧାରାରେ।'' ଏଇ ଗୌରଚନ୍ଦ୍ରିକା ନେଇ ବହି ଭିତରକୁ ପଶିଲେ କବିଙ୍କ କବିତା ଯେ ପୌରାଣିକ ଚରିତ୍ର 'ଚନ୍ଦ୍ରାବଳୀ'କୁ ନୂଆ ସମୟର ପ୍ରେକ୍ଷାପଟରେ ତୋଳି ଧରିବାର ଏକ ଉପକ୍ରମ ତାହା ବୁଝାଯାଏ। କିନ୍ତୁ ଅଲକ୍ଷ୍ୟ ରହେନାହିଁ ଯେ ଏ 'ଚନ୍ଦ୍ରାବଳୀ' ପୁରାଣର ହୋଇ ବି ଏକ ନୂଆ ଚନ୍ଦ୍ରାବଳୀ। ''ଅନେକ ଦିନରୁ ଚାହିଁ ରହିଛି ମୁଁ/ ପୁଣି ଥରେ ତୁମ ପାଖେ ବିବସନା ହୋଇ/ ମାଗୁଥାଆନ୍ତି ଦିଅ ମୋର ଲୁଗାପଟା ମିଛିମିଛିକାରେ'', ପୁଣି ''ମୋ' କାନ୍ଧରେ ତୁମ କାନ୍ଧ ଛୁଇଁଗଲା ପରେ/ ମୋର ଖାଲି ମନେପଡ଼େ/ ତୁମେ ମୋତେ ଦେଇଥିବା କଥା''– ଏ ଦୁଇଟି ପୃଥକ୍ ପଙ୍କ୍ତିରେ ସମୟର ଅତୀତ ଓ ବର୍ତ୍ତମାନ ଏକାଠି ହୋଇଯାଇଥିବାର ଏକ ଅନନ୍ୟ ପ୍ରେମାନୁଭବକୁ ଚିହ୍ନରା ପାଠକେ ଅବଶ୍ୟ ଚିହ୍ନିବେ। କବିତାଗୁଡ଼ିକ ଜଣେ ଜଣକୁ କହୁଥିବାର ଶୈଳୀରେ ବେଶ୍ ମନୋଜ୍ଞ ଶବ୍ଦାବଳୀରେ ରୂପାୟିତ। 'ଚନ୍ଦ୍ରାବଳୀ ବହୁ କ୍ଷେତ୍ରରେ ସାଧାରଣ ମାନବୀ ପରି' ଓ 'ମାନବୀୟ ଚେତନାସିକ୍ତ'– 'ପୃଷ୍ଠବନ୍ଧ'ରେ କବିଙ୍କର ଏହି ଉଲ୍ଲେଖରୁ ମନେହୁଏ, କବି 'ଚନ୍ଦ୍ରାବଳୀ' ଭିତର ଦେଇ ନିଜର ପ୍ରେମାନୁଭବକୁ ହିଁ ରସୋତ୍ତୀର୍ଣ୍ଣ କରିବାକୁ ଚାହିଁଛନ୍ତି। ବହିଟିର ୬୦ଟିଯାକ ପରିଚ୍ଛେଦ ପାଠିକାପାଠକଙ୍କୁ ଯେ ବାନ୍ଧିରଖିବ, ଏ ଆଶା କରାଯାଇପାରେ।

## ଫୁଲ ଫୁଟିବାର କଥା

**ଚିନ୍ମୟୀ ପଣ୍ଡା**

ମୋ' ବଗିଚାରେ ଚୁପ୍‌ଚାପ୍ ଫୁଲ ଫୁଟୁଥାଏ।

ରଙ୍ଗର ଇନ୍ଦ୍ରଧନୁ ତୋଳି
ପାଖୁଡ଼ା ମେଲି
ପବନର ସୁରେ ନାଚୁଥାଏ ଢଳିଢଳି।

ମୋ' ବଗିଚାରେ ପ୍ରଜାପତି ଉଡ଼େ ଚୁପ୍‌ଚାପ୍।

ସୁନ୍ଦର ଡେଣା ମେଲେଇ
ଫୁଲରୁ ରଙ୍ଗ ଚୋରେଇ
ହସି ହସାଇ
ଖୁସିରେ ମତୁଆଲା ହେଇ।

ମୋ' ବଗିଚାକୁ ଭଅଁର ଆସେ
ବସିଯାଏ ଫୁଲ ଉପରେ
ମଧୁ ପାନ କରେ
ରଙ୍ଗକୁ ନଷ୍ଟ କରେ–

ଯାହା କରେ କ'ଣ ଫୁଲକୁ ପଚାରି କରେ ?

ମୋ' ବଗିଚାକୁ କେତେ କୀଟପତଙ୍ଗ ଆସନ୍ତି
କିଏ ଫୁଲର ପାଖୁଡ଼ା ଖାଏ,
ମଞ୍ଜି କେଶରକୁ ବିଦାରି ଦିଏ,
କିଏ ତା' ସବୁଜ ରସ ପିଏ,

ଯେ ଯାହା କରେ କ'ଣ ଫୁଲକୁ ପଚାରି କରେ ?

ତଥାପି କେମିତି କାହିଁକି
ଭଅଁର ବସୁ
ପ୍ରଜାପତି ହସୁ
କୀଟ ଖୁମ୍ପି ନଷ୍ଟଭ୍ରଷ୍ଟ କରୁ।

ଫୁଲ ତଥାପି ହସୁଥାଏ
ମୋ' ବଗିଚାରେ ଚୁପ୍‌ଚାପ୍ ଫୁଲ ଫୁଟୁଥାଏ।

ମୋ: ୯୮୬୧୧୯୧୯୬୯

## ଜାଲ

**ଡ. ଦୀପକ କୁମାର ମିଶ୍ର**

ଜାଲ ସୂତାରେ ବୁଣାହେଉ କି ସୁନାପାତରେ
କେହି ଜଣେ ତ
ଜିଅନ୍ତା ଛଟପଟ ହେବାଟା ଧାର୍ଯ୍ୟ,
ତମ ପ୍ରେମରେ ଧରାପଡ଼ି
ବହୁଦିନୁ ମୁଁ ଆବଦ୍ଧ, ଅନ୍ଧ
ଅୟସ ମନର ଆକ୍ୱାରିୟମ୍‌ରେ
ଯମ ସହିତ ନିତି ମୋର ଯୁଦ୍ଧ।

ଫୁଲର ଜାଲରେ ଭଅଁର
ଧୀବର ଜାଲରେ ମାଛ
ଅସୂୟାର ଜାଲରେ ମଣିଷ
ଦ୍ୱେଷର ଜାଲରେ ଦେଶ
ଯୁଦ୍ଧର ଜାଲରେ ବିଶ୍ୱ
ସମସ୍ତେ ଅଣନିଃଶ୍ୱାସୀ, ରୁଦ୍ଧ।

ହେଇଯା'ନ୍ତି କି ମୂଷାଟିଏ
ଚିକିଚିକି ମୁନିଆଁ ଦାନ୍ତରେ
କାଟିଦେଇ ମାୟାମୋହର
ଝୁମୁକା ବନ୍ଧା ଜାଲଟିକୁ
ମାରନ୍ତି ଡିଆଁଟିଏ,
କାଣିଚାଏ ଶାନ୍ତିରେ ନିଃଶ୍ୱାସ।

ମୋ: ୮୨୮୦୨୧୧୦୦୦

କ ବି ତା

## ଏମିତି ଜୀବନ

**ସାଗରିକା ପଟ୍ଟନାୟକ**

**ସମ୍ପର୍କ**
ରକ୍ତସମ୍ପର୍କ ଛଡ଼ା
ଅନ୍ୟ ସମ୍ପର୍କଗୁଡ଼ାକ
ଭାରି ପାଣିଚିଆ
ସ୍ୱାର୍ଥ ସରିଲେ
କାହାଣୀ ସରିଯାଏ
ଗଛ ମରେନା
ହେଲେ ଫୁଲ ଝଡ଼ିଯାଏ...

**ଲୁହ**
ଜହ୍ନ ରାତିରେ
ତାରା କାହିଁକି କାନ୍ଦେ
ନିଜକୁ ନିଜେ ପଚାରିଲି
ମନ କହିଲା
ଲୁହଗୁଡ଼ାକ ପୋଛି ଦେ
ସେ ଡେର୍ ଦିନୁ ତୋତେ ଭୁଲିଗଲାଣି...

**ଜୀବନ**
ଫିକ୍‌କିନା ହସୁ ହସୁ
ସ୍ୱପ୍ନଟା ସରିଗଲା
ଚିହ୍ନା ସକାଳରେ
ନିଦୁଆ ଆଖିକୁ ଦେଖି
ସୂର୍ଯ୍ୟମୁଖୀ କହିଲା
ଫେରିଯିବା ତ ପ୍ରକୃତିର ନିୟମ
ହୃଦୟ ଦୁଆର ଖୋଲାଥାଉ
ଏସନ ଫଗୁଣରେ କେହି କାଳେ ଆସିବ...
ଧେତ୍... ଏତେ କଥା...

ମୋ: ୯୮୬୧୭୫୦୨୯୨

ଗୀତି-କବିତା

## କେମିତି କହିବି କୁହ

**ଜନ୍ମେଜୟ ପଣ୍ଡା**

କାଚ କାନ୍ଥଟିଏ ଗଢ଼ିଦେଲା ପରେ
କେମିତି କହିବି କୁହ,
କାଇଁଚମାଳିକୁ ମୁକୁତା ଭାବିକି
କେତେ ମୁଁ ଢାଳୁଛି ଲୁହ।

ପତଙ୍ଗଟିଏକୁ ଦେଖ ଯାଇ ଥରେ
କେତେ ଦୁଃଖ ତା'ର ଭବେ,
ସଞ୍ଜ ଅନ୍ଧାରରେ ନୀଳ ନିଆଁ ଦେଖି
ଜିଅନ୍ତା ମରଣ ଲଭେ।

କଳଙ୍କକୁ କିଆଁ କଜଳ କରିଣ
କୁରୁଳି ଉଠୁଛ ଏକା,
କଳା ଆଖି ତଳେ କୋହ ଉଚ୍ଛୁଳିଲେ
କଜଳ ବି ଲାଗେ ଫିକା।

କାଳନାଗ ପରି ପ୍ରେମର ଦଂଶନ
କେତେଯେ ବିବଶ କରେ,
କଳା ଅନ୍ଧାରକୁ ପଚାରିବ ଯାଇ
କେତେ ସେ ଆଲୁଅ ଝୁରେ।

କାହିଁକି କହିଲ ପ୍ରାପ୍ତି ଦେଖିବନି
କରିଲେ କାହାକୁ ପ୍ରେମ,
କିଏ ଏଠି କୁହ ପାଇବା ଆଶାରେ
କାନ୍ଦିନାହିଁ ଗୋଟେ ଦିନ!

ମୋ: ୭୦୦୮୭୫୨୬୩୧

## କାଳକାଳକୁ

''ସେଇ ବହିଟି ମହତ୍ତ୍ୱପୂର୍ଣ୍ଣ, ଯାହା ଆପଣଙ୍କ ପାଇଁ କିଛି ଅର୍ଥ ରଖେ।''
– ୱିଲିୟମ୍ ସମରସେଟ୍ ମମ୍



**ୱିଲିୟମ୍ ସମରସେଟ୍ ମମ୍‌ଙ୍କ** ଜନ୍ମ ୨୫ ଜାନୁଆରୀ ୧୮୭୪ରେ ଓ ପରଲୋକ ୧୬ ଡିସେମ୍ବର ୧୯୬୫ରେ, ଫ୍ରାନ୍ସରେ। ଡାକ୍ତରୀ ପାସ୍ ସତ୍ତ୍ୱେ ଚିକିତ୍ସା ସେବାକୁ ବୃତ୍ତି ନ କରି ସେ ତାଙ୍କର ସମଗ୍ର ଜୀବନ ସାହିତ୍ୟ ପାଇଁ ଉତ୍ସର୍ଗ କରିଛନ୍ତି। ୧୮୯୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ଲିଜା ଅଫ୍ ଲାମ୍ବେଥ୍' ପ୍ରକାଶ ପାଇଥିଲେ ବି ଆଗ ନାଟକ ପାଇଁ ତାଙ୍କୁ ଖ୍ୟାତି ମିଳିଛି। ତାଙ୍କର ମୋଟ ନାଟକ ସଂଖ୍ୟା ୩୨ ଓ ୧୯୩୩ରେ ଶେଷ ନାଟକଟି ଲେଖିବା ପରେ ନାଟକ ରଚନା ଛାଡ଼ି ସେ ଉପନ୍ୟାସ ଓ ଗଳ୍ପଲେଖାରେ ମନୋନିବେଶ କରିଛନ୍ତି। ତାଙ୍କର ପ୍ରସିଦ୍ଧ ଉପନ୍ୟାସ ଓ ଗଳ୍ପ ମଧ୍ୟରେ ରହିଛି– ଉପନ୍ୟାସ: 'ଅଫ୍ ହ୍ୟୁମାନ୍ ବଣ୍ଡେଜ୍' (୧୯୧୫), 'ମୁନ୍ ଆଣ୍ଡ ସିକ୍ସପେନ୍‌ସ' (୧୯୧୯), 'ଦ ପେଣ୍ଟେଡ୍ ଭେଲ୍' (୧୯୨୫) ଓ 'ଦ ରେଜର୍‌ସ ଏଜ୍ (୧୯୪୪) ; ଗଳ୍ପ: 'ଦ କାଜୁଆରିନା ଟ୍ରି' (୧୯୨୬) ଓ 'ଦ ମିକ୍ସଚର୍ ଏଜ୍ ବିଫୋର୍' (୧୯୪୦)।

# ପାପର ବାପ

ଲଘୁ ଗଳ୍ପ

**ସନ୍ତୋଷ ମିଶ୍ର**

ଥରେ ଜଣେ ଗଣିକା ମନରେ ଭାବାନ୍ତର ସୃଷ୍ଟି ହେଲା– ନିଜର ରୂପଯୌବନ ଅଗଣିତ ପୁରୁଷମାନଙ୍କୁ ସମର୍ପି ସେମାନଙ୍କର ଦୈହିକକ୍ଷୁଧା ନିବାରଣ କଲା ସିନା, ପ୍ରତିବଦଳରେ ପାଇଲା କ'ଣ! ପାପର ସ୍ୱାକ୍ଷର ଥିବା ପୁଳାପୁଳା ଟଙ୍କା! ହେଲେ ଯୌବନ ଢଳିଗଲା ପରେ ସେ କରିବ କ'ଣ! ପାପପଙ୍କିଳ ସଂସାରରେ କେତେଦିନ ଆଉ ଘାଣ୍ଟି ହେବ! କିଏ ତାକୁ ଦେଖାଇବ ମୁକ୍ତିର ମାର୍ଗ!

ସାଧୁ, ସନ୍ନ୍ୟାସୀ, ବ୍ରାହ୍ମଣ ଓ ବୈରାଗୀ ସମସ୍ତଙ୍କୁ ନିବେଦନ କଲା ମୁକ୍ତିର ମାର୍ଗ ପାଇଁ। ପ୍ରତ୍ୟେକ ସମ୍ପ୍ରଦାୟ ପରାମର୍ଶ ଦେଲେ ସେମାନଙ୍କ ସେବା ହିଁ ମୁକ୍ତିର ମାର୍ଗ। ମାତ୍ର ସେମାନଙ୍କ ପରାମର୍ଶ ସେ ଗ୍ରହଣ କରିପାରିଲା ନାହିଁ।

ଶେଷରେ ସମସ୍ତ ଗଣିକାଙ୍କୁ ନେଇ ସେ ଏକ ସତ୍‌ସଂଗର ଆୟୋଜନ କଲା। ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରାଗଲା। ଅନତିଦୂରରେ ଜଣେ ସାଧୁଙ୍କର ଆଶ୍ରମ ଥିଲା। ଗଣିକାମାନେ ସତ୍‌ସଂଗ ଆୟୋଜନ କରୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ। ସେ କାହାକୁ କିଛି ନ କହି ପେଯନଳାରେ ବହି ଯାଉଥିବା ପେଯ ପାଖରେ ବସି ହାତ ଧୋଇବାକୁ ଲାଗିଲେ। କୌତୂହଳବଶତଃ ଗଣିକା ସାଧୁଙ୍କ ପାଖକୁ ଆସି କହିଲା– ''ସାଧୁ ମହାରାଜ! ପେଯରେ କ'ଣ ହାତ ସଫାହୁଏ ?'' ସାଧୁ କହିଲେ– ''ତମେମାନେ ତା'ହେଲେ ସତ୍‌ସଂଗ କରୁଚ କିପରି। ମଇଳା ପାଣିରେ କ'ଣ ମଇଳା ସଫାହୁଏ।'' ସାଧୁଙ୍କ ଇଙ୍ଗିତ ଗଣିକା ବୁଝିପାରିଲା। ତାଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା– ''ହେ ସାଧୁ ମହାରାଜ! ଆପଣ ମୋତେ ଶିଷ୍ୟା ଭାବେ ଗ୍ରହଣ କରି ମୁକ୍ତିର ମାର୍ଗ ଦେଖାନ୍ତୁ।'' ସାଧୁ ଗଣିକା କଥାରେ ରାଜି ହେଲେ।

ନିକଟବର୍ତ୍ତୀ ଗାଁରେ ଜଣେ ପଣ୍ଡିତ ରହୁଥିଲେ। ଦିନେ ତାଙ୍କ ସ୍ତ୍ରୀ ପଚାରିଲେ– ତମେ ତ ଏତେ ପାଠ ପଢ଼ିଚ, କହିଲ ଦେଖି ପାପର ବାପ କିଏ ? ପଣ୍ଡିତେ ଯେମିତି ଆକାଶରୁ ଖସି ପଡ଼ିଲେ। ଆରେ ମୁଁ ତ ଏ ପ୍ରଶ୍ନର ଉତ୍ତର ଜାଣିନି। ଏତେ ପାଠ ପଢ଼ିବା ବୃଥା ହେଲା ଯାହା। ତା'ପରେ ସ୍ତ୍ରୀକୁ କହିଲେ– ହଉ, ଦୁଇଦିନ ସମୟ ଦିଅ।

ପଣ୍ଡିତେ ଦୁଇଦିନ କାଳ ସବୁ ବହି ଖେଳାଖେଳି କରି ଠିକ୍ ଉତ୍ତର ପାଇଲେ ନାହିଁ। ଭାବିଲେ, ଆହୁରି ବୋଧେ କିଛି ପାଠ ବାକି ରହିଗଲା। ତେଣୁ ପାଠ ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁମାନଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ବାହାରିଲେ କଶ୍ମୀର।

ବାଟରେ ଗଣିକା ସହିତ ଦେଖାହେଲା। ଗଣିକା କହିଲା– ପଣ୍ଡିତ ମହାଶୟ, ପ୍ରଣାମ। କୁଆଡ଼େ ବାହାରିଲେ। ପଣ୍ଡିତ କହିଲେ– କଶ୍ମୀର ଯାଉଚି। ଗଣିକା ପଚାରିଲା– କାହିଁକି ? ଆପଣ ପରା ଏଇ କିଛିଦିନ ହେଲା ଆସିଛନ୍ତି କଶ୍ମୀରରୁ। ଶୁଣିଥିଲି ଆପଣଙ୍କ ପାଠପଢ଼ା ସରିଯାଇଛି। ପଣ୍ଡିତ କହିଲେ– ହଁ ଯେ, ମୋ' ସ୍ତ୍ରୀ ଗୋଟେ ପ୍ରଶ୍ନ ପଚାରିଲା। ମୁଁ ଉତ୍ତର ଦେଇ ପାରିଲିନି ତ ସେଥିପାଇଁ ଯାଉଚି। ଗଣିକା ପଚାରିଲା– କି ପ୍ରଶ୍ନ ? ପଣ୍ଡିତ କହିଲେ– ପାପର ବାପ କିଏ ? ଗଣିକା କହିଲା– ଏ ପ୍ରଶ୍ନର ଉତ୍ତର ତ ମୋ' ପାଖରେ ଅଛି। ସେଥିପାଇଁ ଆପଣଙ୍କୁ ଆମ ଘରକୁ ଆସିବାକୁ ପଡ଼ିବ। ପଣ୍ଡିତ ଭାବିଲେ– କଶ୍ମୀର ଗଲେ ଧନ ହାନି, ପ୍ରାଣ ପୀଡ଼ା। ଯଦି ୟାଙ୍କଠୁଁ ଉତ୍ତର ମିଳିଯାଏ ତା'ହେଲେ ଭଲ କଥା।



ପଣ୍ଡିତେ ଗଣିକାଘରକୁ ଗଲେ। ଗୋଡ଼ ଧୋଇ ସାରି ଆସନରେ ବସିଲେ। ଗଣିକା କହିଲା– ଆଜ୍ଞା ପ୍ରଥମ ଥର ପାଇଁ ଆମ ଘରକୁ ଆସିଛନ୍ତି। କ'ଣ ଟିକେ ପାଟିରେ ଦେଲେ ଭଲହୁଅନ୍ତା। ପଣ୍ଡିତେ କହିଲେ– ରାମ ରାମ, ତମ ଘରେ ଖାଇବି କ'ଣ, ପାଣି ସୁଦ୍ଧା ପିଇବି ନାହିଁ। ଗଣିକା ଗୋଟେ ଥାଳିରେ ଶହେ ଟଙ୍କା ତାଙ୍କ ଆଗରେ ରଖିଲା। କହିଲା– ଆଜ୍ଞା ତା'ହେଲେ ବାହାରୁ ଜଳଖିଆ ମଗେଇ ଦଉଚି। ପୁଣି ଶହେ ଟଙ୍କା ଥାଳିରେ ରଖିଲା। ପଣ୍ଡିତେ କହିଲେ– ହଉ। ଜଳଖିଆ ପ୍ୟାକେଟ ଆସିବା ପରେ ଗଣିକା ଆଉ ଶହେ ଟଙ୍କା ଥାଳିରେ ରଖି କହିଲା– ଆଜ୍ଞା ପ୍ଲେଟରେ ବାଢ଼ିଦେବି କି ? ପଣ୍ଡିତେ ଟଙ୍କା ଆଡ଼େ ଚାହିଁ କହିଲେ– ହଉ। ପୁଣି ଶହେ ଟଙ୍କା ଥାଳିରେ ରଖି ଗଣିକା କହିଲା– ଆଜ୍ଞା ମୁଁ ଆପଣଙ୍କୁ ଖୁଆଇଦେବି କି ? ପଣ୍ଡିତେ ଦେଖିଲେ– ଚାରିଶହ ଟଙ୍କା ଥାଳିରେ ସେ ରଖି ସାରିଲାଣି। କହିଲେ– ହଉ। ଗଣିକା ପଣ୍ଡିତଙ୍କୁ ଜଳଖିଆ ଖୁଆଇ ଦେବା ପାଇଁ ତାଙ୍କ ପାଟି ପାଖକୁ ହାତ ନେଲା... ପଣ୍ଡିତେ ଖାଇବା ପାଇଁ ଆଁ କଲାବେଳକୁ ଗଣିକା ପଣ୍ଡିତଙ୍କ ଗାଲରେ ଗୋଟିଏ ଶକ୍ତଚାପୁଡ଼ା କଷିଦେଲା। ପଣ୍ଡିତେ ଗାଲ ଆଉଁଶି କହିଲେ– ମାରିଲୁ କାହିଁକି ? ଗଣିକା କହିଲା– ଏଥର ଜାଣିଲେ ତ ପାପର ବାପ କିଏ ? ପଣ୍ଡିତ କହିଲେ– ଟଙ୍କା!

ଗଣିକା କହିଲା– ନା। ମୋତେ ଛୁଇଁଲେ ପାପ ବୋଲି ଭାବୁଥିଲେ। ହେଲେ ଟଙ୍କା ପାଇବାର ଲୋଭ ଆପଣଙ୍କୁ ଏମିତି ଗ୍ରାସିଲା ଯେ ଆପଣ ମୋ' ହାତରୁ ଖାଇ ପାପ କରିବା ପାଇଁ ପ୍ରସ୍ତୁତ ହୋଇଗଲେ। ଅତଏବ ପାପର ବାପ ହେଉଛି ଲୋଭ।

ମୋ: ୭୦୦୮୨୩୭୬୫୦



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ